

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୪ ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୦୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.174 Bhubaneswar, Saturday, March 08, 2025

# ଭୟଙ୍କର ବାତ୍ୟାର ସାମନା କରିବ ଅଷ୍ଟ୍ରେଲିଆ



ନୂଆଦିଲ୍ଲୀ,୭/୩: ଅଷ୍ଟ୍ରେଲିଆର ପୂର୍ବତଟରେ ମାଡ଼ିଆସୁଛି ବାତ୍ୟା ଆଲଫ୍ରେଡ । ଛାନିଆ ହୋଇପଡ଼ିଛନ୍ତି ଲକ୍ଷାଧିକ ଲୋକ । ଭୀଷଣ ବେଗରେ ପବନ ବହିବା ସହ ସମୁଦ୍ର ଜୁଆର ବଢ଼ିବାରେ ଲାଗିଛି । ସମୁଦ୍ର ଲହରୀ ଯୋଗୁଁ ତଟବର୍ତ୍ତୀ ଇଲାକାରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଅଷ୍ଟ୍ରେଲିଆରେ ଗତ ୫୦ ବର୍ଷ ଭିତରେ ଏପରି ବିଶାଳ ବାତ୍ୟା ଆଶଙ୍କା ଥିବା କୁହାଯାଉଛି । ଅଷ୍ଟ୍ରେଲିଆ ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି କିମ୍ବା ଶନିବାର ସକାଳେ ବାତ୍ୟା ଆଲଫ୍ରେଡୋ ଲ୍ୟାଣ୍ଡଫଲ୍ କରିବା ନେଇ ଆଶଙ୍କା ରହିଛି । ବାତ୍ୟା ପ୍ରଭାବରେ ଉତ୍ତର-ନ୍ୟୁ ସାଉଥ୍ ୱେଷ୍ଟରେ ଜୋରରେ ପବନ ବହିବା ଦ୍ୱାରା ୩୫ ହଜାର ଘରୁ ବିଜୁଳି ସଂଯୋଗ କଟିଯାଇଛି । ଲୋକଙ୍କ ପାଖରେ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି । ଲୋକଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥିବାବେଳେ ସମୁଦ୍ର ପାଖକୁ ଗଲେ ୮ ଲକ୍ଷ ୭୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି । ଯାହା ଫଳରେ ପାଖାପାଖି ୨୫ ଲକ୍ଷ ଲୋକଙ୍କ ଉପରେ ଏବେ ଆଲଫ୍ରେଡର ବିପଦ ରହିଛି । ଦେଶର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ଘୂର୍ଣ୍ଣିଝଡ଼ ଆଲଫ୍ରେଡର ଗମ୍ଭୀର ବିପଦ ପାଇଁ ଉପକୂଳବର୍ତ୍ତୀ ସହରଗୁଡ଼ିକର ବାସିନ୍ଦାଙ୍କୁ ପ୍ରସ୍ତୁତ ରହିବାକୁ କହିଛନ୍ତି । ଦକ୍ଷିଣ-ପୂର୍ବ କ୍ୱିନ୍ସଲ୍ୟାଣ୍ଡ ଏବଂ ଉତ୍ତର ନ୍ୟୁ ସାଉଥ୍ ୱେଲ୍ସ ଆଡକୁ ସବୁଠାରୁ ବଡ଼ ଝଡ଼ ଆସୁଛି, ଯାହା ପ୍ରାୟ ୧୦୦୦ କିଲୋମିଟର ଅଞ୍ଚଳରେ ଧ୍ୱଂସ ଘଟାଇପାରେ । ସମୁଦ୍ରରେ ସୃଷ୍ଟି ହେଉଥିବା ଝଡ଼କୁ ଘୂର୍ଣ୍ଣିବାତ୍ୟା କୁହାଯାଏ । ଯେତେବେଳେ ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୭୪ ମାଇଲ କିମ୍ବା ତା'ଠାରୁ ଅଧିକ ହୋଇଥାଏ । ଆଲଫ୍ରେଡର ବେଗ ଘଣ୍ଟା ପ୍ରତି ୯୬ ମାଇଲ, ତେଣୁ ଏହି ଘୂର୍ଣ୍ଣିଝଡ଼ ବ୍ରିସବେନ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିପାରେ ।

# ବିଧାନସଭାରେ 'ବିଜୁ' ଝଡ଼



ଭୁବନେଶ୍ୱର, ୭/୩: ପୁଣି ହଟ୍ଟଗୋଳ, ପୁଣି ମୁଲତବୀ । ବିଧାନସଭାରେ ଉଠିଛି 'ବିଜୁ' ଝଡ଼। ଗୃହ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ ଓ ହଙ୍ଗାମା । ପରିସ୍ଥିତି ଏମିତି ହେଲା କି ପ୍ରଥମେ ୧୨ଟା ଓ ପରେ ପୁଣି ୪ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ଆଜି ବିଧାନସଭା ଅଧିବେଶନ ଆରମ୍ଭରୁ ବିଜେଡି ବିଧାୟକମାନେ ପଞ୍ଚାୟତ ଦିବସ ତାରିଖ ବଦଳାଇବା ଯୋଗୁଁ ବିଜୁ ବାବୁଙ୍କୁ ଅସମ୍ମାନ ହୋଇଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଏପରିକି, ବିଜେଡି ବିଧାୟକମାନେ ଏତେ ଅଧୈର୍ଯ୍ୟ ହୋଇପଡ଼ିଥିଲେ ଯେ, ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ହୋ ହଲ୍ଲା କରିଥିଲେ । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ବିଜେଡି ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ । ଗୃହକୁ ସ୍ୱାଭାବିକ କରିବାକୁ ବହୁ ଚେଷ୍ଟା କରିଥିଲେ ବାଚସ୍ପତ ସୁରମା ପାଢ଼ୀ । ତେବେ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ । ସେପଟେ ଗୃହ ମୁଲତବୀ ହେବା ପରେ ବାହାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବିଜେଡି ସଦସ୍ୟ । ସେପଟେ ବିଜେଡିର ଅଭିଯୋଗକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପଞ୍ଚାୟତରାଜ ମନ୍ତ୍ରୀ ରବି ନାଏକ । ସେ କହିଛନ୍ତି, 'ବିଜୁ ବାବୁ' କେବଳ ବିଜେଡିର ନୁହଁନ୍ତି । ବିଜୁ ବାବୁଙ୍କୁ ବ୍ୟବହାର କରି ବିଜେଡି ରାଜନୀତି କରୁଛି । ବିଜୁଙ୍କୁ ସମ୍ମାନ କଥା କହୁଥିବା ଦଳର ପାର୍ଟି ଅଫିସ୍‌ରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଟିଏ ନାହିଁ । ଆଜି କିଛି ଏଭଳି କହି କଡ଼ା ଭାଷାରେ ବିଜେଡିକୁ ସମାଲୋଚନା କରିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ। ବିଜେଡି ବିଜୁ ବାବୁଙ୍କୁ ବ୍ୟବହାର କରି ରାଜନୀତି କରିଛି । ସମ୍ମାନ କଥା କହି ତାଙ୍କୁ ବାରମ୍ବାର ଅସମ୍ମାନ କରିଛି। ବିଜୁ ବାବୁଙ୍କୁ ମୋହନ ମାଝୀଙ୍କ ସରକାର ସବୁବେଳେ ଆଗ ଧାଡ଼ିରେ ରଖିଛି । ଗଲା ନିର୍ବାଚନରେ ବିଜୁ ବାବୁଙ୍କ ଫଟୋ କାଢ଼ି ଦେଇଥିଲା ବିଜେଡି । ଏବେ ପାଦ ତଳୁ ମାଟି ଖସିଗଲାଣି ବୋଲି ବିଜୁଙ୍କୁ ନେଇ ରାଜନୀତି କରୁଛି ଦଳ ।

## ବାୟୁସେନାର ଜାଗୁଆର ବିମାନ ଦୁର୍ଘଟଣାଗ୍ରସ୍ତ

ହରିୟାଣା,୭/୩: ଟ୍ରେନିଂ ବେଳେ କ୍ରାସ୍ ହେଲା ବାୟୁସେନାର ଜାଗୁଆର ବିମାନ । ଭାରତୀୟ ବାୟୁସେନାର ଏକ ଜାଗୁଆର ଲଢୁଆ ବିମାନ ଆଜି ହରିୟାଣାର ପଞ୍ଚକୁଲାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତାଲିମ ଉଡ଼ାଣ ପାଇଁ ବିମାନଟି ଅମ୍ବାଲା ଏୟାରବେସ୍ରୁ ଉଡ଼ାଣ ଭରିଥିଲା। ପାଇଲଟ ବିମାନରୁ ସୁରକ୍ଷିତ ଭାବେ ବାହାରକୁ ବାହାରିବାରେ ସଫଳ ହୋଇଥିଲେ। କ୍ରାସ୍ ପରେ ପାରାଚ୍ୟୁଟରେ ଓହ୍ଲାଇ ପଡିଥିଲେ ପାଇଲଟ୍ । ଭାରତୀୟ ବାୟୁସେନା ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁସାରେ, ହରିୟାଣା ପଞ୍ଚକୁଲାର ମୋରନିର ପାହାଡ଼ିଆ ଅଞ୍ଚଳର ବାଲଡୱାଲା ଗାଁ ନିକଟରେ ଏହି ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସମୟରେ ଲଢୁଆ ବିମାନର ପାଇଲଟ ପାରାସୁଟ୍ ସାହାଯ୍ୟରେ ସୁରକ୍ଷିତ ଭାବେ ବାହାରକୁ ବାହାରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।



# ଜିରୋ ଏଫଆଇଆର୍ ନ ରଖିଲେ ନିଲମ୍ବନ – ମୁଖ୍ୟମନ୍ତ୍ରୀ

## ରାଜ୍ୟରେ ୧୪ଟି ଥାନା ଉଦଘାଟିତ, ପୁଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ

ଭୁବନେଶ୍ୱର,୭/୩: ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିର୍ମିତ ଭୁବନେଶ୍ୱର ନୂଆପଲ୍ଲୀ ଥାନା ଗୃହ ସହିତ ରାଜ୍ୟର ଅନ୍ୟ ୧୩ଟି ନବନିର୍ମିତ ଥାନା ଗୃହକୁ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସମୁଦାୟ ୪୧ କୋଟି ୯୯ ଲକ୍ଷ ୫୯ ହଜାର ଟଙ୍କା ବିନିମୟରେ ଏହି ୧୪ଟି ଥାନା ନିର୍ମିତ ହୋଇଥିବା ବେଳେ ଥାନାଗୁଡିକରେ ଅତ୍ୟାଧୁନିକ ଭିତ୍ତିଭୂମି ତଥା ବୈଜ୍ଞାନିକ କାରିଗରୀ କୌଶଳ ନିମିତ୍ତ ଯନ୍ତ୍ରାଂଶ ଉପଲବ୍ଧ ରହିଛି, ଯାହାଦ୍ୱାରା ପୁଲିସ ଅଧିକାରୀ ମାନେ ଅଧିକ ଦକ୍ଷତାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରି ପାରିବେ। ଥାନା ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଲିସ ଅଧିକାରୀମାନଙ୍କୁ କଡ଼ା ତାଗିଦ କରି କହିଛନ୍ତି ଯେ ଥାନାକୁ ଆସୁଥିବା ଲୋକମାନଙ୍କୁ ଭଲ ବ୍ୟବହାର ଦେଖାଇବାକୁ ପଡ଼ିବ। କେହି ଜିରୋ ଏଫଆଇଆର ଦେଲେ ତାକୁ ରଖିବାକୁ ହେବ। ଜିରୋ ଏଫଆଇଆର ନ ରଖିଲେ ନିଲମ୍ବନ କରାଯିବ। ଥାନାରେ ଏତଲା ରଖାଗଲା ନାହିଁ ବୋଲି ଯେମିତି ଶୁଣାଯିବନି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଥାନାରେ କିଭଳି ପୁଲିସ ଶୁଣେନି ତାର ମୁଁ ଭୁକ୍ତଭୋଗୀ। ଗତ ୨୪ ବର୍ଷର ସରକାର ଅମଳରେ ଥାନାରେ କିଛି ଶୁଣା ଯାଉନଥିଲା। ମୁଁ ଏଭଳି ଘଟଣାର ଦୁଇଥର ଭୁକ୍ତଭୋଗୀ। କେନ୍ଦୁଝର ସଦର ଥାନାରେ ମୋତେ ଏଭଳି ଦୁଇଥର ସାମ୍ନା କରିବାକୁ ପଡ଼ିଛି। ଥରେ କେନ୍ଦୁଝର ଥାନା ଆଇଆଇସି ମୋତେ ଦୁର୍ବ୍ୟବହାର କରିଥିଲେ, ତାହା ସମସ୍ତେ ଜାଣନ୍ତି। ଆଉଥରେ ସେହି ସଦର ଥାନାରେ ମଧ ମୋ କଥା ଆଇଆଇସି ଶୁଣିନଥିଲେ। ମୋ ଅଞ୍ଚଳର ଜଣେ ଲୋକଙ୍କୁ ସାଲିଆ ସାହିରେ ହତ୍ୟା କରାଯାଇଥିଲା। ତାଙ୍କ ପତ୍ନୀ ଏବଂ ଆଉ ଜଣେ ତାଙ୍କୁ ହତ୍ୟା କରିଥିଲେ। ଏ ସମ୍ପର୍କରେ ସଦର ଥାନା ପୁଲିସ ଏତଲା ରଖିବାକୁ ମନା କରିଦେଇଥିଲା। ଘଟଣା ଯେଉଁଠି, ସେଇଠି ଏତଲା କରିବାକୁ ପୁଲିସ ରୋକଠୋକ କହିଥିଲା। ମୁଁ ଆଇଆଇସିଙ୍କୁ କହିଲି, ସେ ମୋ କଥାକୁ ବିଲକୁଲ ଶୁଣିଲେ ନାହିଁ। ଏସଡିପିଓଙ୍କୁ କହିଲି, ସେ ଆଇଆଇସିଙ୍କୁ କହିଲେ, ତଥାପି ଶୁଣିଲେନି। ଶେଷକୁ ଏସପିଙ୍କୁ ଫୋନ କରି ମୃତଦେହ ଥାନାରେ ରଖିଦେବି କହିଥିଲି। ଏସପି କହିଲା ପରେ ସେ ଆଇଆଇସି ଏଫଆଇଆର ରଖିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ସ୍ପାଇଡର ଲୁଟେରା ସତୀଶକୁ ଧରିବାକୁ କିଭଳି ନିର୍ଦ୍ଦେଶ ଦେଇଥିଲେ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରୀ ହୋଇଥିଲା। ଚୋର ପାତାଳରେ ଥିଲେ ବି ଧରିବାକୁ ମୁଁ ନିର୍ଦ୍ଦେଶ ଦେଇଥିଲି। ଅତ୍ୟାଧୁନିକ ଟେକ୍ନୋଲୋଜି ବଳରେ ଚୋର ଧରିବାକୁ ନିର୍ଦ୍ଦେଶ ଦେଇଥିଲି। ସବୁବେଳେ ଦ୍ୱିତୀୟ ଓ ତୃତୀୟ ମହଲାକୁ ଟାର୍ଗେଟ କରୁଥିଲା ଲୁଟେରା। ଶେଷରେ ପୁଲିସ ସଫଳ ହେଲା ଏବଂ ସ୍ପାଇଡର ସତୀଶକୁ ଧରିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।



# ଫେରସ୍ତ ଜମି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି

ଭୁବନେଶ୍ୱର,୭/୩: ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପୁରୀ ନିକଟରେ ଅଧିଗ୍ରହଣ ହୋଇଥିବା ପ୍ରାୟ ଦେଢ ହଜାର ଏକର ଜମି ଉପରେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ଏହାକୁ କୌଣସି ପ୍ରକାରେ ହାତେଇବାପାଇଁ ସେମାନେ ଏବେ ଟଙ୍କା ଧରି ବେଲଦଳ ଆଖପାଖରେ ଚକ୍କର କାଟୁଛନ୍ତି । ବିଶ୍ୱବିଦ୍ୟାଳୟ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ସୁପ୍ରିମ୍‌କୋର୍ଟ ବାତିଲ କରିଦେବା ସହ ଜମି ମାଲିକମାନଙ୍କୁ ଅଧିଗୃହୀତ ଜମି ଫେରାଇବାପାଇଁ ପ୍ରାୟ ୨ବର୍ଷ ତଳେ ନିର୍ଦ୍ଦେଶ ଦେଇଥିବାବେଳେ ଏଯାବତ୍ ? କିନ୍ତୁ ଜମି ଫେରସ୍ତ କାମ ଶେଷ ହୋଇନାହିଁ । ତେବେ ଜିଲ୍ଲା ପ୍ରଶାସନ ଇତି ମଧ୍ୟରେ ଜମି ଫେରସ୍ତ କାମ ପାଇଁ କାଗଜପତ୍ର ସଜାଡିବା ଆରମ୍ଭ କରିଛନ୍ତି । ଦୁଇ ବର୍ଷ ତଳେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଐତିହାସିକ ରାୟ ପ୍ରଦାନ କରିବା ସହିତ ଯେଉଁମାନଙ୍କର ଜମି ଅଧିକୃତ ହୋଇଛି ସେହି ଜମି ମାଲିକମାନେ ଏବାବଦରେ ନେଇଥିବା ଅର୍ଥ ଫେରସ୍ତ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ୧୫ରୁ ୧୮ବର୍ଷ ତଳେ ଯେଉଁ ମୂଲ୍ୟରେ ଜମି ଅଧିଗୃହୀତ ହୋଇଥିଲା ଏବେ ସେହି ମୂଲ୍ୟ ଫେରସ୍ତ କରିବାକୁ ପଡିବ । ଜମି ଅଧିଗ୍ରହଣ ବାବଦରେ ଚାଷୀମାନେ ଯେଉଁ ଅର୍ଥ ପାଇଥିଲେ ତାହା ବିଭିନ୍ନ ଭାବେ ଖର୍ଚ୍ଚହୋଇ ସାରିଛି । କେବଳ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଅନ୍ୟ ସରକାରୀ ଜମି ବାବଦରେ ବେଦାନ୍ତ ଠାରୁ ମିଳିଥିବା ଅର୍ଥ ତହବିଲରେ ମହଜୁଦ ଥିବାରୁ ଏହି ଅର୍ଥ ଫେରସ୍ତ ଦିଆଯିବାରେ କିଛି ଅସୁବିଧା ହେବନାହିଁ । ଜମି ଅଧିଗ୍ରହଣ ସମୟରେ ଓଡିଶାରେ ବିଜେଡି-ବିଜେପି ମେଣ୍ଟ ସରକାର ଥିଲା । ସେ ସମୟରେ ପୁରୀ କୋଣାର୍କ ମଝିରେ ଥିବା ବେଲଦଳ ଅଞ୍ଚଳରେ ଜମି ଦର ଯାହାଥିଲା ଏବେତାହା ୧୦ଗୁଣରୁ ଅଧିକ ବଢିଗଲାଣି । ସେହି ଅଞ୍ଚଳରେ ପର୍ଯ୍ୟଟନ ଶିଳ୍ପ ସମେତ ହୋଟେଲ, ଆପାର୍ଟମେଣ୍ଟ ଓ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥା ପାଇଁ ଭଲ ସୁଯୋଗ ରହିଛି । ଏ ପରିପ୍ରେକ୍ଷୀରେ ଅସଲ ଜମି ମାଲିକମାନଙ୍କ ଠାରୁ ଜମି ହାତେଇବାପାଇଁ ବହୁ ଜମି ଦଲାଲ ଓ ବ୍ୟବସାୟିକ ସଂସ୍ଥା ଲାଗି ପଡିଛନ୍ତି । ଏହି ପ୍ରକଳ୍ପ ପାଇଁ ଜମି ଦେଇଥିବା କେତେକ ବ୍ୟକ୍ତି କହୁଛନ୍ତି ଯେ ସେମାନଙ୍କ ନିକଟରେ ଜମି ଫେରସ୍ତ ବାବଦ ଅର୍ଥ ରାଶି ନଥିବାବେଳେ ବିଭିନ୍ନ ସଂସ୍ଥା ସେମାନଙ୍କୁ ଆସି ଏହି ଅର୍ଥ ସେମାନେ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ତେବେ ଲୋକେ କହୁଛନ୍ତି ଯେଉଁ ଜମି ପାଇଁ ସେମାନେ ଲକ୍ଷେ ଟଙ୍କା ପାଇଥିଲେ ଏବେ ଜମି ଦଲାଲମାନେ ଏ ବାବଦରେ ୩ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତୁତ ଥିବାବେଳେ ଏହି ଜମିର ବଜାର ଦର କିନ୍ତୁ ୧୦ଲକ୍ଷ ଟଙ୍କାରୁ ଅଧିକ ହେବ । ଭବିଷ୍ୟତରେ ଏହାର ଦର ଢେର ଅଧିକ ବଢିବାର ସମ୍ଭାବନା ରହିଛି । ଚାଷୀଙ୍କୁ ଚାଷଜମି ଓ ଗଡିଆ ପୋଖରୀ ଆଦି ଫେରସ୍ତ କରିବାଲାଗି ବେଦାନ୍ତ ପାଇଁ ହୋଇଥିବା ଜମି ଅଧିଗ୍ରହଣ ବିରୁଦ୍ଧରେ ମାମଲା ଚାଲିଥିଲା ।

## ବଦଳିବ ନାହିଁ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୭/୩: ଆଜିଠାରୁ ଆରମ୍ଭ ହୋଇଛି ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ। ରେଭେନ୍ସା କଲେଜର ନାମ ପରିବର୍ତ୍ତନକୁ ନେଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଅଣତାରକା ପ୍ରଶ୍ନ କରିଥିଲେ। ରେଭେନ୍ସା କଲେଜର ନାମ ପରିବର୍ତ୍ତନ କରିବାର କୌଣସି ପ୍ରସ୍ତାବ କିମ୍ବା ଯୋଜନା ରାଜ୍ୟ ରଖିଛନ୍ତି କି। ଯଦି ଏଭଳି ଯୋଜନା କିମ୍ବା ପ୍ରସ୍ତାବ ବିଚାରଧିନ ଅଛି ତାର ରୂପରେଖ, କାରଣ ଓ ବିବରଣୀ ପ୍ରଦାନ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏହାର ଲିଖିତ ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଣାଇଛନ୍ତି ଯେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରିବାର ପ୍ରସ୍ତାବ ବର୍ତ୍ତମାନ ରାଜ୍ୟ ସରକାରଙ୍କ ବିଚାରାଧୀନ ନାହିଁ। ସୂଚନା ଅନୁଯାୟୀ, ବିଧାନସଭା ଆରମ୍ଭରୁ ଆଜି ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଗୃହରେ ଉଭୟ ବିଜେଡି ଓ କଂଗ୍ରେସ ପ୍ରବଳ ହୋହାଲ୍ଲା ଓ ନାରାବାଜି କରିଥିଲେ। ବିରୋଧୀ ବିଜେଡି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲା। କାହିଁକି ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସକୁ ବିଜୁ ଜୟନ୍ତୀ ଦିନରୁ ବାତିଲ କରାଗଲା ବୋଲି ବିଜଡ଼ି ପ୍ରଶ୍ନ କରିଥିଲୀ।

# ରାଜ୍ୟରେ ହ୍ୱାଟ୍ସଆପ୍-ଭିତ୍ତିକ ନାଗରିକ ସେବା ଆରମ୍ଭ ହେବ



ଭୁବନେଶ୍ୱର,୭/୩: ଓଡ଼ିଶା ସରକାର ଏବଂ ମେଟା ଏକ ଏକୀକୃତ ହ୍ୱାଟ୍ସଆପ୍ ଚାଟବଟ୍ ଆରମ୍ଭ କରିବାକୁ ଚୁକ୍ତି କରିଛନ୍ତି ଯାହା ରାଜ୍ୟର ୪୫ ନିୟୁତରୁ ଅଧିକ ଲୋକଙ୍କୁ ସମସ୍ତ ସାର୍ବଜନୀନ ସେବା ପ୍ରଦାନ କରିବାକୁ ସକ୍ଷମ ହେବ। ଏହି ଚାଟବଟ୍ ମାଧ୍ୟମରେ, ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା ସହିତ ଡ୍ରାଇଭିଂ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ କରିବା ତଥା ଜାତୀୟ ପରିବାର ଲାଭ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବାଗୁଡ଼ିକୁ ଗୋଟିଏ ହ୍ୱାଟ୍ସଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଲୋକସେବା ଭବନରେ ମୁଖ୍ୟ ସଚିବ ଓଡ଼ିଶା ମନୋଜ ଆହୁଜା, ଉନ୍ନୟନ କମିସନର ଓଡ଼ିଶା ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ସଚିବ ଜିଏ ଆଣ୍ଡ ପିଜି ବିଭାଗ ସୁରେନ୍ଦ୍ର କୁମାର, ମହାନିର୍ଦ୍ଦେଶକ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍ ଜି. ମାଥିଭାଥନନ୍, କମିଶନର ତଥା ସଚିବ ଉଚ୍ଚଶିକ୍ଷା ଅରବିନ୍ଦ ଅଗ୍ରୱାଲ ଏବଂ ପୂର୍ବତନ ସୂଚନା କମିସନର ଏବଂ ପରାମର୍ଶଦାତା ସିୱାଇଏସଡି ଜଗଦାନନ୍ଦଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ) ଓଡ଼ିଶା ସରକାରଙ୍କ ପକ୍ଷରୁ ମେଟା ଇଣ୍ଡିଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟବଟ୍ ୪୨୯ଟି ସରକାରୀ ସେବାକୁ ଗୋଟିଏ ହ୍ୱାଟ୍ସଆପ୍ ନମ୍ବରରେ ସଂଯୁକ୍ତ କରିବ, ଯାହା ଦ୍ୱାରା ନାଗରିକମାନେ ଜନ୍ମ, ମୃତ୍ୟୁ, ଆଇନଗତ ଉତ୍ତରାଧିକାରୀ, ବାସସ୍ଥାନ ଏବଂ ଆୟ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ, ସାର ଲାଇସେନ୍ସ ଇତ୍ୟାଦି ଲାଇସେନ୍ସ ଏବଂ ଆନ୍ତଃଜାତି ବିବାହ ଲାଭ, ଜାତୀୟ ପରିବାର ଲାଭ ଯୋଜନା ଇତ୍ୟାଦି ପ୍ରୋତ୍ସାହନ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପାଇପାରିବେ। ଏହି ଅବସରରେ ଓଡ଼ିଶାର ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶା ସରକାର ନିର୍ବିଘ୍ନ ସାର୍ବଜନୀନ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ, ପ୍ରତ୍ୟେକ ନାଗରିକ ଶେଷ ମାଇଲ ପର୍ଯ୍ୟନ୍ତ ସୁବିଧା ଏବଂ ଦକ୍ଷତା ଅନୁଭବ କରିବେ। ଏହି ପ୍ରତିବଦ୍ଧତା ପ୍ରଯୁକ୍ତିବିଦ୍ୟା ଏବଂ ତାଲିମରେ ଆମର ନିବେଶ ଦ୍ୱାରା ସ୍ପଷ୍ଟ ହୋଇଛି, ଯାହାର ଲକ୍ଷ୍ୟ ହେଉଛି ପ୍ରଶାସନିକ ବାଧା ଦୂର କରିବା ଏବଂ ସାମଗ୍ରିକ ସୁଗମତା ବୃଦ୍ଧି କରିବା।' ଉନ୍ନୟନ କମିସନର ଅନୁ ଗର୍ଗ ଶେଷ ମାଇଲ ପର୍ଯ୍ୟନ୍ତ ସାର୍ବଜନୀନ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ କହିଥିଲେ। ସେ ସେବା ପ୍ରଦାନରେ ଦାୟିତ୍ୱ ଏବଂ ସରଳତା ବିଷୟରେ କହିଥିଲେ ଏବଂ କହିଥିଲେ ଯେ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ଲୋକମାନେ ସହଜରେ ସେବା ପାଇବେ। ଅତିରିକ୍ତ ମୁଖ୍ୟ ସଚିବ ଜିଏ ଏବଂ ପିଜି ବିଭାଗ ସୁରେନ୍ଦ୍ର କୁମାର ଅସୁବିଧାମୁକ୍ତ ସେବା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଶାସନ ସଂସ୍କାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ପ୍ରକ୍ରିୟାଗୁଡ଼ିକର ସରଳୀକରଣ ଏବଂ ସେବାଗୁଡ଼ିକୁ ଅଧିକ ସୁଗମ କରିବାରେ ପ୍ରଯୁକ୍ତିର ସକାରାତ୍ମକ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏମଜିଆଇ ବିନୀତ ଭରଦ୍ୱାଜ କହିଛନ୍ତି,ସାର୍ବଜନୀନ ସେବାର ସହଜ ପ୍ରବେଶ ଓଡ଼ିଶାରେ

## ଓଡ଼ିଶା ସରକାର ଏବଂ ମେଟା ମଧ୍ୟରେ ଚୁକ୍ତି

ଏବେ ବି ଏକ ଚ୍ୟାଲେଞ୍ଜ। ବର୍ତ୍ତମାନ, ଓଡ଼ିଶାରେ ଯେକୌଣସି ସରକାରୀ ସେବାର ପ୍ରବେଶ ପାଇଁ ଚାରୋଟି ପଦ୍ଧତି ଅଛି। ସମ୍ପୃକ୍ତ କାର୍ଯ୍ୟାଳୟକୁ ପରିଦର୍ଶନ କରିବା (ଅଫଲାଇନ୍ ମୋଡ୍), ସମ୍ପୃକ୍ତ ବିଭାଗ/କାର୍ଯ୍ୟାଳୟର ୱେବ୍ ପୋର୍ଟାଲ୍ ପ୍ରବେଶ କରିବା, ସେହି ନିର୍ଦ୍ଦିଷ୍ଟ ସେବାର ନିର୍ଦ୍ଦିଷ୍ଟ ମୋବାଇଲ୍ ଆପ୍ ପ୍ରବେଶ କରିବା, କିମ୍ବା ସହାୟକ ସେବା ମାଧ୍ୟମରେ (ଏକ ସାଧାରଣ ସେବା କେନ୍ଦ୍ର ପରିଦର୍ଶନ କରି)। ସାର୍ବଜନୀନ ସେବା ପ୍ରଦାନ ପାଇଁ ଅଧିକ ଉପଯୋଗୀ ଏବଂ ସୁଗମ ମୋଡ୍‌ର ଆବଶ୍ୟକତାକୁ ସ୍ୱୀକାର କରି, ଆମେ ବିଶ୍ୱାସ କରୁଛୁ ଯେ, ହ୍ୱାଟ୍ସଆପ୍ ନାଗରିକମାନଙ୍କୁ ଗୋଟିଏ ନମ୍ବର ମାଧ୍ୟମରେ ଗୋଟିଏ ପ୍ଲାଟଫର୍ମରେ ଇଚ୍ଛିତ ସେବାଗୁଡ଼ିକ ପାଇବାକୁ ସକ୍ଷମ କରିବ, ଯାହା ସେବାଗୁଡ଼ିକର ଦ୍ରୁତ ଏବଂ ସୁବିଧାଜନକ ପ୍ରବେଶକୁ ସକ୍ଷମ କରିବ। ଆମେ ୨୦୨୫ ଶେଷ ସୁଦ୍ଧା ଓଆରଟିପିଏସଏ ଅଧୀନରେ ଅଧିସୂଚିତ ସମସ୍ତ ସାର୍ବଜନୀନ ସେବା ହ୍ୱାଟ୍ସଆପ୍ ମାଧ୍ୟମରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ, ଯାହା ନାଗରିକମାନଙ୍କୁ ଟେକ୍ସଟ୍ ଏବଂ ଭଏସ୍ ମାଧ୍ୟମରେ ସେଗୁଡ଼ିକୁ ଆକ୍ସେସ୍ କରିବାକୁ ସକ୍ଷମ କରିବ।' ଭାରତରେ ମେଟାର ବ୍ୟବସାୟ ମେସେଜିଂ ନିର୍ଦ୍ଦେଶକ ରବି ଗର୍ଗ କହିଛନ୍ତି, ହ୍ୱାଟ୍ସଆପ୍‌ର ସହଜତା ଏବଂ ସରଳତା ଏହାକୁ ବନ୍ଧୁ ଏବଂ ପରିବାର ସହିତ ସଂଯୋଗ ସ୍ଥାପନ ଠାରୁ ଆରମ୍ଭ କରି ଟିକେଟ୍ ବୁକ୍ କରିବା, ବିଲ୍ ପେମେଣ୍ଟ କରିବା ଏବଂ ସାର୍ବଜନୀନ ସେବା ପାଇବା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଏକ ପସନ୍ଦିତ ପସନ୍ଦ କରିଥାଏ। ଆମେ ଓଡ଼ିଶା ସରକାରଙ୍କ ସହିତ ସହଭାଗୀ ହେବାକୁ ଏବଂ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ହ୍ୱାଟ୍ସଆପ୍‌ର ଶକ୍ତି ଏବଂ ପହଞ୍ଚ ଆଣିବାକୁ ଉତ୍ସାହିତ, ଯାହା ସେମାନଙ୍କୁ ସେମାନଙ୍କ ହାତ ମୁଠାରେ ନାଗରିକ ସେବା ପାଇବାକୁ ସହଜ କରିଥାଏ। ମେଟା ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ର ସରକାରଙ୍କ ସହିତ ସହଭାଗୀ ହୋଇ ହ୍ୱାଟ୍ସଆପ୍ -ଆଧାରିତ ନାଗରିକ ସେବା ପ୍ରଦାନ ମଡେଲଗୁଡ଼ିକୁ ପ୍ରଚଳନ କରିଛି, ଯାହାର ଲକ୍ଷ୍ୟ ହେଉଛି ପ୍ରବେଶଯୋଗ୍ୟତା ଏବଂ ଦକ୍ଷତା ବୃଦ୍ଧି କରିବା। ଆନ୍ଧ୍ର ପ୍ରଦେଶ ସମ୍ପ୍ରତି ସରକାରୀ ଯୋଜନା, ବିଲ୍ ପେମେଣ୍ଟ ଏବଂ ପ୍ରମାଣପତ୍ର ପାଇଁ ଏହାର ହ୍ୱାଟ୍ସଆପ୍ ଚାଟବଟ୍ ଲଞ୍ଚ କରିଛି, ଯେତେବେଳେ ମହାରାଷ୍ଟ୍ର ଇ-ପଞ୍ଚାୟତ ଏବଂ ଜମି ରେକର୍ଡ ଭଳି ସେବାଗୁଡ଼ିକୁ ସମନ୍ୱିତ କରିଛି, ଯାହା ନାଗରିକମାନଙ୍କ ପାଇଁ ଏକ ଦ୍ରୁତ, କାଗଜବିହୀନ ଅଭିଜ୍ଞତା ସୁନିଶ୍ଚିତ କରୁଛି ।ଏହି ଅବସରରେ, ରାଜ୍ୟରେ ଓଡ଼ିଶା ଜନସେବା ଅଧିକାର ଆଇନ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସହାୟତା ସଂସ୍ଥା ଭାବରେ ସାମିଲ ହେବା ପାଇଁ ସିଏମଜିଆଇ ଏବଂ ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ବ୍ୟତୀତ, ପିଆରଆଇ ସଦସ୍ୟ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ଦକ୍ଷତା ବିକାଶ ପାଇଁ ଓଆରଟିପିଏସଏ ଏବଂ ସିଏମଜିଆଇ, ସିୱାଏସଡି ଏବଂ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ (ଏସଆଇଆରଡି) ଉପରେ ଅଭିଯାନ ଏବଂ ସଚେତନତା ପାଇଁ ଏନଏସଏସ ଛାତ୍ର ସ୍ୱେଚ୍ଛାସେବକମାନଙ୍କୁ ସାମିଲ କରିବା ପାଇଁ ସରକାରୀ ଅଧିକାରୀ, ସିଏମଜିଆଇ, ସିୱାଇଏସଡି ଏବଂ ଉଚ୍ଚଶିକ୍ଷା ବିଭାଗର ଯୋଜନାବଦ୍ଧ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ପାଇଁ ସିଏମଜିଆ, ସିୱାଇଏସଡି ଏବଂ ଗୋପବନ୍ଧୁ ପ୍ରଶାସନ ଏକାଡେମୀ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

# କେନ୍ଦ୍ରାପଡ଼ାରେ ଦୁଇ ମାସରେ ଶହେ କୋଟିର ବାଲି ଚୋରି

## ରେକର୍ଡରେ ଚାଲିଛି ଦୁଇ ବାଲିଘାଟ, ୩୦ ଘାଟରୁ ଉଠୁଛି ବେଆଇନ୍ ବାଲି

କେନ୍ଦ୍ରାପଡ଼ା,୭/୩: ଖଣି ବିଭାଗର ତଥ୍ୟ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ଦୁଇଟି ବାଲିଘାଟର ସ୍ୱୀକୃତି ରହିଛି। କିନ୍ତୁ ଜିଲ୍ଲାରେ ୩୦ଟି ସ୍ଥାନରୁ ବାଲି ଚୋରି ଚାଲିଛି। ଏଭଳି ଢଙ୍ଗରେ ଗତ ୨ ମାସ ଭିତରେ ଜିଲ୍ଲାରେ ବାଲି ମାଫିଆ ଶହେ କୋଟିରୁ ଅଧିକ ଟଙ୍କାର ବାଲି ଲୁଟି ନେଇଥିବା ଆକଳନ କରାଯାଉଛି। କେବଳ ଦୁଇଟି ବାଲିଘାଟକୁ ବାଦ ଦେଲେ ଅନ୍ୟ ବାଲିଘାଟ ଉପରେ କୋଟି କୋଟି ଟଙ୍କାର ବକେୟା ରାଶି ଥିବାରୁ ନିଲାମଧାରୀଙ୍କୁ ନୋଟିସ୍ ଦିଆଯିବା ସହ ବାଲି ଉତ୍ତୋଳନ ବନ୍ଦ କରାଯାଇଛି। କିନ୍ତୁ ଖଣି ବିଭାଗର କାଗଜପତ୍ରରେ ଯେଉଁ ଘାଟଗୁଡ଼ିକରୁ ବାଲି ଉତ୍ତୋଳନ ହେଉ ନ ଥିବା ଦର୍ଶାଯାଇଛି, ବାସ୍ତବରେ ସେହି ଘାଟଗୁଡ଼ିକରୁ ବେଧଡ଼କ ବାଲି ଚାଲାଣ ହେଉଛି। ବାଲି ମାଫିଆମାନେ ଅତି ଚତୁରତାର ସହ ପ୍ରଶାସନ ସହିତ ସଲାସୁତରାରେ ହଜାର ହଜାର ଟ୍ରିପ୍ ବାଲି ଚୋରାଚାଲାଣ କରି କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି। ଏସବୁ ଘାଟ ସହିତ ଅନ୍ୟ ବେଆଇନ ବାଲିଘାଟକୁ ଯୋଡ଼ି ଦିଆଗଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ମାସକୁ ହାରାହାରି ୬୦ କୋଟି ଟଙ୍କାର ବାଲି ଚୋରି ହେଉଥିବା ଆକଳନ କରାଯାଉଛି। ଏଭଳି ହରିଲୁଟ୍‌ରେ ଖଣି ବିଭାଗର ଅଧିକାରୀଙ୍କଠୁ ନେଇ ନେତା, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସଂପୃକ୍ତି ସନ୍ଦେହ କରାଯାଉଛି। ଗତ ଫେବ୍ରୁଆରିରେ ଖଣି ବିଭାଗ ଦେଇଥିବା ତଥ୍ୟ ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ତହସିଲରେ ୨୦ଟି ବାଲି ଖାଦାନ ନିଲାମ ଦିଆଯାଇଥିଲା। ସେଥିମଧ୍ୟରୁ ସମ୍ପ୍ରତି ମାର୍ଶାଘାଇ ତହସିଲର ତୁଳସୀପୁର ଓ ଡେରାବିଶ ତହସିଲର ଅରତାମୂଳ ଘାଟକୁ ଅନୁମତି ରହିଛି। ବାକି ୧୮ଟି ଘାଟ ଉପରେ କୋଟି କୋଟି ଟଙ୍କା ପଡ଼ିଥିବାରୁ ସେଗୁଡ଼ିକୁ ବନ୍ଦ ରଖାଯିବା ସହ ନିଲାମଧାରୀଙ୍କୁ ନୋଟିସ୍ ? ଜାରି କରାଯାଇଛି। ବକେୟା ଗଡ଼ୁଥିବା ଏହି ଘାଟରୁ ୨୦୨୩-୨୪ ଆର୍ଥିକ ବର୍ଷରୁ ବାଲି ଉତ୍ତୋଳନ ସ୍ଥଗିତ ରଖାଯାଇଥିବା ଦର୍ଶାଯାଉଛି। ହେଲେ ଅଧିକାଂଶ ବାଲି ସେହିସବୁ ଘାଟରୁ ଉଠୁଛି। ପଟ୍ଟାମୁଣ୍ଡାଇର ଅଳପୁଆ ଘାଟ, ଆଳିର ଅର୍ଗଳ, ଗୋବିନ୍ଦପୁର-ଜୁଆଣିଆ, ପାନପେଣ୍ଠ-ଦେସାହି ଘାଟରୁ ଦିନରାତି ମାଫିଆମାନେ ବାଲି ଉଠାଉଥିବା ଦେଖିବାକୁ ମିଳୁଛି। ସରକାରୀ ରେକର୍ଡଭୁକ୍ତ ଖାଦାନରେ



ଅନୁମତି ନ ଥାଇ ଯେଉଁଠି ବାଲି ଲୁଟ୍ ହୋଇପାରୁଛି, ସେଠାରେ ମାଫିଆମାନେ ନିଜସ୍ୱ ଉଦ୍ୟମରେ କରିଥିବା ବେଆଇନ ଘାଟ କଥା ନ କହିବା ଭଲ। ତୁଣ୍ଡୁପୁର, ବିଚଣାଠୁ ନେଇ ବେଣିପୁର, ନାୟାଡ଼ିଆ, ନୀଳକଣ୍ଠପୁର, ଚନ୍ଦନପୁର ଆଦି ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସରକାରୀ ଅନୁମତି ନ ଥିବା ଏସବୁ ବେଆଇନ ଘାଟରୁ କିଭଳି କୋଟିକୋଟି ଟଙ୍କା ଲୁଟ୍ ହେଉଛି, ତା'ର ପ୍ରମାଣ କେନ୍ଦ୍ରାପଡ଼ା ତହସିଲର ବଗଡ଼ା ତୁଣ୍ଡୁପୁର ଓ ଗରଦପୁର ତହସିଲର ବିଚଣା ଘାଟରେ ମଧ୍ୟ ଦେଖିବାକୁ ମିଳିଛି। ଗତ ମାସରେ ଏହି ଦୁଇ ବେଆଇନ ଘାଟ ଉପରେ ପ୍ରଶାସନ ଚଢ଼ଉ କରି ୪ଟି ପୋକ୍‌ଲିନ୍ ମେସିନ୍ ସହ ୨୨ଟି ହାଇୱା ଜବତ କରିଥିଲା। ମାର୍ଶାଘାଇ ଅଞ୍ଚଳର ଜଣେ ପେସାଦାର ଅପରାଧୀ ନିୟନ୍ତ୍ରଣରେ ଏହି ଦୁଇ ଘାଟ ଚାଲିଥିଲା। ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରଶାସନ ଦୁଇ ଘାଟକୁ ବନ୍ଦ କରିବା ବେଳକୁ ମାଫିଆମାନେ ୩ କୋଟିରୁ ଅଧିକ ଟଙ୍କାର ବାଲି ଲୁଟି ସାରିଥିବା କୁହାଯାଉଛି। ଏଭଳି ଢଙ୍ଗରେ ଜିଲ୍ଲାର ପ୍ରାୟ ୩୦ଟି ବେଆଇନ ଘାଟରୁ ବାଲି ଉଠୁଥିବା ଅଭିଯୋଗ ହେଉଛି। ପ୍ରତି ଘାଟରୁ ଅତି କମ୍‌ରେ ଯଦି ୨କୋଟି ଟଙ୍କାର ବାଲି ଲୁଟ୍ ହୁଏ, ତେବେ ମାସକୁ ୬୦କୋଟି ଟଙ୍କା ହେବ। ଏହି ହିସାବରେ ଗଲା ଦୁଇ ମାସ ଜାନୁଆରି ଓ ଫେବ୍ରୁଆରିରେ ମାଫିଆମାନେ ଶହେ କୋଟିରୁ ଅଧିକ ଟଙ୍କାର ବାଲି ଲୁଟ୍ କରିଥିବା ଆକଳନ କରାଯାଉଛି। ଅନ୍ୟପଟେ ଏହି ଚୋରା ବାଲି ଚଣ୍ଡିଖୋଲ-ପାରାଦୀପ ୫୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା କୁହାଯାଉଥିବା ବେଳେ ପ୍ରଶାସନ ସବୁ ଜାଣି ଚୁପ୍ ବସିଛି।

## ଶୁଖିଯାଉଛି କୁରୁଡ଼କୋଟ ଜଳପ୍ରପାତ



ଦେବଗଡ଼,୭/୩: ଶିଳ୍ପବିହୀନ ବଣପାହାଡ଼ ଘେରା ଦେବଗଡ଼ ଜିଲ୍ଲା। ଏଠାରେ ରହିଛି ପ୍ରକୃତିର ଅନବଦ୍ୟ ଉପହାର 'କୁରୁଡ଼କୋଟ' ଜଳପ୍ରପାତ। ଏହି ପ୍ରପାତ କେବଳ ଦେବଗଡ଼ ଜିଲ୍ଲା ନୁହେଁ, ବରଂ ସମଗ୍ର ଭାରତବର୍ଷର ଏକ ଐତିହାସକ ସ୍ଥାନ ଭାବେ ପରିଚିତ ଥିଲା। ରାଜରାଜୁଡ଼ା ସମୟରେ ଏହି ଜଳପ୍ରପାତର ପାଣିକୁ ସଂରକ୍ଷଣ କରି ପ୍ରଥମେ ଜଳବିଦ୍ୟୁତ୍ ଉତ୍ପାଦନ କରାଯାଇଥିଲା। କିନ୍ତୁ ପ୍ରପାତର ଯେତିକି ବିକାଶ ହେବା କଥା ତାହା ହୋଇ ପାରିନାହିଁ। ଘଞ୍ଚ ଅରଣ୍ୟ ଭିତରେ ଏକ ଅପୂର୍ବ ଶୋଭାରାଜି ମଧ୍ୟରେ ଜଳପ୍ରପାତର ଅବସ୍ଥିତି। ବର୍ତ୍ତମାନ ପ୍ରପାତର ପାଦଦେଶର ଥିବା ସଂରକ୍ଷିତ ଜଙ୍ଗଲ ଧୀରେ ଧୀରେ କମିବାକୁ ବସିଲାଣି। ଏପରିକି ଜଙ୍ଗଲରୁ ଅବାଧ ବୃକ୍ଷକଟା ଓ ଜଙ୍ଗଲ ପୋଡ଼ି ଯୋଗୁଁ ଜଳପ୍ରପାତର ଧାର ଦିନକୁ ଦିନ କମିବାରେ ଲାଗିଛି। ଏହାକୁ ନେଇ ପରିବେଶପ୍ରେମୀ, ବୁଦ୍ଧିଜୀବୀ ଚିନ୍ତିତ। ପ୍ରକାଶଥାଉକି, ବାମଣ୍ଡା ଗଡ଼ଜାତ ତଥା ବର୍ତ୍ତମାନର ଦେବଗଡ଼ ସହରର ଉତ୍ତର-ପଶ୍ଚିମ ଦିଗରେ ରହିଛି କୁରୁଡ଼କୋଟ ଜଳପ୍ରପାତ। ୧୯୧୫-୧୬ ମସିହାରେ ତତ୍କାଳୀନ ବାମଣ୍ଡା ରାଜା ତଥା ବିଜ୍ଞାନପ୍ରେମୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ନିଜର ବୈଷୟିକ ଜ୍ଞାନକୌଶଳ ବଳରେ ରାଜନଅରରେ ବିଦ୍ୟୁତ୍ ବଲ୍‌ବ ଜାଳିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ କୁରୁଡ଼କୋଟ ଜଳପ୍ରପାତର ଜଳକୁ ସଂରକ୍ଷଣ କରି ଟରବାଇନ୍ ସାହାଯ୍ୟରେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିଥିଲେ। ଯାହା ଏସିଆ ମହାଦେଶର ଦ୍ୱିତୀୟ ତଥା ଆମ ରାଜ୍ୟର ସର୍ବପ୍ରଥମ ଜଳବିଦ୍ୟୁତ୍ ପ୍ରକଳ୍ପ ଭାବେ ପରିଚିତ। ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍‌ରେ ବାମଣ୍ଡା ରାଜଧାନୀ ତଥା ଦେବଗଡ଼ ସହର ଆଲୋକିତ ହେଉଥିଲା। ମାତ୍ର ରାଜତନ୍ତ୍ର ସରିଲା ପରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଥିଲା। ଏହାର ଭଗ୍ନାବଶେଷ ଆଜି ବି ସେଠାରେ ଦେଖିବାକୁ ମିଳେ। ଉକ୍ତ ପ୍ରକଳ୍ପକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାଇଁ ଓଏଚ୍‌ପିସି ପକ୍ଷରୁ ଏକ ପ୍ରତିନିଧି ଦଳ ସର୍ଭେ କରିଥିଲେ ହେଁ ତାହା କେବଳ ସର୍ଭେରେ ରହିଯାଇଛି। ଜଳପ୍ରପାତ ପାଣିରୁ ଚାଷ ପାଇଁ ଜଳସେଚନ ସହ ସହରବାସୀଙ୍କ ପିଇବା ପାଣି ଭାବେ ବ୍ୟବହାର କରାଯାଉଛି। ଜଳପ୍ରପାତର ପୁନରୁଦ୍ଧାର ସହ ବର୍ଷା ଦିନେ ପାଣିକୁ ସଂଗୃହୀତ କରି ରଖାଗଲେ କିଛିକାଂଶରେ କୁରୁଡ଼କୋଟ ଜଳପ୍ରପାତର ଜଳଧାରା ବୃଦ୍ଧି ପାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଦିଶା' ନିଶା ନିବାରଣ କେନ୍ଦ୍ରରେ ପୁଣି ରକ୍ତଛିଟା

## ଯୁବକଙ୍କୁ ପିଟିପିଟି ମାରିଦେଲେ, ୭ କର୍ମଚାରୀ ଗିରଫ, ଭଙ୍ଗାଲାଠି ଜବତ

ପିପିଲି,୭/୩: ପିପିଲି ଥାନା ଗୁଡ଼ିଆପୋଖରୀ ଛକ ନିକଟ କେଇସି କଲେଜ ସାମନାରେ ଥିବା ନିଶା ନିବାରଣ ସଂସ୍ଥା 'ଦିଶା' ଫାଉଣ୍ଡେସନ୍‌ରେ ଜଣେ ମାନସିକ ଅନଗ୍ରସର ଯୁବକଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଫାଉଣ୍ଡେସନ୍‌ର ୭ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଭଉଁରିଆ ଗ୍ରାମର ଇନ୍ଦ୍ରଜିତ ଦାସ (୨୭), କେନ୍ଦ୍ରାପଡ଼ା ସଦର ଥାନା ସାନଗାଁର ପ୍ରଦ୍ୟୁମ୍ନ ମହାରଣା (୪୨), କଟକ ଜିଲ୍ଲା ବାଙ୍କି ଥାନା ତାଳବସ୍ତ ଅଞ୍ଚଳର ମିଟୁ ବିହାରୀ (୪୩), ଦେବଗଡ଼ ଜିଲ୍ଲା ରିଆମାଳ ଥାନା କାଳିଆଖମାର ଗ୍ରାମର ତାପସ କୁମାର ସାହୁ (୩୯), ଜଗତସିଂହପୁର ଆଳିପିଙ୍ଗଳ ଥାନା ପୁରୋହିତପୁର ଅଞ୍ଚଳର ରତନ ତ୍ରିପାଠୀ (୩୪), ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଅଞ୍ଚଳର ପବିତ୍ର ଦାସ (୩୮) ଓ ବଡ଼ଗଡ଼ ବ୍ରିଟ୍ କଲୋନିର ରାହୁଲ ପାତ୍ର (୨୮)। ଏମାନେ 'ଦିଶା' ଫାଉଣ୍ଡେସନ୍‌ର କର୍ମଚାରୀ ଓ ଅନ୍ତେବାସୀ ବୋଲି ପୁଲିସ କହିଛି। କାର୍ଯ୍ୟାଳୟରୁ କମ୍ପ୍ୟୁଟର, ସିସି କ୍ୟାମେରା ହାର୍ଡଡିସ୍କ ସହିତ ଏକ ଭଙ୍ଗାଲାଠିକୁ ପୁଲିସ ଜବତ କରିଛି। ଅଭିଯୋଗ ଅନୁସାରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ନବକୃଷ୍ଣ ନାୟକଙ୍କ ୨୬ ବର୍ଷୀୟ ପୁଅ ଶୁଭାଶିଷ ମାନସିକ ଭାବେ ଅସୁସ୍ଥ ଥିବାରୁ ତାଙ୍କୁ ୨୦୨୪ ଡିସେମ୍ବର ୩ରେ 'ଦିଶା' ଫାଉଣ୍ଡେସନ୍‌ରେ ଛାଡ଼ିଥିଲେ। ଯୋଗ ଓ ପ୍ରାଣାୟାମ ଦ୍ୱାରା ପୁଅକୁ ସମ୍ପୂର୍ଣ୍ଣ ସୁସ୍ଥ କରିଦେବେ ବୋଲି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ତେବେ ପୁଅ ସୁସ୍ଥ ହେବା ପରିବର୍ତ୍ତେ ଶବ ହୋଇ ଫେରିଲା ବୋଲି





କୋହଭରା କଣ୍ଠରେ ନବକୃଷ୍ଣ ଆଜି ଗଣମାଧ୍ୟମକୁ କହିଛନ୍ତି। ନବକୃଷ୍ଣଙ୍କ କହିବା ମୁତାବକ ସେ ଓ ତାଙ୍କ ପତ୍ନୀ ପ୍ରତିମାସରେ ପୁଅକୁ ଦେଖା କରିବାକୁ ଆସନ୍ତି। ମାର୍ଚ୍ଚ ୩ ତାରିଖରେ ମଧ୍ୟ ସେ ପୁଅକୁ ଦେଖା କରିଥିଲେ। ଦୁଇଦିନ ପରେ ଅର୍ଥାତ୍ ୫ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ପୁଅର ବାନ୍ତି ହେଉଛି ଓ ପୁଅ ଏବେ କ୍ୟାପିଟାଲ୍ ହସ୍ପିଟାଲରେ ଅଛି ବୋଲି ସଂସ୍ଥାର ମୁଖ୍ୟ ଶ୍ରୀ ମହାନ୍ତି ନବକୃଷ୍ଣଙ୍କୁ ଫୋନ୍ କରି ଜଣାଇଥିଲେ। ୧୦ ମିନିଟ୍ ପରେ ପୁଅର ମୃତ୍ୟୁ ହୋଇଗଲା ବୋଲି ପୁଣି ଫୋନ୍ କରି ଶ୍ରୀ ମହାନ୍ତି ଜଣାଇଥିଲେ। ନବକୃଷ୍ଣ ହସ୍ପିଟାଲ୍‌ରେ ପହଞ୍ଚିଲା ବେଳକୁ ପୁଅ ଶବ ଛାଡ଼ି ପ୍ରତାପ ମହାନ୍ତି ଫେରାର୍ ହୋଇ ଯାଇଥିଲେ। ତାଙ୍କ ପୁଅକୁ ପିଟିପିଟି ହତ୍ୟା କରାଯାଇଛି ବୋଲି ନବକୃଷ୍ଣ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ଶୁଭାଶିଷଙ୍କ ମୁଣ୍ଡକୁ କୌଣସି ଶକ୍ତ ବାଡ଼ିରେ ଆଘାତ କରାଯାଇଛି ଓ ତାଙ୍କ ଶରୀରରେ ଆଭ୍ୟନ୍ତରୀଣ କ୍ଷତ ରହିଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୧ ମାର୍ଚ୍ଚ ୨ ତାରିଖରେ ବରଗଡ଼ (ଜିଲ୍ଲା) ଟାଉନ ଥାନାର ଗୋଲେଖ ବିହାରୀ ମଲ୍ଲିକଙ୍କ ବଡ଼ ପୁଅ ଗୌତମ ମଲ୍ଲିକ (୨୪)ଙ୍କୁ ଏହି କେନ୍ଦ୍ରରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମାନସିକ ଅବସ୍ଥା ଠିକ୍ ନଥିବାରୁ ଗୌତମଙ୍କୁ ସେଠାରେ ଛଡ଼ାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସେତେବେଳେ ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଅନୁଷ୍ଠିତ ହେବ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ -୨୦୨୫

କେନ୍ଦ୍ରାପଡ଼ା(୭/୦୩) ଜନ ସାଧାରଣଙ୍କୁ ବିନା ମୂଲ୍ୟରେ ଆଇନ ସେବା ଯୋଗାଇଦେବା ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି କେନ୍ଦ୍ରାପଡ଼ା ଜିଲ୍ଲାରେ 'ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ -୨୦୨୫' ।ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡ଼ା କୋର୍ଟ ସମେତ ଏହାର ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ଆଳୀ ଏବଂ ରାଜନଗର କୋର୍ଟ ପରିସରରେ ଅନୁଷ୍ଠିତ ହେବ ।ଏଥିରେ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ,ଚେକ୍ ବୋଉନ୍ସ ସମ୍ବନ୍ଧୀୟ ମାମଲା,ଟଙ୍କା ପୁନରୁଦ୍ଧାର ମାମଲା,ମୋଟର ଯାନ ଦୁର୍ଘଟଣା ଜନିତ,ଶ୍ରମ ବିବାଦ ଜନିତ ମାମଲା,ବିଦ୍ୟୁତ୍,ଜଳ ଏବଂ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ(ସାଲିସ ବିହୀନ ବିବାଦକୁ ବାଦ୍ ଦେଇ),ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ) ଉଚ୍ଚ ନ୍ୟାୟାଳୟ ଏବଂ ଦେୱାନି ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା,ଚାକିରି ସମ୍ବନ୍ଧୀୟ ଅବସର କାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଏବଂ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ସମ୍ବନ୍ଧୀୟ ମାମଲା,ଅନ୍ୟାନ୍ୟ ଦେୱାନୀ ମାମଲା(ଭଡା,ସହଜ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟ ଦକ୍ଷତା ସୁଟ,ନିର୍ଦ୍ଦେଶକ ସୁଟ୍), ଖାଉଟି ବିବାଦ ଏବଂ ଅନ୍ୟାନ୍ୟ ଫୌଜଦାରୀ ମାମଲା ଗୁଡିକର ଫଇସଲା ହେବ । ପ୍ରାକ୍ ମୋକଦ୍ଦମା ସ୍ତରୀୟ(କୋର୍ଟ ରେ ଦାୟର ହୋଇଥିବା ମାମଲା) ଯଥା ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲା,ଟଙ୍କା ପୁନରୁଦ୍ଧାର ମାମଲା,ଶ୍ରମ ବିବାଦ ଜନିତ ମାମଲା,ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ, ଦେୱାନୀ( ସାଲିସ ବିହୀନ ବିବାଦକୁ ବାଦ୍ ଦେଇ),ରକ୍ଷଣା ବେକ୍ଷଣ ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମା ଗୁଡିକର ଫଇସଲା ହେବ । ପୂର୍ବାହ୍ନ ୧୦ ଘଟିକରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ ।ମାନ୍ୟବର ଜିଲ୍ଲା ଦୌରା ଜଜ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣ ର ସଚୀବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି ।

## ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

### ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଓ ଆବଶ୍ୟକ ସ୍ଥଳେ କେନାଲରେ ଆସିବ ପାଣି

କେନ୍ଦ୍ରାପଡା(୦୭/୦୩)ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ନିମନ୍ତେ ଏହି ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୌର ପରିଷଦର ନିର୍ବାହୀ ଅଧିକାରୀ ଏବଂ ବିଡିଓମାନେ ଏଥି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା,




ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାର ବ୍ୟବସ୍ଥା କରିବା, ନାଳ ତଥା କେନାଲରେ ଆବଶ୍ୟକସ୍ଥଳେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପିଲାମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣି ଆସିବାକୁ ପରାମର୍ଶ ଦେବା ସହ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଗର୍ଭବତୀ ମା ମାନଙ୍କୁ ସତର୍କତା ଅବଲମ୍ବନ କରିବା, ପରିବହନ ଅଧିକାରୀଙ୍କୁ ଯାତାୟତ ବସରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଥିଲା ଓ ବିଦ୍ୟୁତ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ଆବଶ୍ୟକସ୍ଥଳେ ବିଦ୍ୟୁତ କାଟ କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରାକ୍ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଥରଫରୁ ଓ.ଆର.ଏସ. ଏବଂ ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡ଼ିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ଓ ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏକ ଆପାତକାଳୀନ କଣ୍ଟ୍ରୋଲ ରୁମ ପରିଚାଳିତ କରି ଜନସାଧାରଣଙ୍କ ଆବଶ୍ୟକ ଅନୁଯାୟୀ ସାହାଯ୍ୟ ଯୋଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିୟମ ଅନୁଜେ ସରକାରଙ୍କ ପ୍ରଦତ୍ତ ଗାଇଡଲାଇନ ଅନୁସାରେ ଗଣମାଧମର ସହାୟତାରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର, ଡେପୁଟି କଲେକ୍ଟର, କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଏବଂ କୋଠାବାଡି, ଜନ ସ୍ୱାସ୍ଥ୍ୟ ବିଭାଜନ, ଗ୍ରାମ୍ୟ ଉନ୍ନୟନ), ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଜିଲ୍ଲା ସ୍ତରୀୟ ଆଶାକର୍ମି ଗାଁ କଲ୍ୟାଣ ସମିତି ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସନ୍ମିଳନୀ ଅନୁଷ୍ଠିତ

ଫୁଲବାଣୀ , ୭/୩: କନ୍ଧମାଳ ଜିଲ୍ଲା ଫୁଲବାଣୀ କୋର୍ଟ ଛକ ସ୍ଥିତ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ କହିଲେ, ଶ୍ରଦ୍ଧା ଓ ବିଶ୍ୱାସର ସହିତ ଯେଉଁ କାର୍ଯ୍ୟ କରାଯାଇଥାଏ ତାହା ସଫଳ ହୋଇଥାଏ। ଏ ସବୁର ମାଧ୍ୟମ ହେଉଛି ସେବା । ବାସ୍ତବିକ୍ ଆଶା ଭଉଣୀମାନେ ସେବାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଶ୍ରଦ୍ଧା ଓ ବିଶ୍ୱାସର ସହିତ କାର୍ଯ୍ୟ କରିଥାନ୍ତି ଯଦିଓ ସେମାନଙ୍କୁ ବହୁତ କମ୍ ପାରିଶ୍ରମିକ ଦିଆଯାଇଥାଏ । ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ଗୁଡ଼ିକ ଜନ ଭାଗିଦାରିତାର ପ୍ରତୀକ। ସେମାନେ ରୋଗ ନିରାକରଣ ଦିଗରେ ଏବଂ ରୋଗ ହେଲାପରେ ଆରୋଗ୍ୟ ପାଇଁ ତୃଣମୂଳ ସ୍ତରରେ ସେବା ଯୋଗାଇଦେଇଥାନ୍ତି । ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଲେ ଯେ,ସେ ଆଶାମାନଙ୍କ ବିରୁଦ୍ଧରେ କେବେ କାହାଠାରୁ କାର୍ଯ୍ୟରେ ଠକୁଥିବା କଥା ଶୁଣି ନାହାଁନ୍ତି । ସେମାନେ ଲୋକମାନଙ୍କର ଆଶା ଓ ଭରଶା କହିଲେ ଭୁଲ୍ ହେବ ନାହିଁ। ଜିଲ୍ଲାର ମାତୃ







ଓ ଶିଶୁ ମୃତ୍ୟୁ ହାର ରୋକିବା ଓ ସମସ୍ତ ରୋଗ ନିରାକରଣ ଦିଗରେ ଆଶା ମାନଙ୍କର ପ୍ରସଂଶନୀୟ କାର୍ଯ୍ୟ, ସୁସ୍ଥ ଗାଁ ଓ ସୁସ୍ଥ ପଞ୍ଚାୟତ ଗଠନରେ ଅଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ ମାନ୍ୟବର ବିଧାୟକ ଶ୍ରୀ ମଲ୍ଲିକ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ କହିଲେ, ଆଶା ଭଉଣୀମାନେ ଦେଶର, ରାଜ୍ୟର ଜନସାଧାରଣଙ୍କର ସର୍ବୋପରି ସ୍ୱାସ୍ଥ୍ୟ ବିଭାଗର ଆଶା କହିଲେ ଭୁଲ୍ ହେବ ନାହିଁ। କାରଣ ତୃଣମୂଳ ସ୍ତରରେ ସମ୍ବନ୍ଧୀୟ ଯେତେ ଉନ୍ନତି ହେଉଛି ସେଗୁଡ଼ିକ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ସମ୍ଭବ ହୋଇପାରୁଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପ୍ରଶନ୍ନ କୁମାର ତ୍ରିପାଠୀ କହିଲେ, ଗ୍ରାମାଞ୍ଚଳ ମାଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ରାଜ୍ୟର, ସେବା ଆଶାମାନଙ୍କ ଯୋଗୁଁ ସହଜ ହୋଇପାରୁଛି । ଜିଲ୍ଲାରେ ସର୍ବଶ୍ରେଷ୍ଠ ଆଶା ଭାବେ ସୁବର୍ଣ୍ଣଗିର ଗିରି ସଏସିରେ କାର୍ଯ୍ୟକରୁଥିବା କସ୍ତୁରୀ ସିଂ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ୮ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପାଇଥିବାବେ ସଏସିରେ କାର୍ଯ୍ୟକରୁଥିବା ମିନତି ବେହେରା ଦ୍ୱିତ ଦ୍ୱିତୀୟ ସ୍ଥାନ ଅଧିକାର କରି ୭ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପାଇଛନ୍ତି । ସେହିପରି, କ. ନୂଆଗାଁ ଓ ଦାରିଙ୍ଗିବାଡ଼ି ସଏରସିରେ ସଏରସି କାର୍ଯ୍ୟକରୁଥିବା ସୁରତି ନାୟକ ପ୍ରଥମ ଓ ଲଭଲି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୭ହଜାର ଟଙ୍କା ଲେଖାଏଁ ପୁର ରସ୍କାର ରାଶି ପାଇଛନ୍ତି । ଦଡ଼କିଙ୍ଗିଆ, ଲମ୍ବାଗୁଡରୀ, ଜାମପଦର, କୋଟଗଡ଼, ଟଙ୍ଗରପଦର, ହାଟପଦର, ରାମାଡ଼ି, ,ବୁଡେଡିପଡ଼ା, ଗଦଗୁଡ଼ା, ଶ୍ରୀନିକେତା, ଜାରଗିସୁଗା ଓ ପାଣ୍ଡରିସିମା ଗାଁ ଆଦି ୧୨ଟି ଗାଁ କଲ୍ୟାଣ ସମିତି ଏବଂ ନଦୀଖଣ୍ଡି ସାହି,ଜିରିଙ୍ଗପଡ଼ା, କୋଟଗଡ଼,ପେଂଜି ସାହି, ଆମ୍ବପଡ଼ା, କାଚରାସାହି, ପିଅନପଡ଼ା, ଡାମିଗାଁ, ଝାଙ୍କରସାହି ଓ ସାଲୁଙ୍କିସାହି ସାହି ଆଦି ୮ଟି ମହିଳା ଆରୋଗ୍ୟ ସମିତି, ମାହାସିଙ୍ଗ ,ର.ନୂଆଗାଁ, ମାସିରିପଡ଼ା, ନିଲୁଙ୍ଗିଆ,ବଣ୍ଡଗୁଡ଼ା,ସୁଗଡ଼ବାଡ଼ି, ମିଣିଆ, ଜଳେଶପଟ୍ଟା, ପରମପାଙ୍ଗା, ଟଗଡ଼,ପରତମାହା ଓ ବରଡ଼ାଖୋଲ ଆଦି ୧୨ଟି ଜନ ଆରୋଗ୍ୟ ସମିତି ସୁସ୍ଥ ସମାଜ ଗଠନରେ ଗୋଷ୍ଠୀ ଭାଗିତାରେ ପୁରସ୍କୃତ ହୋଇଥିଲେ । ଏହି ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ଓ ଦେବାଶିଷ ମିଶ୍ର ପରିଚାଳନା କରିଥିବାବେଳେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି)ଡା. ଅରୋବିନ୍ଦ ଦାଶ, ଜିଲ୍ଲା ଚିକିତ୍ସା ଅଧିକାରୀ ଭେଷଜ ସେବା ତଥା ଅଧୀକ୍ଷକ ଡା. ଅକ୍ଷୟ କୁମାର ସାହୁ, ମାତୃ ଓ ଶିଶୁ କିଶୋ ପରିଚାଳକ ଶ୍ରୀ ଆଶିଷ କୁମାର ମହାନ୍ତି, ଆଶା ପରିଚାଳକ ଶ୍ରୀମତୀ ଯଶସ୍ୱିନୀ ସାହାଣୀ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ, ତଥ୍ୟ ପରିଚାଳକ ପ୍ରେମଜିତ୍ ତ୍ରିପାଠୀ, ଗୁଣବନ୍ଧୁ ପରିଛା, ପରିଚାଳକ ଶ୍ରୀ ଦୁଷ୍ମନ୍ତ ସୁତାର, ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ,ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା,ମହିଳା ଆରୋଗ୍ୟ ସମିତି ସଭ୍ୟ ସଭ୍ୟା, ଜନ ଆରୋଗ୍ୟ ସମିତି ସଭ୍ୟା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ୱାର୍ଡ ମେମ୍ବର ଏବଂ ଗଣମାଧମର ପ୍ରତିନିମାନେ ଯୋଗଦେଇଥିଲେ ।

## ରଘୁନାଥପୁରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳନ



ଜଗତସିଂହପୁର ୭/୩(ନୀପ୍ର) ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁପଟ୍ଟନାୟକ ଛକରେ ମହା ସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ବିଜେଡି କର୍ମୀମାନେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନୂଆ ଓଡ଼ିଶାର ବିଶ୍ୱକର୍ମା ଭାବେ ପରିଚିତ, ରାଜନୀତି, ଶିଳ୍ପ ବିପ୍ଲବ, ପଂଚାୟତିରାଜ ବ୍ୟବସ୍ଥା କ୍ଷେତ୍ରରେ ବିଜୁ ବାବୁଙ୍କ ଅତୁଳନୀୟ ଭୂମିକା ରହିଛି, ତେଣୁ ଏହି ଯୁଗଜନ୍ମା ଙ୍କ ସ୍ମୃତି ଆଜିବି ଓଡିଶାବାସୀଙ୍କୁ ପ୍ରେରଣା ଦେଇ ଆସୁଛି ଓ ଭୁବନେଶ୍ୱରରେ ବିଜେପି ସରକାରଚାଲିଥିବା ବେଳେ ରଘୁନାଥପୁର ବିଜେଡି ସରକାର ଚାଲିଛି ବୋଲି ବିଧାୟକ ନିଜ ଭାଷଣ ପ୍ରସଙ୍ଗରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା,ଜିଲ୍ଲାପରିଷଦ ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସରପଂଚ ବଟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ବେହେରା ,ଧର୍ମାନନ୍ଦ ସେଠୀ,ସାଇଦା ତବସୁମ,ଗୌତମ ପାଲିତ,ରହିମ୍ ଖାଁ,ଅଜୟ ସାମଲ,ଅନ୍ତର୍ଯ୍ୟାମି ରାଉତ, ତାରାକାନ୍ତ ଜେନା, ରବିନ୍ଦ୍ର ବିଶ୍ୱାଳ,ପ୍ରତାପ ପଟ୍ଟନାୟକ,ଅନୁପ ସ୍ୱାଇଁ, ଅମୁଲ୍ୟ ମହାନ୍ତି, ନିରାକାର ଖୁଣ୍ଟିଆ, ନିହାର ରଂଜନ ସାହୁ, ପ୍ରକାଶ ମଲ୍ଲିକ, ସମିତି ସଭ୍ୟ ପ୍ରିୟତମା ରାଉତ, କମଳାକାନ୍ତ ପରିଡ଼ା, ସ୍ୱଦେଶ ଦାସ,ଲିଲିପ୍ସା ଶଡଙ୍ଗୀ, ଅଶୋକ ବେହେରା, ପ୍ରମୋଦ ସ୍ୱାଇଁ, ମନୋଜ ମହାନ୍ତି, ଭାସ୍କର ପଟ୍ଟନାୟ,ଅନିଲ ଖଟୁଆ,ପ୍ରତାପ ମୁଦୁଲି ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।ଏହି ଅବସରରେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ଦୁଇ ଜିଲ୍ଲାପରିଷଦ ସଭ୍ୟାଙ୍କୁ ଦେଖିବାକୁ ମିଳିନଥିବାକୁ ନେଇ କର୍ମୀ ମହଲରେ ଅନେକ ପ୍ରଶ୍ନ ଉଙ୍କିମାରିଛି।

# ବିଜୁ ଜୟନ୍ତୀ ଓ ଆର୍ନ୍ତଜାତିୟ ମହିଳା ଦିବସ ପାଳନ ପାଇଁ ବିଜେଡିର ପ୍ରସ୍ତୁତି



ବାରିପଦା,୭/୩(ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୯ ତମ ଜୟନ୍ତୀ ମାର୍ଚ୍ଚ ୫ ତାରିଖ ଦିନ ବାରିପଦା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ତରଫରୁ ବିଜୁ ଭବନ ଠାରେ ପାଳନ ହେବାକୁ ଥିବା ବେଳେ, ମାର୍ଚ୍ଚ ୮ ତାରିଖ ଦିନ ଆର୍ନ୍ତଜାତୀୟ ମହିଳା ଦିବସ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବାରିପଦା ଶହୀଦ ସ୍ମୃତି ଭବନ ଠାରେ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ୫ ତାରିଖ ଦିନ ବିଜୁ ଭବନରେ ଅନୁଷ୍ଠିତ ହେବ । ସେହିପରି ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ରାଜ୍ୟରେ ମହିଳାମାନେ କିଭଳି ଭାବେ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ସହ ସୁଦୃଢ଼ ହେବେ ସେହି ଲକ୍ଷ୍ୟ ନେଇ ବିଜୁ ଜନତା ଦଳ କାର୍ଯ୍ୟ କରିବ ବୋଲି ଲକ୍ଷ୍ୟ ରଖଯାଇଛି । ଏହି ଅବସରରେ ମାର୍ଚ୍ଚ ୮ ତାରିଖ ଦିନ କେବଳ ମହିଳାମାନଙ୍କ ଦ୍ୱାରା ରକ୍ତଦାନ ଶିବିର ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲ୍ଲା ବିଜେଡି ପୂର୍ବତନ ସଭାପତି ସୁଦାମ ମାରାଣ୍ଡି କହିଥିଲେ । ଏହି ଅବସରରେ ବିଶିଷ୍ଟ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ଏସ.ଡି.ସି. ପୂର୍ବତନ ଚେୟାରମେନ ଡଃ.ଦେବାଶିଷ ମାଣ୍ଡି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ଏମ.ସି.ସି. ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଯୁବ ବିଜେଡି ସଭାପତି ଅରୁଣ ବରାଡ, ମହିଳା ବିଜେଡି ନେତ୍ରୀ ଦିପ୍ତିଲତା ମିଶ୍ର, ଛାତ୍ର ବିଜେଡିର ସୁନୀଲ ନାୟକ, ଉପ-ନଗରପାଳ ସୀମା ଦାସ, ପ୍ରିତିନନ୍ଦା କାନୁନଗୋ, ଡି.ଆର.ଓ, ଅନନ୍ତ ଦାସ, ନୀରୋଜ ସାହୁ, ପ୍ରଭାତ ନାୟକ, ରଜୀବ ଜେନା, କୃଷ୍ଣ ଦାସ, ବାରିପଦା ବ୍ଲକ ଚେୟାରମେନ ସୁନ୍ଦର ସିଂହ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ ।

# ଏମ.ପି.ସି. ସ୍ୱୟଂଶାସିତ କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ

## ବିକଶିତ ଭାରତ ପାଇଁ ବିଜ୍ଞାନ ଏବଂ ନବସୃଜନରେ ଯୁବପିଢି




ବାରିପଦା,୭/୩(ନି.ପ୍ର): ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଗୁରୁତ୍ୱକୁ ଏହି ସାମାଜ ଉପଲବ୍ଧି କରୁଛି । ଭାରତରେ ପ୍ରତିବର୍ଷ ଫେବୃଆରୀ ୨୮ ତାରିଖକୁ ସି.ଭି. ରମଣଙ୍କ ଜନ୍ମ ଜୟନ୍ତୀକୁ ଜାତୀୟ ବିଜ୍ଞାନ ଦିବସ ଭାବରେ ପାଳନ କରାଯାଉଛି । ବିଜ୍ଞାନର ବିକଶିତ ସମ୍ଭାବନାକୁ ଆଖି ଆଗରେ ରଖି ବିକଶିତ ଭାରତ ପାଇଁ ବିଜ୍ଞାନ ଏବଂ ନବସୃଜନରେ ବିଶ୍ୱ ନେତୃତ୍ୱ ପାଇଁ ଭାରତୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବା ଶୀର୍ଷକରେ ସ୍ଥାନୀୟ ଏମ.ପି.ସି. ସ୍ୱୟଂଶାସିତ କଲେଜରେ ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଆଇ.ଟି.ଆର. ଚାନ୍ଦିପୁରର ବୈଜ୍ଞାନିକ ରାଜେଶ ବାଗ ଯୋଗ ଦେଇ ରମଣ ଇଫେକ୍ଟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହ ବିଜ୍ଞାନକୁ ମାଧମ କରି ଛାତ୍ରଛାତ୍ରୀ କିପରି ନିଜର ଭବିଷ୍ୟତ ନିର୍ମାଣ କରିବେ ସେ ସମ୍ପର୍କରେ କହିଥିଲେ । ପ୍ରାରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶୈକ୍ଷିକ ମୁଖ୍ୟ ଡ. ଆଲବେର୍ଟିନା ତିର୍କୀ, ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ମଣିଷ ସହିତ ବିଜ୍ଞାନର ସମ୍ପର୍କ ଶୀର୍ଷକରେ ଆଲୋଚନା କରିଥିଲେ । ଏହି ଅବସର ରେ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରୀ ଶିବାନୀ ଗିରିକାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ପ୍ରଫେସର ଡ. ସୁଧୀର କୁମାର କିସ୍କୁ, ସହକାରୀ ପ୍ରଫେସର ଗୋବିନ୍ଦ ବେହେରା, ଦେବାଶିଷ ଦାସ, ମୁରଲୀଧର ପାତ୍ର, ବି.ଶର୍ମିଷ୍ଠା, ବିଦ୍ୟୁତ ପ୍ରଭା ନାୟକ, ସ୍ୱାଗତିକା ସାହୁ, ସୁପ୍ରିମ ମଣ୍ଡଳ, ରଶ୍ମିତା ନାୟକ, ହରପ୍ରସାଦ ମହାପାତ୍ର, ଡକ୍ଟର ଟୁଟୁ, ପ୍ରଣତି ନାୟକ, ବିନିତା ମୁର୍ମୁ, ଦୀପିକା ରଣା, ରାଧାକାନ୍ତ ଦାଶ, ଅଞ୍ଜନ କୁମାର ଜେନା, ସୁବ୍ରତ ମହାନ୍ତି, ପ୍ରଦୀପ ମହାରଣା ପଙ୍କଜ କୁମାର ଜେନା, ଇତିଶ୍ରୀ ସେଠୀ, ଡ. ମନ ମୋହନ ମହାରଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅନନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱୋଟିଙ୍ଗ କ୍ଲବ ପଡିଆ ଠାରେ ଅନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



କୋଟପାଡ଼ ୭/୩(ନି.ପ୍ର):କୋଟପାଡ଼ ସ୍ୱୋଟିଙ୍ଗ କ୍ଲବ୍ ଆନୁକୁଲ୍ୟରେ ସ୍ଥାନୀୟ ଭୈରବ ପଡ଼ିଆ ଠାରେ ଅନ୍ତରାଜ୍ୟ ଫୁଟବଲ ଟର୍ଣ୍ଣାମେଣ୍ଟ ର ଉଦଯାପିତ ହୋଇଯାଇଛି ।ଆଜି ଉଦଯାପିତ ମ୍ୟାଚ୍ ଭବାନୀପାଟଣା ଦଳ ଓ ବରଗଡ଼ ଦଳ ମଧ୍ୟରେ ଖେଳା ଯାଇଥିଲା ଏବଂ ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଭବାନୀପାଟଣା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲେ । ଟର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଯଥା ବରଗଡ଼, ରାଉରକେଲା, ବଲାଙ୍ଗୀର, ଟିଟିଲାଗଡ଼, ଭବାନୀପାଟଣା, ଝାଡ଼ଖଣ୍ଡ ରୟାଲ କ୍ଲବ,ସୁନାବେଢ଼ା ୧୧, ଓ ସ୍ୱୋଟିଂକ୍ଲବ୍ କୋଟପାଡ,ଏହି ଦଳ ଗୁଡିକ ଭାଗ ନେଇଥିଲେ । ଏହି ଉଦଯାପିତ ସମାରହରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତରା,ଏନ୍ ଏ ସି ଅଧକ୍ଷ ଏମ୍ ଶଙ୍କର ରାଓ ଉପସ୍ଥିତ ଥିବା ବେଳେ ସମ୍ମାନନୀତ ଅତିଥି ଭାବରେ କୋଟପାଡ଼ ବ୍ଲକ ଅଧକ୍ଷା କମଳା ଭତରା, କୋଟପାଡ଼ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ଶେଷାନନ୍ଦ ମିଶ୍ର, ବ୍ଲକ ଉପାଦକ୍ଷ ତପନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଏନ୍ ଏ ସି ଉପାଧକ୍ଷା ଏମ୍ ସନ୍ତୋଷୀ, ପାଣି ପଞ୍ଚାୟତ ସଭାପତି ବିରେନ ବିଶୋଇ,ସନ୍ଦୀପ ଧାଓ୍ୱନ.ଅସଦୁଲ୍ଲା ଖାନ,୧୩ ଓ୍ୱର୍ଡ ମେମ୍ବର ଟିକୁ ବିଶୋଇ, ୮ନମ୍ବର ସଲମା ବେଗମ,ଶିବ ପାଣିଗ୍ରାହୀଙ୍କ ସହିତ ସମସ୍ତ ୮ଟି ଦଳର ସ୍ପନ୍ସରଶିପ ଯଥା ସନ୍ତୋଷ ମିଶ୍ର,ମୁନା ଖାନ,ବିକାଶ ମହାନ୍ତି,ଏମ ଡ଼ି ସଲିମ,ବିକାଶ ପଟ୍ଟନାୟକ, ତାଜ ହୋଟେଲ କାଲୁ,ରାଜ ମହାନ୍ତି,ସମୟ ମାରାଣ୍ଡି,ବି ଆସିବ ଓ ସ୍ୱୋଟିଂକ୍ଲବର ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଥିଲେ । କାର୍ଯ୍ୟକ୍ରମକୁ ସ୍ୱୋଟିଂ କ୍ଲବ୍ ସଂପାଦକ ସିତାନାଥ ବିଶ୍ୱାଳ ଓ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ। ଭାଷ୍ୟକାର ଭାବରେ ଏମ ଡ଼ି ଆସୁ,ପ୍ରଶାନ୍ତ ପଣ୍ଡା,ହେମନ୍ତ ପାତ୍ର ସହଯୋଗ କରିଥିଲେ,ସୂଚନା ଥାଉକି ଏହି ଟୁର୍ନାମେଣ୍ଟର ଫାଇନାଲ ଆଜି ତା ୨୮/୦୨/୨୫ ଶୁକ୍ରବାର ଦିନ ଖେଳା ଯାଇଥିଲା, ବିଜେତା ଭବାନୀପାଟଣା ଦଳକୁ ୪୫,୦୦୦ ଟଙ୍କା ଓ ଟ୍ରଫି ସାଇ ଅଟୋ କୋଟପାଡ଼ ଓ ଉପବିଜେତା ବରଗଡ ଦଳକୁ ଟିକୁ ବିଶୋଇ ନିଜ ବାପା ସ୍ୱର୍ଗତ ବାସୁଦେବ ବିଶୋଇଙ୍କ ସ୍ମୃତି ଉଦେଶ୍ୟରେ ୩୫,୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

# ଶୋଇଥିବା ସମୟରେ ଯୁବକଙ୍କ ଉପରେ ଏସିଡ ମାଡ଼: ଦୁର୍ବୃତ୍ତ ଫେରାର

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡି ଦ୍ୱାରା ଆକ୍ରମଣ

ବାସୁଦେବପୁର, ୭/୩(ନି.ପ୍ର): ଭଦ୍ରକ ଜିଲ୍ଲା ନାୟକାଣିଡିହ ଥାନା ଅଞ୍ଚଳ ରାମଚନ୍ଦ୍ରପୁର ଗ୍ରାମରେ ସନାତନ ପଲେଇ ଙ୍କ ୨୫ ବର୍ଷୀୟ ପୁଅ ଜଗବନ୍ଧୁ ପଲେଇ ଙ୍କ ଉପରେ ଏସିଡ ମାଡ ହୋଇଛି । ରାତି ତିନିଟା ବେଳେ ଘରେ ଶୋଇଥିବା ବେଳେ ମୁହଁ ଉପରେ ଏସିଡ ଢାଳିଦେଲେ ଦୃର୍ବୃତ୍ତ। ଚିତ୍କାର ଶୁଣି ଘର ଲୋକ ଆସିବା ପୂର୍ବରୁ ଏସିଡ ମାଡ଼ କରି ଦୂର୍ବୃତ୍ତ ଫେରାର । ଗୁରୁତର ଭାବରେ ଆହତ ହୋଇଥିବା ଜଗବନ୍ଧୁ ଙ୍କୁ ପରିବାର ଲୋକେ ପ୍ରଥମେ ବାସୁଦେବପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଗୁରୁତର ଅବସ୍ଥାରେ ଅଧିକ ଚିକିତ୍ସା ପାଇଁ କଳିଙ୍ଗ ହସ୍ପିଟାଲ କୁ କରାଯାଇଛି ସ୍ଥାନାନ୍ତର।

ଘଟଣା ସ୍ଥଳରେ ନାୟକାଣୀଡିହି ପୋଲିସ୍ ଓ ବାସୁଦେବପୁର ସଦର ଏସ .ଡି. ପି .ଓ. ପହଞ୍ଚି ଚଳାଇଛନ୍ତି ତଦନ୍ତ । କେଉଁ କାରଣରୁ ଏସିଡ ମାଡ଼ ହୋଇଛି ତାହା ଅଦ୍ୟାବଧି କାରଣ ଅସ୍ପଷ୍ଟ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡି ମାଡ଼ ହୋଇଥିବା ସନ୍ଦେହ। ବଢ଼ି ଚାଲିଛି ନାୟକାଣୀଡିହି ଥାନା ଅଞ୍ଚଳରେ ହତ୍ୟା ଲୁଣ୍ଠନ ଓ ରାହାଜାନି । ପୋଲିସ ର କାର୍ଯ୍ୟ କଳାପ କୁ ନେଇ ବୁଦ୍ଧିଜୀବୀ ଙ୍କ ମହଲରେ ବଢୁଛି ଅସନ୍ତୋଷ।

# ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଜନନେତା ଥିଲେ ହୃଦାନନ୍ଦ ମଲ୍ଲିକ



ଧାମନଗର୭/୩(ନି.ପ୍ର):ଧାମନଗରର ପୂର୍ବତନ ବିଧାୟକ ତଥା ଅଭିଭକ୍ତ ବାଲେଶ୍ୱର-ଭଦ୍ରକ ଜିଲ୍ଲାର ଜନପ୍ରିୟ ନେତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ୩୫ତମ ଶ୍ରାଦ୍ଧୋତ୍ସବ ଶନିବାର ଦିନ ପାଳିତ ହୋଇଯାଇଛି। ଏହି ଅବସରର ତାଙ୍କ ଜନ୍ମ ସ୍ଥାନ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗର ଠାରେ ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ସକାଳ ୬ ଟା ସମୟରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଘଟିକା ସମୟରେ ଭାଗବତ କଲ୍ୟାଣ ମଣ୍ଡପ ଭଦ୍ରକ ପରିସରରେ ହୃଦାନନ୍ଦ ସ୍ମୃତି କମିଟି ସଭାପତି ତଥା ସମାଜସେବୀ ଶାନ୍ତନୁ କୁମାର ରାଉତଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ବିଧାୟକ ଡଃ ବ୍ୟୋମକେଶ ରାୟ, ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ମୁକ୍ତିକାନ୍ତ ମଣ୍ଡଳ,ରାଜେନ୍ଦ୍ର ଦାସ,ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା,ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଅଧକ୍ଷା ଅବନ୍ତି ଦାସ, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ମୁକୁନ୍ଦଦେବ ସାମଲ,ଏନଏସି ଅଧକ୍ଷା ନିବେଦିତା ଜେନା, ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ବିନୋଦ ନାୟକ,ବିଜେଡ଼ି ନେତା ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ,ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି,ହରେକୃଷ୍ଣ ପାଢ଼ୀ,ବିଦ୍ୟାଧର ରାଉତ,ଅଜୟ କୁମାର ମଲ୍ଲିକ, ଅଭିଲିପ୍ସା ରାଉତ,ଆଇନଜୀବି ଦେବାଶିଷ ସାମଲ, ସାରଦା ପ୍ରସନ୍ନ ସାହୁ, କବି ଦୟାନିଧି ମିଶ୍ର,ରବୀନ୍ଦ୍ର ବେହୁରିଆ, ନାତି ଅଶୋକ ମଲ୍ଲିକ, ଅମିତ ମଲ୍ଲିକ ପ୍ରମୁଖ ଯୋଗଦେଇ ସୁଗୁଣଗାନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଗତ ମଲ୍ଲିକଙ୍କ ପୁତ୍ର ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ କୃତଜ୍ଞତା ଜ୍ଞାପନ କରିଥିଲେ।

# କୋଟପାଡ଼ ଆଦର୍ଶ ବିଦ୍ୟାଳୟ ଠାରେ ବିଜ୍ଞାନ ଦିବସ ପାଳିତ



କୋଟପାଡ଼ ୭/୩(ନି.ପ୍ର):ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ବିଜ୍ଞାନ ଦିବସ କୋଟପାଡ଼ର ବିଜ୍ଞାନ ଓ ଗଣିତ ଦିବସ କମିଟି ଦ୍ୱାରା ଏହାର ଆୟୋଜନ କରାଯାଇଥିଲା । କମିଟିର ସମ୍ପାଦକ ଡକ୍ଟର ଗଣେଶ ଚନ୍ଦ୍ର ପଣ୍ଡା ,ସଭାପତି ମଣିପ୍ରସାଦ ପଟ୍ଟନାୟକ ଓ କୋଷାଧକ୍ଷ ସୁଧିର ଚନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରି ସ୍ୱପ୍ନେଶର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିବାବେଳେ ସ୍ଥାନୀୟ କୋଟପାଡ ଏନଏସି ଚ୍ୟାୟରମ୍ୟାନ ଏମ.ଶଙ୍କର ରାଓ ମୁଖ୍ୟ ଅତିଥି ଓ କୋଟପାଡ଼ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡ଼ଃ ରଞ୍ଜିତ କୁମାର ଦାସ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରିଥିଲେ । ବିଜ୍ଞାନ ଦିବସ ଉପଲକ୍ଷେ ସମସ୍ତ ପ୍ରଶ୍ନପତ୍ର ନିର୍ମାଣ ଓ ପରୀକ୍ଷା ପରିଚାଳନାରେ ପଙ୍କଜ ମହାନ୍ତି,ରତିକାନ୍ତ ମହାନ୍ତି ,ଅବିନାଶ ମହାପାତ୍ର, ବ୍ରହ୍ମଦତ ମିଶ୍ର ,ମନୋଜ ଦାଶ ପ୍ରମୁଖ ସହଯୋଗ କରିଥିଲେ । ପ୍ରାୟ ୨୦ଟି ହାଇସ୍କୁଲର ୧୦୦ ଜଣ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ତାଙ୍କର ଉଚ୍ଚକୋଟିର ପଦର୍ଶନ ପାଇଁ ଉପସ୍ଥିତ ସମସ୍ତ ଅତିଥି ଏବଂ ଶିକ୍ଷକ,ଶିକ୍ଷୟତ୍ରୀ ମାନେ ଛାତ୍ର, ଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ ।

# ଦୁଇ ଛାତ୍ରୀଙ୍କୁ ଦଣ୍ଡ ଦେବା ଘଟଣା : ମାର୍ଚ୍ଚ ୩ରୁ ତୁକୁଲୁଣ୍ଡା ସ୍କୁଲରେ ପଡିବ ତାଲା

ବୌଦ୍ଧ,୭/୩(ନି.ପ୍ର):ଦୁଇ ଛାତ୍ରୀଙ୍କୁ ଦଣ୍ଡ ଦେବା ଘଟଣା । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଶୂନ । ଯାହାକୁ ନେଇ ଆଜି ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତୁକୁଲୁଣ୍ଡା ଗ୍ରାମବାସୀ । ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଦରଖାସ୍ତ ପ୍ରଦାନ କରି ଦେଇଛନ୍ତି ଚରମ ଚେତାବନୀ । ପ୍ରଧାନ ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି ନ କଲେ ମାର୍ଚ୍ଚ ୩ତାରିଖ ରୁ ସ୍କୁଲ ରେ ପଡିବ ତାଲା । ସୂଚନାମୁତାବକ ଗତ ଫେବୃଆରୀ ମାସ ୧୫ ତାରିଖ ରେ ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚି ପ୍ରଧାନ ଦୁଇଜଣ ଛାତ୍ରୀ ଙ୍କ ଉପରେ ରାଗି ଯାଇ ଏକ ଶହ ଥର ବସଉଠ କରାଇଥିଲେ । ଯାହାଫଳରେ ଦ୍ୱିତୀୟ ଦିନ ଛାତ୍ରୀ ଦୁଇ ଜଣ ଅସୁସ୍ଥ ହୋଇପଡିଥିଲେ । ଚଳପ୍ରଚଳ କରିବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପୁରୁଣାକଟକ ଗୋଷ୍ଠୀ ଚିକିତ୍ସାକେନ୍ଦ୍ର ରେ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ଦୁଇ ଛାତ୍ରୀ ଓ ଅଭିଭାବକ ମିଶି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କୁ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପାଇଁ ଯାଇଥିଲେ । କିନ୍ତୁ କାର୍ଯ୍ୟାଳୟ ର ଜଣେ ତଳ ସ୍ତରର କର୍ମଚାରୀ ତାଙ୍କୁ ଶହେ ଥର ବସ ଉଠ କଲେ କିଛି ହେବନି କିଛି ହୋଇନାହିଁ । ଯଦି କିଛି ଅଭିଯୋଗ ଅଛି ତେବେ ଗାଁ ଲୋକ ଓ ସ୍କୁଲ କମିଟି ମେମ୍ବର ମିଶି ଦରଖାସ୍ତ ଲେଖି ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ଜଣାଓ ବୋଲି କର୍ମଚାରୀ ଜଣକ କହିବା ସହ ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରୁ ଘଉଡ଼ାଇ ଦେଇଥିଲେ । ପରେ ଏଭଳି ଅଭାବନୀୟ ଘଟଣା ବାହାରେ ପ୍ରଘଟ ହେବା ପରେ ବ୍ଲକ ଶିକ୍ଷାଧିକାରୀ ୩ଜଣ ସିଆରସିସି ଓ ଜଣେ ପ୍ରଧାନ ଶିକ୍ଷକ ଙ୍କୁ ନେଇ ଏକ ଚାରି ଜାଣିଆ ତଦନ୍ତକାରୀ ଟିମ ଗଠନ କରି ତଦନ୍ତ ପାଇଁ ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ପଠାଇ ଥିଲେ । ତଦନ୍ତ ବେଳେ ତଦନ୍ତକାରୀ ଅଧିକାରୀ ଙ୍କ ସମ୍ମୁଖରେ ଦୁଇ ଛାତ୍ରୀ , ଅଭିଭାବକ ଓ ତୁକୁଲୁଣ୍ଡା ଗ୍ରାମବାସୀ ସମସ୍ତ ଘଟଣା ବଖାଣିଥିଲେ । ଆଉ ତଦନ୍ତ ବେଳେ ସତ ମାନିଥିଲେ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ । ସମସ୍ତ ଘଟଣା ଅନୁଧ୍ୟାନ କରି ତଦନ୍ତକାରୀ ଟିମ ଦୁଇଦିନ ମଧ୍ୟରେ ଘଟଣା ର ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଅନ୍ୟପଟେ ଏଭଳି ସଙ୍ଗିନ ଘଟଣାକୁ ତଦନ୍ତକାରୀ ଟିମ ଗ୍ରାମବାସୀଙ୍କ ସମସ୍ତ କଥା ଫୋଟୋ ଭିଡ଼ିଓ ରେକର୍ଡ ସହ ରିପୋର୍ଟ ସେହିଦିନ ହିଁ ଆସି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିଥିଲେ । କିନ୍ତୁ ଘଟଣାର ତଦନ୍ତ ର ୨୧ଦିନ ବିତି ଯାଇଥିଲେ ବି ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଓଲଟି ନାଲି ଲଫାପା ନେଇ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ହୋଇ ବସି ଯାଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।ଫଳରେ ଆଜି ଗ୍ରାମବାସୀ ବ୍ଲକ ଶିକ୍ଷାଅଧିକାରୀଙ୍କ ତଦନ୍ତ କାର୍ଯ୍ୟରେ ଅତିଷ୍ଠ ହୋଇ ତୁକୁଲୁଣ୍ଡା ସ୍କୁଲ ର ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅନ୍ୟତ୍ର ବଦଳି କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ କୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ତିକୁଲୁଣ୍ଡା ସ୍କୁଲ ର ପ୍ରଧାନ ଶିକ୍ଷକ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ସ୍କୁଲର ସମସ୍ତ ସରକାରୀ ଅର୍ଥ ହେରଫେର ର ତଦନ୍ତ କରି ସମସ୍ୟା ର ସମାଧାନ ନହୁଏ । ତେବେ



ଆସନ୍ତା ମାର୍ଚ୍ଚ ୩ତାରିଖ ରେ ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇବା ସହ ପ୍ରଧାନ ଶିକ୍ଷକ ଙ୍କୁ ସ୍କୁଲ ରେ ପୁରାଇଦେବୁ ନାହିଁ ବୋଲି ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ମାଧମରେ ଚରମ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଘଟଣା ସମ୍ପର୍କରେ ଆମେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ପ୍ରୟାଶା କରିଥିଲୁ କିନ୍ତୁ ଯୋଗାଯୋଗ ହୋଇପାରିନଥିଲା ।

# ବିଜେପୁର, ସିକେରକୁପା ସେକ୍ସନ ପାଲଟିଛି ଦୁର୍ନୀତିର ଗନ୍ତାଘର !

## ଜୟପାଟଣାରେ ପରେ ଲାଞ୍ଜିଗଡ ବ୍ଲକରେ ବଢିଲା ଇଡି ରେଡ ଆଶଙ୍କା



ଲାଞ୍ଜିଗଡ,୭/୩(ନି.ପ୍ର):ସରକାରୀ ଟଙ୍କା ହେରଫେର ଅଭିଯୋଗରେ ଜୟପାଟଣା ବନାଞ୍ଚଳରେ ଇଡି ରେଡ କରିବା ପରେ ଏବେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନରେ ଇଡି ରେଡ ଆଶଙ୍କା ବଢ଼ିବାରେ ଲାଗିଛି। ଉଭୟ ସେକ୍ସନରେ ବିଭିନ୍ନ ଯୋଜନାର କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବାବେଳେ ଯେ କୌଣସି ମୁହୂର୍ତ୍ତରେ ଭିଜିଲାନ୍ସ କିମ୍ବା ଇଡି ରେଡ ପଡିପାରେ ବୋଲି ଆଶଙ୍କା କରାଯାଉଛି। ଉଭୟ ସେକ୍ସନର ଫରେଷ୍ଟରମାନଙ୍କ ସହିତ ଫରେଷ୍ଟ ଗାର୍ଡ ଓ ଅସ୍ଥାୟୀ କର୍ମଚାରୀମାନଙ୍କ ମିଳିଭଗତରେ ଏହି ହରିଲୁଟ ଚାଲିଥିବାବେଳେ ରେଞ୍ଜ ଅଫିସରରୁ ଅତିରିକ୍ତ ବନ ସଂରକ୍ଷକ ପଦୋନ୍ନତି ପାଇ ଏଠାରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହେଉଛି। ଏପରିକି ଏଇ କିଛି ଦିନ ତଳେ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକରେ ବନବିଭାଗର ଏହି ଦୁର୍ନୀତିକୁ ନେଇ ଜନ ପ୍ରତିନିଧିମାନେ ଗଭୀର କ୍ଷୋଭ ବ୍ୟକ୍ତ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଆଣିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନ ଓ ବିଟଗୁଡ଼ିକୁ ଆସିଥିବା ମନରେଗା ସମେତ ବିଭିନ୍ନ ଯୋଜନାର ଭିଜିଲାନ୍ସ କିମ୍ବା ଇଡି ଯାଞ୍ଚ କରାଯାଉ ବୋଲି ଜନ ପ୍ରତିନିଧି ସମୂହ ଦାବି କରିଛନ୍ତି।

# ସଂପାଦକୀୟ

## ଧର୍ମପୀଠକୁ ନେଇ ବିବାଦ

ଆମ ଦେଶର ଅନେକ ପୁରାତନ କୀର୍ତ୍ତିରାଜି ଓ ଧର୍ମପୀଠକୁ ନେଇ ଗତ କିଛି ଦିନ ହେଲା ବିବାଦ ଓ ମନୋମାଳିନ୍ୟ କ୍ରମଶଃ ତୀବ୍ର ହେଉଥିବାର ଦେଖାଯାଉଛି। ଏହିସବୁ ପୀଠର ମାଲିକାନା, କ୍ରମବିକାଶ ଓ ଐତିହାସିକ ତଥ୍ୟାବଳୀକୁ ଆଇନ୍ ଅଦାଲତରେ ଚାଲେଞ୍ଜ କରାଯାଇ କେତେକ ମାମଲା ବିଚାରାଧୀନ ଥିବାବେଳେ ଧର୍ମୀୟ ବିଦ୍ୱେଷ ବୃଦ୍ଧି ପାଉଛି। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମପୀଠ ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ବିବାଦ ବହୁ ବର୍ଷ ଧରି ଦେଶର ବାତାବରଣକୁ ଅଶାନ୍ତ ରଖିଥିଲା। ବିଶେଷ କରି ୧୯୯୨ ଡିସେମ୍ବର ମାସରେ ବାବ୍ରୀ ମସ୍‌ଜିଦ୍‌ର ବିବାଦୀୟ ଢାଞ୍ଚାକୁ କରସେବକମାନେ ଭାଙ୍ଗିଦେବା ପରେ ଦେଶବ୍ୟାପୀ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକି ହିଂସାର ନିଆଁ ଜଳିଥିଲା। ତେବେ ସୁଖର କଥା ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ ଦୀର୍ଘ ବର୍ଷର ଏହି ବିବାଦର ସମାଧାନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଐତିହାସିକ ରାୟ ଭିତ୍ତିରେ ଅଯୋଧ୍ୟାରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଏବେ ଆଗେଇ ଚାଲିଛି ଏବଂ ମୁସଲମାନଙ୍କୁ ଅନ୍ୟ ଏକ ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରିବା ଲାଗି ପାଞ୍ଚ ଏକର ଜମି ପ୍ରଦାନ କରାଯାଇଛି। ରାମ ଜନ୍ମଭୂମି ବିବାଦ ତୁଟିବା ପରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରାରେ ଏକ ମସ୍‌ଜିଦ୍ ହଟାଇବାକୁ ନେଇ ବିବାଦ ଏବେ ମୁଣ୍ଡ ଟେକିଛି। ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥଳୀରେ ନିର୍ମିତ ହୋଇଥିବା ସାହି ଇଦ୍‌ଗା ମସ୍‌ଜିଦ୍‌କୁ ହଟାଇବା ପାଇଁ କରାଯାଇଥିବା ରିଟ୍ ପିଟିସନ୍‌କୁ ଜିଲ୍ଲା ସିଭିଲ୍ ଅଦାଲତ ଶୁଣାଣି ନିମନ୍ତେ ଗ୍ରହଣ କରିଛନ୍ତି। ମାମଲାରେ ଦର୍ଶାଯାଇଛି ଯେ, ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରାରେ ମନ୍ଦିର ପରିସରରେ ବେଆଇନ୍ ଭାବରେ ମସ୍‌ଜିଦ୍ ନିର୍ମାଣ କରାଯାଇଛି। ୧୬୬୯-୭୦ ମସିହାରେ ତତ୍‌କାଳୀନ ମୋଗଲ ସମ୍ରାଟ୍ ଔରଙ୍ଗଜେବ୍ ଏହି ମସ୍‌ଜିଦ୍ ନିର୍ମାଣ କରିଥିଲେ। ମାମଲାର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାରତର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ପୀଠ ବିଶ୍ୱ ବିଖ୍ୟାତ ତାଜମହଲକୁ ନେଇ ମଧ୍ୟ ବିବାଦ ମୁଣ୍ଡ ଟେକିଲାଣି। ଯେଉଁ ଜମି ଉପରେ ସମ୍ରାଟ୍ ଶାହାଜାହାନ୍ ତାଜମହଲ ନିର୍ମାଣ କରିଥିଲେ, ତାହା ଜଣେ ହିନ୍ଦୁ ରାଜାଙ୍କର ଥିଲା ବୋଲି ତାଙ୍କର ଉତ୍ତରାଧିକାରୀ ଦାବି କରିଛନ୍ତି। ତାଜମହଲରେ ବନ୍ଦ ଥିବା ୨୨ଟି କୋଠରୀ ଖୋଲିବାକୁ ଦାବି କରି ଏକ ମାମଲା ରୁଜୁ ହୋଇଥିଲା, ଯାହାକୁ ଅଦାଲତ ଖାରଜ କରି ଦେଇଛନ୍ତି। ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୁତବ୍‌ମୀନାର ମଧ୍ୟ ଏବେ ବିବାଦ ଓ ବିତର୍କ ବଳୟକୁ ଆସିଛି। କେତେଗୁଡ଼ିଏ ହିନ୍ଦୁ ମନ୍ଦିରକୁ ଭାଙ୍ଗି ଦିଆଯାଇ ସେହି ସ୍ଥାନରେ କୁତବ୍‌ମୀନାର ନିର୍ମିତ ହୋଇଛି ଏବଂ ଏହା ଏକ ହିନ୍ଦୁ ପୀଠ ବୋଲି କେତେକ ମହଲରୁ ଦାବି ଉଠିଛି। କୁତବମୀନାର ନାମ ବଦଳା ଯାଇ ବିଷ୍ଣୁସ୍ତମ୍ଭ ରଖିବାକୁ ମଧ୍ୟ ହିନ୍ଦୁ ସଙ୍ଗଠନ ପ୍ରସ୍ତାବ ରଖିଛି। ସେହି ଦିଲ୍ଲୀର ଜାମା ମସ୍‌ଜିଦ୍‌କୁ ନେଇ ବିବାଦ ଆରମ୍ଭ ହୋଇଛି। ଏହି ମସ୍‌ଜିଦ୍‌ର ନିମ୍ନାଂଶରେ ହିନ୍ଦୁ ଦେବଦେବୀଙ୍କ ପ୍ରତିମା ରହିଥିବାର ହିନ୍ଦୁ ମହାସଭା ଦାବି କରିଛି ଏବଂ ଏହାର ସତ୍ୟତା ଅନୁଧ୍ୟାନ କରିବାକୁ ମସ୍‌ଜିଦ୍ ଅଞ୍ଚଳ ଖୋଳାଯିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଛି। ତେବେ ବିବାଦ ଘେରକୁ ଆସିଥିବା ଧର୍ମପୀଠ ଓ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ବର୍ତ୍ତମାନ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗଟି ହେଉଛି ବାରାଣସୀର ଜ୍ଞାନବାପୀ ମସ୍‌ଜିଦ୍ ମାମଲା। ଏହି ମାମଲାଟି ବର୍ତ୍ତମାନ ସୁପ୍ରିମ୍ କୋର୍ଟଙ୍କ ବିଚାରାଧୀନ ରହିଛି। ଏହି ମସ୍‌ଜିଦ୍ ପରିସରରେ ଶିବଲିଙ୍ଗ ଠାବ ହୋଇଥିବାର ପ୍ରଚାରିତ ହେବା ପରେ ଏବେ ଆହୁରି ଅନେକ ତଥ୍ୟ ଲୋକଲୋଚନକୁ ଆସୁଛି। ସୁପ୍ରିମ୍ କୋର୍ଟ ମସ୍‌ଜିଦ୍ ପରିସରରେ ଠାବ ହୋଇଥିବା ଶିବଲିଙ୍ଗର ସୁରକ୍ଷା ସହିତ ମୁସଲମାନଙ୍କୁ ନମାଜ ପଢ଼ିବାର ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧର୍ମପୀଠଗୁଡ଼ିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଯେପରି ଅଧିକ ତିକ୍ତ ନହୁଏ ଏବଂ ଦେଶରେ ଭାଇଚାରା ଭାବ ଅକ୍ଷୁର୍ଣ୍ଣ ରହେ, ସେଥିପ୍ରତି ସର୍ବାଧିକ ଧ୍ୟାନ ଦେବାକୁ ପଡ଼ିବ।

## ଭଗବତ କୃପା

ଆତ୍ମାର ଅନ୍ୟନାମ ବ୍ରହ୍ମ। ଆତ୍ମା ଚୈତନ୍ୟ ରୂପରେ ସବୁ ମଣିଷ ଭିତରେ ବିଦ୍ୟମାନ ଯାହାକୁ କି ଚେତନ କୁହାଯାଏ। ବିବିଧତା ଭିତରେ ଏହି ଏକତାକୁ ବୁଝି ପାରିବାକୁ ପୂର୍ଣ୍ଣ ଚୈତନ୍ୟ ପ୍ରାପ୍ତି କୁହାଯାଏ। ଏଥିପାଇଁ ନିଃସ୍ୱାର୍ଥପର ପ୍ରେମର ଆବଶ୍ୟକତା ଥାଏ। ଜାତି ଓ ସଂସ୍କୃତି ମଧ୍ୟରେ ବିବିଧତା ନ ଆଣି ପ୍ରକୃତ ମନୁଷତ୍ୱ ବୁଝିବାକୁ ଧର୍ମ କୁହାଯାଏ। ଏହାକୁ ବୁଝିବା ପାଇଁ ଏକ ବିଶାଳ ହୃଦୟ ଓ ମନର ଆବଶ୍ୟକତା ଥାଏ। ଗୋଟିଏ ଦେଶରେ ଗଣତନ୍ତ୍ର ଶାସନ ଚାଲିଥାଏ। ଅନେକ ଦଳ ଥାଏ ଓ ସେ ଦଳ ମାନଙ୍କର ଅନେକ ଚିହ୍ନ ଥାଏ ଯଥା ପଦ୍ମ, ହାତ, ଝାଡ଼ୁ, ସାଇକେଲ, ହାତୀ, ଦାଆ, କତୁରୀ ଇତ୍ୟାଦି ଇତ୍ୟାଦି। ପଦ୍ମଧାରୀମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରକୃତ ରାମଙ୍କ ଭକ୍ତ ଓ ହନୁମାନଙ୍କ ଚାଳିଶା ପାଠ ସେମାନଙ୍କୁ ନିର୍ବାଚନର ବୈତରଣୀ ପାରି କରାଇ ପାରିବ। ସେମାନେ କଠୋର ହିନ୍ଦୁବାଦୀ ଥିଲେ। ହେଲେ ନିର୍ବାଚନ ସମୟରେ ସେମାନେ କେତେ ମନ୍ଦିର କରିଛନ୍ତି, କେତେ ମନ୍ଦିରର ନବୀକରଣ କରାଇଛନ୍ତି, କେତେ ସନ୍ତ୍ରାସବାଦୀଙ୍କୁ କାଶ୍ମୀର ଉପତ୍ୟକାରେ ନିପାତ କରିଛନ୍ତି ଇତ୍ୟାଦି ଇତ୍ୟାଦିର ଏକ ଲମ୍ବା ତାଲିକା ଧରି ଭୋଟ ଭିକ୍ଷା କରିଥାନ୍ତି। ଏସବୁ ସତ୍ତ୍ୱେ ସେମାନେ ସେମାନଙ୍କର ଦଳର ନେତାଙ୍କୁ ରାମଙ୍କ ଠାରୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦେଇ ତାଙ୍କର ଗୁଣଗାନ କରି ସେ କିପରି ବଂଶବାଦୀ ନୁହଁନ୍ତି, ହିମାଳୟର ପାଦ ଦେଶରେ କେତେ ଦିନ ଧ୍ୟାନ କରିଛନ୍ତି, ଦାରିଦ୍ର୍ୟତାକୁ କିପରି ପିଲା ଦିନୁ ଚିହ୍ନିଛନ୍ତି ସେ ସବୁକୁ ମୁଖ୍ୟ ମୁଦ୍ଦା ଭାବରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିଥାନ୍ତି। ଅତି ଅଳ୍ପରେ କହିବାକୁ ଗଲେ ରାମ ସେମାନଙ୍କ ପାଇଁ ନଗଣ୍ୟ ଥିଲେ ଓ ସେମାନଙ୍କର ଦଳର ନେତା ସର୍ବୋପରି। ଏହି ଦଳର ପ୍ରମୁଖ ବିରୋଧି ଦଳ ହାତଚିହ୍ନ ଧରି ଭୋଟ ଭିକ୍ଷା କରୁଥିଲେ। ସେମାନେ ହାତକୁ ଭଗବାନଙ୍କର ଲୋକଙ୍କ ପ୍ରତି ଏକ ଆଶୀର୍ବାଦ ବୋଲି କହି ଭୋଟ ଭିକ୍ଷା କରୁଥିଲେ। ଦଳର ମୁଖ୍ୟ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀପଦ ପାଇବାକୁ ଯୋଗ୍ୟ ହୋଇଥିଲେ ହେଁ ସେମାନେ ପ୍ରକୃତରେ ଭଗବାନଙ୍କ ଆଶୀର୍ବାଦ କେବଳ ଭିକ୍ଷା କରୁଥିବାରୁ ନିଜେ ଉକ୍ତ ପଦ ଗୁଡ଼ିକରେ ପଦାସୀନ ନ ହୋଇ ଅନ୍ୟମାନଙ୍କୁ ତାର ସୁଯୋଗ ଦେଉଥିଲେ। ବିବିଧତା ମଧ୍ୟରେ ଏକତାକୁ ଚିହ୍ନି ଭଗବାନଙ୍କର ଆଶୀର୍ବାଦ ପାଇବା ଉଦ୍ଦେଶ୍ୟରେ ଓ ଲୋକଙ୍କ ପ୍ରତି ଭଗବାନଙ୍କ ଆଶୀର୍ବାଦ ତାଙ୍କ କର ମାଧ୍ୟମରେ ଝରି ପଡୁ ଭାବି ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ସବୁଠାରେ ନତମସ୍ତକ ହେଉଥିଲେ। ଏହି ଦଳ ସର୍ବଧର୍ମ ସମନ୍ୱୟ ଉପରେ ବିଶ୍ୱାସ ରଖୁଥିଲା ଓ ହିଂସାକୁ ଯେ ଦୂରରେ ରହେ ସେ ହିନ୍ଦୁ ବୋଲି କହୁଥିଲା। ଜଣେ ନିଜର ନେତାଙ୍କ ନାମରେ ଭୋଟ ଭିକ୍ଷା କରୁଥିବା ବେଳେ ଆଉ ଏକ ଦଳ ଭଗବାନଙ୍କର କୃପା ଭିକ୍ଷା କରି 'ଲୋକାଃ ସମସ୍ତା ସୁଖୀନଃ ଭବନ୍ତୁ' ପ୍ରାର୍ଥନା କରି ଭୋଟ ଭିକ୍ଷା କରୁଥିଲା। ସେହି ଦଳକୁ ପରିବାରବାଦ ସହ ଯୋଡୁଥିଲେ ମଧ୍ୟ ସେ ସବୁକୁ କର୍ଣ୍ଣପାତ ନକରି ବୁଦ୍ଧଙ୍କର ବାଣୀ 'ଚରୈବେତି ଚରୈବେତି' ଉପରେ ବିଶ୍ୱାସ ରଖୁଥିଲା। ଏହି ଦଳରେ କେବଳ ଏକତା, ସମନ୍ୱୟତାର ଅଭାବ ରହୁଥିଲା। ଦିନେ ନେତାଙ୍କ ନାମରେ ଭୋଟ ଭିକ୍ଷା କରୁଥିବା ପ୍ରଧାନ ନେତା ତାଙ୍କର ମନ୍ତ୍ରୀମାନଙ୍କୁ ପଚାରିଲେ 'ମୁଁ ବଡ଼ ନା ଭଗବାନଙ୍କର ଆଶୀର୍ବାଦ ବଡ଼' ଜଣେ ମନ୍ତ୍ରୀ କହିଲେ ଆପଣ ବଡ଼ ଯେ ହେଲେ ଭଗବାନଙ୍କ ଆଶୀର୍ବାଦ ତା ଠାରୁ ବଡ଼। ପ୍ରଧାନ ନେତା ଏହାକୁ ପରୀକ୍ଷା କରିବା ପାଇଁ ତାଙ୍କ ଦଳର ନେତା ଓ ହାତ ଦଳରୁ ଆସି ତାଙ୍କ ଦଳରେ ମିଶିଥିବା ନେତାମାନଙ୍କୁ ପରୀକ୍ଷା କରିବା ପାଇଁ କିଛି ଦାନ ଦେବାକୁ ଚାହିଁଲେ। ଦାନରେ ଥିଲା ଏକ ଗେରୁଆ ଗାମୁଛା ଓ ପଦ୍ମଫୁଲ। ପଦ୍ମଫୁଲଧାରୀ ନେତାମାନେ ଏହାକୁ ଆନନ୍ଦର ସହ ଗ୍ରହଣ କରୁଥାନ୍ତି କିନ୍ତୁ ସେ ପଦ୍ମଫୁଲ ଗୁଡ଼ିକ ଟିକେ ଟିକେ ଓଜନିଆ ଲାଗୁଥିଲା। ହାତ ଦଳରୁ ପଦ୍ମଦଳରେ ମିଶିଥିବା ଲୋକ ଗେରୁଆ ଗାମୁଛା ପଦ୍ମଫୁଲ ପାଇଥିଲେ ମଧ୍ୟ ଫୁଲ ଗୁଡ଼ିକ ହାଲୁକା ଥିଲା। ଲୋକମାନେ, ଯେଉଁମାନେ ପଦ୍ମଦଳର ସେମାନେ ଦଳର ନେତାଙ୍କର ଜୟ କହି ଗ୍ରହଣ କରୁଥିଲା ବେଳେ ହାତ ଦଳରୁ ଆସି ମିଶିଥିବା ଲୋକେ ହୃଦୟ ସହ ରାମଙ୍କର ଜୟ ହେଉ କହି ଗ୍ରହଣ କରୁଥିଲେ। ବାହାରକୁ ଆସିବା ପରେ ସବୁ ନେତା ଗାମୁଛା ଗୁଡ଼ିକୁ କାନ୍ଧରେ ପକାଇଥାନ୍ତି କିନ୍ତୁ ପଦ୍ମଫୁଲ ଗୁଡ଼ିକୁ, ହାତ ଦଳର ନେତା ଯେ କି ଜଣେ ଫୁଲ ବ୍ୟବସାୟୀ ଥିଲେ ତାଙ୍କୁ ଏକ ଏକ ଟଙ୍କା ବିନିମୟରେ ବିକ୍ରୀ କରିଦେଲେ। କିଛି ଦିନ ପରେ ଦେଖାଗଲା ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ନେତା ଖୁବ ଜାକ ଜମକରେ ଥିଲାବେଳେ ପଦ୍ମଫୁଲଧାରୀ ନେତାମାନେ ଗେରୁଆ ରଙ୍ଗ, ଚକଖଡ଼ିର ସହାୟତାରେ ନିର୍ବାଚନ ପ୍ରଚାର କରୁଛନ୍ତି। ଏପରି କାହିଁକି ହେଲା ବୋଲି ଦଳର ନେତା ମନ୍ତ୍ରୀମାନଙ୍କୁ ପଚାରିବାରୁ ସେମାନେ କହିଥିଲେ ହେ ମହାନୁଭବ ! ଆପଣ ଦେଇଥିବା ମଣିମୁକ୍ତା ଲୁକାୟିତ ପଦ୍ମ ଫୁଲ ଗୁଡ଼ିକୁ ହାତ ଚିହ୍ନ ନେତା ଯେ କି ଫୁଲ ବ୍ୟବସାୟୀ ଏକ ଏକ ଟଙ୍କା ବିନିମୟରେ କିଣି ନେଇଥିଲେ। ଏକଥା ପ୍ରଚାର ହୋଇଯିବା ଓ ଏହାକୁ ହୃଦୟଙ୍ଗମ କରିବା ପରେ ହାତ ଦଳରୁ ପଦ୍ମଚିହ୍ନରେ ମିଶିଥିବା ଲୋକମାନେ ପୁନର୍ବାର ନିଜ ଦଳକୁ ଫେରି ଆସିଥିଲେ। ଏହି ଗଳ୍ପରୁ ଏତିକି ନୀତିଶିକ୍ଷା ମିଳେ ମଣିଷର ଆଶୀର୍ବାଦ ଅପେକ୍ଷା, ଭଗବାନଙ୍କର ଆଶୀର୍ବାଦ ସର୍ବୋପରି ରାମଙ୍କ ନାମ ବ୍ୟବହାର କରି ନିଜର ବଡ଼ପଣ ଦେଖାଇ କର୍ମ କରୁଥିବା ମଣିଷ କେବେ ବି ବଡ଼ ହୋଇପାରେନା ବରଂ ନିଜର କାମର ଲମ୍ବା ତାଲିକା ଧରି ଡିଣ୍ଡିମ ନପିଟି ହାତ ଦ୍ୱାରା କର୍ମ କରି ଭଗବାନଙ୍କର ଆଶୀର୍ବାଦ ସମସ୍ତ ଲୋକ ପାଇଁ ପ୍ରାର୍ଥନା କରିବା ହିଁ ଶ୍ରେୟସ୍କର। ହିଂସା ଠାରୁ ଯେ ଦୂରରେ ରୁହେ ସେ ହିଁ ପ୍ରକୃତ ହିନ୍ଦୁ ଓ ସର୍ବଧର୍ମର ସମନ୍ୱୟ ସମସ୍ତେ ବିଶ୍ୱାସ ରଖିବା ଉଚିତ ଓ ଭଗବାନ ଏକ ଏବଂ ସେ ସର୍ବତ୍ର ବିଦ୍ୟମାନ ଏହାକୁ ଉପଲବ୍ଧି କରିବା ଉଚିତ।

**ଅନୀତା ପଟ୍ଟନାୟକ**

# ତୁମ ଠାରୁ ଶ୍ରେଷ୍ଠ କେହି ନାହାଁନ୍ତି

ମନୁଷ୍ୟ ଜନ୍ମଗ୍ରହଣ କରିବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମନ ଭିତରେ ଜାଗ୍ରତ ହୋଇଥାଏ ଅନେକ ପ୍ରଶ୍ନ। ପ୍ରଶ୍ନରେ ଜୀବନ ଆରମ୍ଭ ହୋଇ ପ୍ରଶ୍ନର ଉତ୍ତର ଅପେକ୍ଷାରେ ଜୀବନର ଅନ୍ତ ବେଳେବେଳେ ହୋଇଯାଇଥାଏ। ପ୍ରଶ୍ନ କ'ଣ ନା ମୁଁ କେମିତି ଭଲ ପାଠ ପଢିବି ? ମୁଁ କିପରି ଧନ ସମ୍ପତ୍ତି ଅର୍ଜନ କରିବି ? କେଉଁ ମାର୍ଗରେ ଗଲେ ମୋର ଭଲ ହେବ ? ମୋର ବେପାର କେମିତି ଭଲ ଚାଲିବ ? ଜମି ବାଡ଼ି କେମିତି ଭଲ ଚାଷ ହେବ ? କେଉଁ କର୍ମରେ ନିଯୁକ୍ତି ପାଇବି ? ଏ ତ ଗଲା ସାଂସାରିକ କଥା। ଯେଉଁମାନେ ଆଧ୍ୟାତ୍ମିକ ଭିତରେ ପ୍ରବେଶ କରିଥାନ୍ତି ଏବଂ ପରମାତ୍ମାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ଆନ୍ତରିକତା ରହିଛି, ସେମାନଙ୍କ ମନ ଭିତରେ ମଧ୍ୟ ପ୍ରଶ୍ନ ଜାଗ୍ରତ ହୋଇଥାଏ । କେଉଁ ମନ୍ତ୍ର ବଡ଼ ? କେଉଁ ଦେବତା ବଡ଼ ? କେଉଁ ଦେବୀ ବଡ଼ ? କେଉଁ ଉପାସନା କରିବି ? କେମିତି ଉପାସନା କରିବି ? ଉପାସନା କରି ପରମାତ୍ମାଙ୍କ କୃପା କେମିତି ପ୍ରାପ୍ତ କରାଯାଇପାରିବ ? ଏଭଳି ଅନେକ ପ୍ରଶ୍ନ ଜାଗ୍ରତ ହେବା ସ୍ୱାଭାବିକ। କାହିଁକି ନା ମନୁଷ୍ୟର ସ୍ୱଭାବ ହେଉଛି ପ୍ରଶ୍ନ କରିବା ଏବଂ ଉତ୍ତରକୁ ଅନ୍ୱେଷଣ କରିବା। ଏ ସବୁ ପ୍ରଶ୍ନର ଉତ୍ତର ଯଦି ଜାଣିବାର ଅଛି ଏବଂ ବୁଝିବାର ଅଛି ତାହେଲେ ମନୁଷ୍ୟକୁ ବିଭିନ୍ନ ଧର୍ମ ଶାସ୍ତ୍ର, ଗ୍ରନ୍ଥ, ଇତ୍ୟାଦି ସ୍ୱାଧ୍ୟାୟ କରିବାକୁ ପଡ଼ିବ। ଏଥି ସହିତ ତତ୍ତ୍ୱବେତ୍ତା ସଦ୍‌ଗୁରୁଙ୍କର ଶରଣାପନ୍ନ ଏକାନ୍ତ ଆବଶ୍ୟକ। ଯେଉଁ ଗୁରୁଙ୍କର ମାର୍ଗ ଦର୍ଶନରେ ମନୁଷ୍ୟ ସମସ୍ତ ପ୍ରଶ୍ନର ଉତ୍ତର ପ୍ରାପ୍ତ କରିପାରିବ ଏବଂ ସାଂସାରିକ ଜୀବନକୁ ଆଧ୍ୟାତ୍ମିକମୟ କରିପାରିବ। ଠିକ୍ ସେହିପରି ରାମଚରିତ ମାନସର ଉତ୍ତରାଖଣ୍ଡରେ ଭୁସୁଣ୍ଡୀକାକ ଏବଂ ଗରୁଡ଼ ମହାରାଜ ମଧ୍ୟରେ ବାର୍ତ୍ତାଳାପ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଗରୁଡ଼ ମହାରାଜ। ଭୁସୁଣ୍ଡୀକାକକୁ ଅନୁଗ୍ରହ ପୂର୍ବକ କହୁଛନ୍ତି, ହେ ନାଥ ! ମୋ ଉପରେ ଆପଣଙ୍କ ଯଦି ଶ୍ରଦ୍ଧା ରହିଛି, ମୋତେ ଆପଣ ଯଦି ନିଜର ସେବକ ବୋଲି ବିଚାର କରୁଛନ୍ତି ତେବେ ମୋ ମନରେ ଯେତେକ ପ୍ରଶ୍ନ, ଶଙ୍କା ଜାତ ହୋଇଛି ଦୟାପୂର୍ବକ ସେ ସବୁ ପ୍ରଶ୍ନର ଉତ୍ତର ପ୍ରଦାନ କରିବା ପାଇଁ ଆପଣଙ୍କୁ ଅନୁରୋଧ କରୁଅଛି । ଏଭଳି ଅନୁରୋଧ ପୂର୍ବକ ପଚାରିବା ପରେ ଭୁସୁଣ୍ଡୀକାକ ମହାରାଜ କହୁଛନ୍ତି, ଠିକ୍ ଅଛି ତେବେ କୁହ ପ୍ରଶ୍ନ କ'ଣ ? ଗରୁଡ଼ ମହାରାଜ ୭ଟି ପ୍ରଶ୍ନ କରିଛନ୍ତି । ପ୍ରଥମ ପ୍ରଶ୍ନ ଗରୁଡ଼ ମହାରାଜ ପଚାରିଲେ ଯଥା ଏ ସଂସାର ଭିତରେ ଶ୍ରେଷ୍ଠ ପ୍ରାଣୀ କିଏ ? ସଂସାରରେ ୮୪ ଲକ୍ଷ ପ୍ରକାର ଜୀବଜନ୍ତୁ ଅଛନ୍ତି ଏବଂ ଏମିତି କେତେ ଜୀବଜନ୍ତୁ ଅଛନ୍ତି ଯେଉଁମାନେ କି, ସ୍ୱୟଂ ଭଗବାନଙ୍କ ରୂପ ଧାରଣ କରିଛନ୍ତି ଯେପରିକି ମତ୍ସ୍ୟ, କଚ୍ଛପ, ବରାହ ଓ ଭଗବାନଙ୍କର ବାହନ ରୂପରେ ମଧ୍ୟ ବାଘ, ସିଂହ, ଗରୁଡ଼, ବୃଷଭ ଆଦି ଅବତାର ଗ୍ରହଣ କରିଛନ୍ତି। ମତ୍ସ୍ୟ, କଚ୍ଛପ, ବରାହ ଶ୍ରେଷ୍ଠ ନା ନନ୍ଦୀ, ଭୃଙ୍ଗୀ ବାହନ ଆଦି ଶ୍ରେଷ୍ଠ ନା ଦେବ, ଦାନବ, ପିଶାଚ, ଗନ୍ଧର୍ବ, ଅପସରା ଏମାନେ ଶ୍ରେଷ୍ଠ ? ଉତ୍ତରରେ ଭୁସୁଣ୍ଡୀ କାକ ମହାରାଜ କହୁଛନ୍ତି, ଅନାଦି କାଳରୁ ସଂସାରରେ ଜୀବ ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ପ୍ରୟାସ କରୁଛି ଏବଂ ଯଦି ଏ ପ୍ରଶ୍ନର ଉତ୍ତର ପାଇଯିବ ତାହେଲେ ତା'ର ଜୀବନ ଧନ୍ୟ ହୋଇଯିବ। ଏ ପ୍ରଶ୍ନର ଉତ୍ତର ନ ବୁଝିବା ଯୋଗୁଁ ହିଁ ମନୁଷ୍ୟ ବାରମ୍ବାର ୮୪ଲକ୍ଷ ଥର ଜନ୍ମ ମୃତ୍ୟୁ ଚକ୍ରରେ ଭ୍ରମିତ ହୋଇଥାଏ। ସମୁଦାୟ ସଂସାରରେ ଅଣ୍ଡଜ, ଉଦ୍ଭିଜ, ଜରାୟୁଜ ଓ ଶ୍ୱେତଜ ଏ ଭଳି ୪ପ୍ରକାର ଜୀବ ରହିଛନ୍ତି। ୩୦ଲକ୍ଷ ପ୍ରକାର ସ୍ଥାବର ଜୀବ, ୨୦ଲକ୍ଷ ପ୍ରକାର ଚତୁଷ୍ପଦ ଜୀବ, ୧୧ଲକ୍ଷ ପ୍ରକାର ଉଡନ୍ତା ପକ୍ଷୀ, ୧୦ଲକ୍ଷ ପ୍ରକାର ଭୂମିତଳେ ରହୁଥିବା କୀଟ ପତଙ୍ଗ, ୯ଲକ୍ଷ ପ୍ରକାର ଜଳରେ ଥିବା ଜୀବଜନ୍ତୁ, ୪ଲକ୍ଷ ପ୍ରକାର ପଶୁ ଏବଂ ମାନବ ଜୀବ । ଏଭଳି ୮୪ଲକ୍ଷ ପ୍ରକାର ଜୀବଜନ୍ତୁ ଭାବେ ଜନ୍ମ ହୋଇ ଅସହ୍ୟ ଦୁଃଖ, କଷ୍ଟ, ଯନ୍ତ୍ରଣା ଭୋଗ କରି ସାରିବା ପରେ ପରିଶେଷରେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥାନ୍ତି । 'ମନୁଷ୍ୟ ଶରୀର ହିଁ ସବୁଠାରୁ ଶ୍ରେଷ୍ଠ। କାରଣ ମାନବ ଶରୀର ଭଳି ଅନ୍ୟ କୌଣସି ଶରୀର ସମକକ୍ଷ ହୋଇ ପାରିବ ନାହିଁ। ଏହି ମନୁଷ୍ୟ ଚାହିଁଲେ ସ୍ୱର୍ଗର ଇନ୍ଦ୍ରପଦକୁ ପ୍ରାପ୍ତ କରିପାରିବ। ଜ୍ଞାନ, ଯୋଗ, ବୈରାଗ୍ୟ, ଆନନ୍ଦ, ସାଧୁ ସନ୍ଥ, ଭକ୍ତ, ମହାତ୍ମା, ହୋଇ ମଧ୍ୟ ଜୀବନଯାପନ କରିପାରିବ ତେଣୁ କୁହାଯାଇଛି ମାନସରେ, 'ନରୋତ୍ତମ ସମ ନାହିଁ କବ ନହୁଁ ଦେହି ଜୀବ ଚରାଚର ଯାଚତୋ ତୁହିଁ 'ଅର୍ଥାତ୍ ପରମେଶ୍ୱରଙ୍କର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ଏକ ଆଶ୍ଚର୍ଯ୍ୟ। ଏମିତି ଏକ ଆଶ୍ଚର୍ଯ୍ୟ ଏ ବିଶ୍ୱବ୍ରହ୍ମାଣ୍ଡ କେମିତି ସୃଷ୍ଟି ହେଲା ତାହା ଜାଣିବା ସହଜସାଧ୍ୟ ନୁହେଁ ତନ୍ମଧ୍ୟରେ ରହସ୍ୟମୟ, ବିସ୍ମୟମୟ, ସୃଷ୍ଟି ହେଉଛି ପରମାତ୍ମାଙ୍କ ମନୁଷ୍ୟ ଶରୀର, ଯାହା ପରମାତ୍ମାଙ୍କ ଠାରେ ଅଛି ତାହା ମନୁଷ୍ୟ ଶରୀରରେ ଭରି ଦେଇଛନ୍ତି। ପରମାତ୍ମା ମନୁଷ୍ୟ ଭିତରେ ଜ୍ଞାନ ଶକ୍ତି, ବାକ୍ ଶକ୍ତି, ବିବେକ ଶକ୍ତି, ଚେତନା ଶକ୍ତି, ଚିନ୍ତନ ଶକ୍ତି ନିଜେ ପ୍ରଦାନ କରିଛନ୍ତି ଯାହାର ଏକ ଜ୍ୱଳନ୍ତ ଉଦାହରଣ । ମନୁଷ୍ୟ ଶରୀର ଭିତରେ ରହିଛି କୁଣ୍ଡଳିନୀ ଶକ୍ତି, ଯେଉଁ ଶକ୍ତି ଜାଗରିତ ହେଲେ ଦିବ୍ୟସ୍ତରରେ ପହଞ୍ଚିପାରିବ । ଏହି ଶକ୍ତି ପ୍ରାଣାୟାମ, ଆସନ, କ୍ରିୟାଯୋଗ, ଧ୍ୟାନ ଯୋଗ, ଭକ୍ତି ଯୋଗ ଦ୍ୱାରା ସମ୍ଭବ ହୋଇପାରିବ। କୁଣ୍ଡଳିନୀ ଶକ୍ତି ଜାଗ୍ରତ ହେବା ଦ୍ୱାରା ମସ୍ତିଷ୍କରେ ଥିବା ଅନେକ ଅସୁପ୍ତ ଅବିକଶିତ ନାଡୀ ଗୁଡିକ ଜାଗରିତ ହୋଇ ମନୁଷ୍ୟ, ସର୍ବୋଚ୍ଚ ଚେତନାସ୍ତରକୁ ଜାଗ୍ରତ କରିପାରିବ । କୁଣ୍ଡଳିନୀ ଶକ୍ତି, ମୂଳାଧାର ଚକ୍ରରେ ନିବାସ ହୋଇଥାଏ, ସାଧକ ନିଜର କୁଣ୍ଡଳିନୀ ଶକ୍ତି କେଉଁ ଠାରେ ଅଛି ସାଧନା ଦ୍ୱାରା ଶୀଘ୍ର ଜାଣିପାରନ୍ତି ଏବଂ ସ୍ୱାଧିଷ୍ଠାନ, ମଣିପୁର, ଅନାହତ ଆଦି କେଉଁ ଅବସ୍ଥାରେ ଅଛି ଏବଂ କୁଣ୍ଡଳିନୀ ଶକ୍ତି ସହସ୍ରା ଚକ୍ରରେ ଯଦି ପହଞ୍ଚି ଯାଏ ତେବେ ସେ ଅତୀନ୍ଦ୍ରିୟ ଚେତନାକୁ ଜାଗ୍ରତ କରିପାରେ। ଯେଉଁମାନେ ଏହି କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ପାରିଛନ୍ତି ସେମାନଙ୍କର ପ୍ରଭାବ ବିଶେଷ ରହିଛି। ସେମାନେ ସଂସାରର ସକଳ ବନ୍ଧନରୁ ମୁକ୍ତି ପ୍ରାପ୍ତ କରିଥାନ୍ତି । ମନୁଷ୍ୟ ଶରୀରର ଗୋଟିଏ ଗୋଟିଏ ଅଙ୍ଗପ୍ରତ୍ୟଙ୍ଗ ପରମାତ୍ମାଙ୍କ ତତ୍ତ୍ୱ ଦ୍ୱାରା ପରିପୂର୍ଣ୍ଣ। ନିଜେ ଜାଣିବା ପାଇଁ ଓ ନିଜେ ବୁଝିବା ପାଇଁ ଯଦି ମନୁଷ୍ୟ ପ୍ରୟାସ କରିବ ତାହେଲେ ଜାଣିପାରିବ ସଂସାରର ସବୁ ଠାରୁ ଶ୍ରେଷ୍ଠ ଅମୂଲ୍ୟ ଜୀବ ହେଉଛି ଏହି ମନୁଷ୍ୟ ଭଗବାନ ଗୀତାରେ ବାରମ୍ବାର କହିଛନ୍ତି:- ମାମୈବ.......

ଗୀତାର ୧୫/୭ ଶ୍ଳୋକରେ ବର୍ଣ୍ଣିତ ହୋଇଛି, ଦ୍ୱିତୀୟ ଶ୍ଳୋକ ୧୮/୬୧ ଶ୍ଳୋକ ଯାହାକୁ ମୋକ୍ଷଯୋଗ କୁହାଯାଏ।

ଇଶ୍ୱରଃ ସର୍ବଭୂତାନାଂ...

ହେ ମନୁଷ୍ୟ ! ମୁଁ ତୁମ ଭିତରେ ବିରାଜମାନ କରିଛି, ତୁମେ ମୋର ହିଁ ଅଂଶ; ତୁମେ ମୋର ହିଁ ବଂଶ। ତୁମେ ମୋ ଠାରୁ ହିଁ ଜାତ ହୋଇଛ ଏହି କଥା ବାରମ୍ବାର ଭଗବାନ ଘୋଷଣା କରି କହିଛନ୍ତି। ମାନସରେ କୁହାଯାଇଛି:- ଇଶ୍ୱର ଅଂଶ ଜୀବ ଅବିନାଶୀ, ଚେତନା ଅମଲ ସହଜ ସୁଖରାଶି। ତୁମେ ମୋର ହିଁ ଅଂଶ, ବଂଶ ତେବେ ମନୁଷ୍ୟ ପରମାତ୍ମାଙ୍କର ଅଂଶ ହୋଇ ମଧ୍ୟ ସଂସାରରେ ଏତେ ଦୁଃଖି କାହିଁକି ? ଦୁଃଖର କାରଣ 'ଅଜ୍ଞାନତା ଓ ପରାଧୀନତା'। ସଂସାରର ବସ୍ତୁ ବ୍ୟକ୍ତି ପ୍ରତି ଆସକ୍ତି ରହିବା ଏବଂ ଦ୍ରବ୍ୟ ପ୍ରତି ଲୋଭ ମୋହ ଇତ୍ୟାଦିରେ ଜର୍ଜରିତ ହୋଇଥାଏ । ମନୁଷ୍ୟ ଶରୀରକୁ ଯଦି ସଦୁପଯୋଗ କରିବ ତାହେଲେ ସାଧାରଣରୁ ସାଧାରଣ ମନୁଷ୍ୟ ମଧ୍ୟ ଏକ ଦେବ ଦୁର୍ଲଭ ଭଳି ଜୀବନ ଯାପନ କରିପାରିବ। ପରମାତ୍ମା କେମିତି ଶ୍ରେଷ୍ଠ ମନୁଷ୍ୟକୁ ଗଠନ କଲେ ? ପରମାତ୍ମା ଯେତେବେଳେ ସୃଷ୍ଟିକୁ ରଚନା କରି ଗୋଟିଏ ଗୋଟିଏ ଜୀବଜନ୍ତୁକୁ ନିଜ ନିଜର ଶକ୍ତି ସାମର୍ଥ୍ୟତା ଅନୁସାରେ ସେହିଭଳି ଶକ୍ତି ତାକୁ ପ୍ରଦାନ କଲେ। ଜୀବ ସଂସାରରେ କେମିତି ବଞ୍ଚିବ, ଖାଇବ, ପିଇବ, ରହିବ, ତାର ବଂଶବୃଦ୍ଧି କରିବ ଏବଂ ତା'ର କେଉଁ ଇନ୍ଦ୍ରିୟକୁ ବିକଶିତ କଲେ ସେହି ଇନ୍ଦ୍ରିୟ ଦ୍ୱାରା ତାର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବ ସେଥିପାଇଁ ପରମାତ୍ମା ପଶୁପକ୍ଷୀଙ୍କର ଶକ୍ତି ସାମର୍ଥ୍ୟତା ଅନୁସାରେ ଗୋଟିଏ ଗୋଟିଏ ଇନ୍ଦ୍ରିୟକୁ ବିକଶିତ କରିଛନ୍ତି ଏବଂ ପରିଶେଷରେ ମନୁଷ୍ୟ ସୃଷ୍ଟି କରି। ପରମାତ୍ମା ନିଜ ପାଖରେ ଯେଉଁ ସବୁ ଶକ୍ତି, ବୁଦ୍ଧି, ବିବେକ, ଚେତନା ସମସ୍ତ ଶକ୍ତି ମନୁଷ୍ୟକୁ ପ୍ରଦାନ କଲେ। ଭଗବାନ ବିଚାର କଲେ ମୁଁ ରହିବି କେଉଁଠି । ସଂସାରରେ କେଉଁ ଜାଗାରେ ରହିଲେ ଅତି ଉତ୍ତମ ହେବ ଏହା ବିଚାର କରି ଧ୍ୟାନରେ ଦେଖିଲେ ବିଂଶ ଶତାବ୍ଦୀରେ ମନୁଷ୍ୟର ମାନସିକ ସ୍ଥିତିକୁ ଯଦି ମୁଁ ସମୁଦ୍ର ଗଭୀର ଭିତରେ ଅବସ୍ଥାନ କରେ ତେବେ ରହିବା ସମ୍ଭବପର ହେବ ନାହିଁ, କାରଣ ବର୍ତ୍ତମାନର ମନୁଷ୍ୟ ସମୁଦ୍ରର ଗଭୀର ଭିତରକୁ ପ୍ରବେଶ କରି ହଜାର ହଜାର କିଲୋମିଟର ଅତିକ୍ରମ କରି ପେଟ୍ରୋଲ ବାହାର କରିପାରୁଛନ୍ତି ଏବଂ ଭ୍ରମଣ କରି ଚାଲିଆସୁଛନ୍ତି । ଯଦି ଆକାଶରେ ରହିବି ତାହେଲେ ମନୁଷ୍ୟ ଏହି ଯୁଗରେ ଚନ୍ଦ୍ର, ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ଯାତାୟତ କରିପାରୁଛି ବସତି ସ୍ଥାପନ କରିବା କଥା ମଧ୍ୟ ଚିନ୍ତା କରୁଛି । ଯଦି ଭଗବାନ ମୂର୍ତ୍ତି ଭିତରେ ରହିବେ ତେବେ ଧନୀ ସମ୍ପ୍ରଦାୟ ବ୍ୟକ୍ତିମାନେ ମୂର୍ତ୍ତିକୁ ନେଇ ନିଜ ନିଜ ଘର ଭିତରେ ସ୍ଥାପନ କରିବେ। କେଉଁଠି ରହିବି ? ଜଳ, ସ୍ଥଳ, ବନ ଗିରି ଆକାଶରେ ମନୁଷ୍ୟର ଆଧିପତ୍ୟତା ବିସ୍ତାର କରିବାକୁ ଯାଉଛି। ଏ ସମସ୍ତ କଥା ବିଚାର କରି ଶେଷରେ ଭଗବାନ ମନୁଷ୍ୟ ମଧ୍ୟରେ 'ଆତ୍ମା' ରୂପରେ ବିରାଜମାନ କଲେ। ସ୍ୱୟଂ ମନୁଷ୍ୟ ବାହାରେ ଖୋଜିବୁଲେ ନିଜ ଭିତରେ ଥିବା ଆତ୍ମ ଶକ୍ତିକୁ, ଆତ୍ମ ଜ୍ଞାନକୁ ଜାଗ୍ରତ କରିବା ପାଇଁ ପ୍ରୟାସ କରେ ନାହିଁ। କାହିଁକି ନା ମନୁଷ୍ୟ ଶରୀର ଭିତରେ ସ୍ୱୟଂ ପରମାତ୍ମା ଆତ୍ମା ରୂପରେ ବିରାଜମାନ କରୁଛନ୍ତି। ମନୁଷ୍ୟ ସମ୍ପୂର୍ଣ୍ଣ ଯେତେବେଳେ ରୋଗଗ୍ରସ୍ତ ହୋଇଯାଏ, ଡାକ୍ତର ବି ଯେତେବେଳେ ସୁସ୍ଥ ହୋଇପାରିବ ନାହିଁ ବୋଲି ବାରଣ କରେ । ସେତେବେଳେ ଯେତେ କ୍ରୁରରୁ କ୍ରୁର ବ୍ୟକ୍ତି ହୋଇଥାଉନା କାହିଁକି, ଯେତେ ବଡ଼ ମହାପାପୀ ହୋଇଥାଉ ପଛେ ଯଦି ଭଗବାନଙ୍କ ନାମ ନେବ, ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯିବ ତାହେଲେ ଭଗବାନ ନିଜର କରିବା ପାଇଁ ପ୍ରସ୍ତୁତ ହୁଅନ୍ତି । ଜାତି, ଧର୍ମ, ବର୍ଣ୍ଣକୁ ଦେଖନ୍ତି ନାହିଁ ବିଚାର କରନ୍ତି ଭକ୍ତ ମୋ ପାଖରେ ସମର୍ପିତ ହୋଇଛି ଆଜି ସେ ମୋର, ମୁଁ ତାର ଭାବରେ ଗ୍ରହଣ କରନ୍ତି। ଜଗତରେ ମାନବ ଜୀବନ ଦୁର୍ଲଭ, ତାଠାରୁ ଦୁର୍ଲଭ ହେଉଛି କ'ଣ ନା ଯେଉଁ ମନୁଷ୍ୟ ଭଗବାନଙ୍କୁ ନିଜର ପ୍ରିୟ ବୋଲି ଭାବି ଭଗବାନଙ୍କୁ ଭଲପାଏ, ଭଗବାନଙ୍କର ଭଜନ କୀର୍ତ୍ତନ ଉପାସନା କରେ ଭଗବାନ ତାଙ୍କୁ ନିଜର କରନ୍ତି । ତା ଠାରୁ ଅତି ଦୁର୍ଲଭ ମନୁଷ୍ୟ କିଏ ? ନା ସାଧୁ, ସନ୍ଥ, ମହାତ୍ମା ଯେଉଁମାନେ କି ଭଗବାନଙ୍କୁ ନିଜର କରି ଭଗବତ୍ ଉଦ୍ଦେଶ୍ୟରେ, ଧର୍ମ ଉଦ୍ଦେଶ୍ୟରେ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଦେଇଥାନ୍ତି। ସାଧୁସନ୍ଥ ମହାତ୍ମା ଭଗବାନଙ୍କ କୃପା ଆର୍ଶିର୍ବାଦ ପ୍ରାପ୍ତ ହେତୁ ଆଜି ଭାଗବତ, ରାମାୟଣ, ଶ୍ରୀମଭାଗବଦ୍ ଗୀତା ଭଳି ଅନେକ ଗ୍ରନ୍ଥ ସାଧୁସନ୍ଥଙ୍କ ଦ୍ୱାରା ରଚିତ ହୋଇପାରିଛି । ଅତି ତମ ଦୁର୍ଲ୍ଲଭ କିଏ ? ନା ଯେଉଁ ବ୍ୟକ୍ତି ସାଧୁସନ୍ଥଙ୍କର ସାନ୍ନିଧ୍ୟରେ ରହି ତାଙ୍କର ମାର୍ଗ ଦର୍ଶନରେ ନିଜର ଜୀବନକୁ ଅତିବାହିତ କରନ୍ତି ଏବଂ ନିଜର ପ୍ରତିଟି ମୂହୁର୍ତ୍ତକୁ ଦେବୋମୟ ବିଚାର କରନ୍ତି, ଯାହା ଆମ ପାଖରେ ଅଛି ତାହା କିଛି ଦିନ ପାଇଁ ରହିଛି ସମୟର ଆସିଲେ ତାହା ଅନ୍ୟ ପାଖକୁ ଚାଲିଯିବ ସଂସାରକୁ ସୁଖଦୁଃଖର ଖେଳଘର ବୋଲି କୁହାଯାଇଥାଏ । ଏ କଥାକୁ ଯଦି ବୁଝିଯିବା ତା'ହେଲେ ମନୁଷ୍ୟ ଅତି ଶ୍ରେଷ୍ଠ ଜୀବନ ଯାପନ କରିପାରିବ। ମନୁଷ୍ୟ ଲୋଭ, ମୋହ ଭ୍ରମରେ ଭ୍ରମିତ ହୋଇ ନିଜର ଅମୃତ ସ୍ୱରୂପ, ଦେବସ୍ୱରୂପକୁ ଭୁଲିଯାଇଛି। ଯଦି ଭଗବାନଙ୍କ କୃପା ଆର୍ଶିର୍ବାଦ ନ ଥାଏ ତେବେ ମନୁଷ୍ୟ ଭଜନ କୀର୍ତ୍ତନ ସତସଙ୍ଗ କରିବାର ସୁଯୋଗ ମଧ୍ୟ ପ୍ରାପ୍ତ ହୋଇ ନ ଥାଏ । ଯଦି ଆପଣ ମନ୍ଦିର ଯାଉଛନ୍ତି, ଯଦି ଭଗବାନଙ୍କ ନାମ ନେଉଛନ୍ତି, ଭଗବତ୍ ଉପାସନା କରୁଛନ୍ତି ତା'ହେଲେ ଭଗବାନଙ୍କର ଅସୀମ ଦିବ୍ୟ କୃପା ଆର୍ଶିର୍ବାଦ ଆପଣଙ୍କ ଠାରେ ରହିଛି ।

**ଶ୍ରୀ ଜଗଦାନନ୍ଦଜୀ**

# ଜୀବନର ଲକ୍ଷ୍ୟ

ଆଜିକାଲି ଆମ୍ଭମାନଙ୍କ ପାଖରେ ଅର୍ଥ ଅଛି, କ୍ଷମତା ଅଛି, ପ୍ରତିପତ୍ତି ଅଛି ଏବଂ ସର୍ବପରି ଅନେକ ସାମର୍ଥ୍ୟ ବି ରହିଛି ହେଲେ ଏ ସବୁ ଭିତରେ ବାସ୍ତବ କଥା ହେଉଛି ପ୍ରକୃତରେ ଜୀବନର ଲକ୍ଷ୍ୟ କ'ଣ ? ସଂସାରରେ ଜନ୍ମ ହୋଇ ବଢ଼ି ପରବର୍ତ୍ତୀ ସମୟରେ ଜୀବିକା ଅର୍ଜନ କରି, ଘର ସଂସାର କରି ଜୀବନ ବିତାଇବା କ'ଣ ପ୍ରକୃତରେ ଜୀବନର ଲକ୍ଷ୍ୟ କି ? ଆସନ୍ତୁ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ କିଛି ଜାଣିବା। ଆମ୍ଭେମାନେ ସବୁ ସେବକ। କାରଣ ଆମେ ସଦା ସର୍ବଦା ସେବା କାମରେ ନିୟୋଜିତ। 'ସେବା' ପ୍ରକୃତରେ କ'ଣ ? ଏହା ଏକ ମାର୍ଗ ଯାହା ମାଧ୍ୟମରେ, ଭକ୍ତି ପ୍ରକଟିତ ହୋଇଥାଏ। ଭକ୍ତିର ପରିଣାମ କ'ଣ ସେବା ନା ଏହା ଭକ୍ତିର କାରଣ ? ଏହା ଗୋଟିଏ ମାଧ୍ୟମ ଯାହା ଜରିଆରେ ଭକ୍ତି ନିବେଦିତ ହୁଏ ବା ପରିବର୍ଦ୍ଧିତ ହୁଏ ? ନା, ଏହା ଭକ୍ତିର ନିଦର୍ଶନ ନୁହେଁ ବା ଭକ୍ତିର ଫଳ ନୁହେଁ। ଭକ୍ତିର ସାରମର୍ମ ହେଉଛି ସେବା, ଭକ୍ତର ଶ୍ୱାସ ପ୍ରଶ୍ୱାସ ହିଁ ସେବା, ଏହା ଭକ୍ତର ସ୍ୱଭାବ। ଯେଉଁ ଅନୁଭୂତିରୁ ଭକ୍ତ ବୁଝିପାରେ ଯେ ପ୍ରତ୍ୟେକ ଜୀବ ଈଶ୍ୱରଙ୍କ ସନ୍ତାନ, ପ୍ରତ୍ୟେକ ଶ୍ରେଣୀର ତାଙ୍କ ମନ୍ଦିର ଓ ପ୍ରତ୍ୟେକ ସ୍ଥାନ ତାଙ୍କର ବାସଗୃହ, ସେହି ଅନୁଭୂତିରୁ ସୃଷ୍ଟି ହୁଏ ସେବା ଭାବ। ସେବା ସର୍ବଶ୍ରେଷ୍ଠ ସାଧନା। ଏହା ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଶୃଙ୍ଖଳା। ଆମ୍ଭେମାନେ ସେବା କରିବାର ଏକ ମହାନ ସୁଯୋଗ ଲାଗ କରିଛୁ। ଆଧ୍ୟାତ୍ମିକ ଉନ୍ନତି ଦୃଷ୍ଟିରୁ ଜନ ସମାଗମ ସମୟରେ ଆମର ସେବା କାର୍ଯ୍ୟ, ଜପ ଧ୍ୟାନ ଠାରୁ ବହୁ ଗୁଣରେ ଅଧିକ ସହାୟକ ହେବ। ଆମେ ଭାବିବା ନାହିଁ ଯେ ସେବା ମାଧ୍ୟମରେ ଆମେ ବିଶ୍ୱର ପୁନର୍ଗଠନ ବା ସଂସ୍କାର ଆଣି ଦେଇପାରିବ। ସେ କାମ ହାସଲ କରିବା ନ କରିବା ବଡ଼ କଥାନୁହେଁ। କିନ୍ତୁ ସେବାର ପ୍ରକୃତ ଫଳ ଅତି ପ୍ରାଞ୍ଜଳ। ଏହା ଆମକୁ ସୁଗଠିତ କରେ ଆମଠାରେ ସଂସ୍କାର ଆଣେ। ସାଧନା ହିସାବରେ ସେବା କରିଯାଅ। ଆମେ ବିନମ୍ର ହେବା ଯାହାଦ୍ୱାରା ସୁଖି ହେବା। ଆମେ ଅନ୍ୟର ପ୍ରଗତିରେ ସାହାଯ୍ୟ କରୁଛେ ବୋଲି ଭାବିବା ନାହିଁ, ନିଜର ଉନ୍ନତି କରିବା। ଜପ ଓ ଧ୍ୟାନ ସହିତ ମଶାଇ ସେବା କରିବା। କହିବାକୁଗଲେ ଏହା ଜପ ଓ ଧ୍ୟାନର ପ୍ରତ୍ୟକ୍ଷ ପ୍ରୟୋଗ। ଈଶ୍ୱରଙ୍କ ପ୍ରିୟ ସେହି ଦରିଦ୍ର ଓ ଦୁର୍ଗତମାନଙ୍କୁ ଚତୁର୍ପାଶ୍ୱରେ ଦେଖି ସୁଦ୍ଧା କେହି କେବେ ଈଶ୍ୱରଙ୍କ ଧ୍ୟାନରେ ବସି ରହିପାରେ ? ଯେଉଁ ହାତ ଅନ୍ୟକୁ ସାହାଯ୍ୟ କରିବା ଶିଖି ନାହିଁ, ସେ ରୁଦ୍ଧି ଦ୍ୱାର କୋଠରୀରେ ବସି ମାଳା ଗଡ଼ାଉ ଥିଲେ ସୁଦ୍ଧା ଭଗବାନ ସେ ଜପକୁ ତିଳେ ମାତ୍ର ଗୁରୁତ୍ୱ ଦିଏନାହିଁ। ସେ ପ୍ରକାର ଧ୍ୟାନକୁ ମଧ୍ୟ ଭଗବାନ ଆଦୌ ପସନ୍ଦ କରେନାହିଁ। ଯେଉଁ ଧ୍ୟାନ ଆମକୁ ଯନ୍ତ୍ରଣା ଜର୍ଜରିତ ମାନଙ୍କ କଷ୍ଟ ପ୍ରତି କାଲ କରିଦେଇଥାଏ । ଧ୍ୟାନ ହୃଦୟକୁ କଠିନ କରିବା ଅନୁଚିତ। ଧ୍ୟାନ ଦ୍ୱାରା ହୃଦୟ ଲବଣି ତୁଲ୍ୟ କୋମଳ ହେବା କଥା, ସାମାନ୍ୟ ଉତ୍ତାପରେ ବିଗଳିତ ହୋଇଯିବା କଥା। ପ୍ରତ୍ୟେକଙ୍କ ଅନ୍ତନିବାସୀ ଭଗବାନଙ୍କୁ ଦର୍ଶନ କରିବାର ମହାନ ସୁଯୋଗ ହେଉଛି ସେବା। ସେବକ ହିସାବରେ କାମ କରି ଆମର ନିଶ୍ଚୟ ଏସବୁ ଅଭିଜ୍ଞତା ହେବନି। ସବୁ ପ୍ରକାର ଲୋକଙ୍କୁ ଭେଟୁଛ, କେତେକ ଅତି ସହଯୋଗୀ, କେତେକ ତର୍କବାଦୀ, କେତେକ ବାଧା ଦେବେ, କେତେକ ଧମକ ଦେବେ, ଆମର କ୍ଷମତା ଓ ଉଦ୍ଦେଶ୍ୟ ବାବଦରେ ମଧ୍ୟ କେତେକ ପ୍ରଶ୍ନ କରିବେ। ଏମାନଙ୍କ ସଂସ୍ପର୍ଶରେ ଆସିବାଟା ମଧ୍ୟ ଆମ ପାଇଁ ଏକ ପ୍ରକାର ଶିକ୍ଷା। ଏହା ଦ୍ୱାରା ଆମ ଚରିତ୍ର ଦୃଢ଼ୀଭୂତ ହୁଏ ଏବଂ ନିନ୍ଦା ଓ ପ୍ରଶଂସାକୁ ସମାନ ଭାବରେ ଗ୍ରହଣ କରିବାକୁ ତାଲିମ ମିଳିଥାଏ। ବର୍ତ୍ତମାନ ଯଦି ଆମେ ଜିଜ୍ଞାସୁ ଭାବରେ ପଚାରିବା ଯେ ତାହା କ'ଣ ? ଯାହା ପାଇଁ ଆମେ ସର୍ବାଧିକ ବ୍ୟାକୁଳ ? ଆମେ କହିବ ତାହା ହେଉଛି କୃପା ବା ଅନୁଗ୍ରହ ନୁହେଁ କି ? ଯେ ପର୍ଯ୍ୟନ୍ତ ଆମର କଥା ଓ କର୍ମ ସତ୍ୟ ଓ ଧର୍ମାନୁସାରିଣୀ ହୋଇଛି, ଯେ ପର୍ଯ୍ୟନ୍ତ ଆମ କଥା ଓ କର୍ମରେ ପ୍ରେମର ମଧୁରତା ଓ ଶାନ୍ତିର ପ୍ରଚୁରତା ଅଛି, ନିଶ୍ଚିନ୍ତତ ରୁହ ଯାହାଦ୍ୱାରା ଅମାପ, ଅଜସ୍ର କୃପା ଲାଭ କରିବ। ଆମେ ସମସ୍ତେ ଭଗବାନଙ୍କର ଅଙ୍ଗ ପ୍ରତ୍ୟଙ୍ଗ, ଆମେ ଭଗବାନଙ୍କ ଦ୍ୱାରା ପ୍ରତିପାଳିତ। ଆମ ସମସ୍ତଙ୍କୁ ନେଇ ଭଗବାନଙ୍କ ଶରୀର ଗଠିତ। ସଦଗୁଣ, ବିଶ୍ୱାସ, ଶୃଙ୍ଖଳା ଓ ବିନମ୍ରତା ଭଳି ବଞ୍ଛିତ ମଧୁର ଗୁଣାବଳୀ ଆହରଣ କଲେ, ଆମେ ଯେଉଁଠି ଥାଅ ପଛେ, ଯେଉଁ କାମ କରୁଥାଅ ପଛେ, ଭଗବାନ ଆମର ପୁଷ୍ଟି ସାଧନ କରୁଥିବେ ଓ ଆମକୁ ସବୁ ବିପଦ ପୂର୍ବରୁ ଟୋଳି ଧରୁଥିବେ। ଆମେ ଭଗବାନଙ୍କ ଅଙ୍ଗର ଗୋଟିଏ ଉପାଦାନ ହୋଇ ଥିବାରୁ ଖୁସି ହେବା ଦରକାର। ଗୋଡ ହୋଇ ଥିବାରୁ କଠିନ ରାସ୍ତା ଉପରେ ଚାଲିବାକୁ ପଡ଼ିବ ବୋଲି ଅଭିଯୋଗ କରିବାନାହିଁ। ମୁଣ୍ଡ ହୋଇ ଶରୀରର ସର୍ବୋଚ୍ଚ ସ୍ଥାନ ଲାଭ କରିଛ ବୋଲି ଗର୍ବ କରିବାନାହିଁ। ଉଭୟ ମଧ୍ୟରେ ସେହି ସମାନ ରକ୍ତ ପ୍ରବାହିତ ହେଉଛି, ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଭଳି ଏ ଉଭୟଙ୍କ କାମ ବେଶ ଗୁରୁତ୍ୱପୂର୍ଣ୍ଣ। ଶରୀରର ପ୍ରତ୍ୟେକ ଅଙ୍ଗର କାମ ଅତୁଳନୀୟ। ତେଣୁ ଉଦାସୀନତାକୁ ପ୍ରଶୟ ଦିଅନାହିଁ। ଆମର ଅଭିନୟଟି ବିଶେଷଭାବେ ସ୍ୱତନ୍ତ୍ର, ତାହା ଆମେ କେବଳ ଖେଳି ପାରିବ। ଆମେ ମୁଣ୍ଡରେ ଚାଲି ପାରିବ ନାହିଁ, ପାଦ ଦ୍ୱାରା ଭାବି ପାରିବ ନାହିଁ। ଆମେ ଯେଉଁ ଅବସ୍ଥାରେ ଥାଅ ପଛେ, ନିଜର ସଦଗୁଣ ବଳରେ ଅନୁଗ୍ରହ ହାସଲ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେଉ। ସନ୍ତୋଷ ଠାରୁ ବଡ଼ ଆଉ କୌଣସି ସମ୍ପଦ ନାହିଁ। ପେଟପୁରା ଖାଇଲା ପରେ ଆଉ ଖାଇ ହୁଏନାହିଁ। ଆହୁରି ଅଧିକ ଖାଇବା ପାଇଁ ଯଦି ଆମକୁ ବାଧ୍ୟ କରାଯାଏ ତେବେ ତାହା କଷ୍ଟଦାୟକ ହେବ। ନିଜକୁ କଷ୍ଟ ନ ଦେଇ କାମ କରିବାକୁ ହେଲେ ପ୍ରତ୍ୟେକ କାମ ପାଇଁ ଗୋଟିଏ ନିର୍ଦ୍ଧାରିତ ସୀମା ଅଛି, ତାହା ଠାରୁ ଅଧିକ କିଛି କରାଯାଇ ନପାରେ। ଆଗ ଦେଖିନିଅ ଆମର ମାପ, ଆମର ସୀମା, ଆମର ଶକ୍ତି ଓ କ୍ଷମତା କେତେ, ସେଇ ଅନୁସାରେ କାମ କରିବା। ଯେଉଁମାନଙ୍କର ସୀମାରେଖା, କ୍ଷମତା ଓ ଶକ୍ତି ଆମଠାରୁ ଅଧିକ ତାଙ୍କ ପ୍ରତି ଈର୍ଷା ପରାୟଣ ହୁଅନାହିଁ। ଜୀବନର ଲକ୍ଷ୍ୟକୁ ଭଲ ଭାବେ ଚିହ୍ନି ଆଗେଇ ଚାଲ।

**ତ୍ରିନାଥ ଓଝା**



# ଅବନ୍ତିକାଙ୍କୁ ଛାଡପତ୍ର ଦେବେ ଇମ୍ରାନ୍

ବଲିଉଡର ମିଷ୍ଟର ପରଫେକ୍ଟନିଷ୍ଟ ଅମୀର ଖାନଙ୍କ ଭଣଜା ଇମ୍ରାନ ଖାନ ଏବଂ ତାଙ୍କ ପତ୍ନୀ ଅବନ୍ତିକା ମଲିକ ଦୀର୍ଘ ସମୟ ଧରି ପରସ୍ପରଠାରୁ ଅଲଗା ରହୁଛନ୍ତି। ଉଭୟ ଆଇନଗତ ଭାବରେ ଛାଡପତ୍ର ପାଇଁ ଆବେଦନ କରିନାହାଁନ୍ତି। କିନ୍ତୁ ରିପୋର୍ଟ ଅନୁଯାୟୀ କୁହାଯାଉଛି କି ଇମ୍ରାନ ଏବଂ ଅବନ୍ତିକା ଦୁହେଁ ଖୁବ୍ ଶୀଘ୍ର ଛାଡପତ୍ର ନେଇପାରନ୍ତି। ପରସ୍ପର ନିଜ ସମ୍ପର୍କକୁ ଆଉ ଏକ ସୁଯୋଗ ଦେବାକୁ ଚାହୁଁ ନାହାଁନ୍ତି। ଏହି ଦୁଇ ଜଣଙ୍କ ସମ୍ପର୍କ ବିଷୟରେ ମଧ ଦାବି କରାଯାଉଛି ଯେ ଅମୀର ଖାନଙ୍କ ପରି ଇମ୍ରାନ ଏବଂ ଅବନ୍ତିକା ଯେକୌଣସି ସମୟରେ ସେମାନଙ୍କର ଅଲଗା ହେବା ବିଷୟରେ ଅଫିସିଆଲି ଘୋଷଣା କରିପାରନ୍ତି। କହିବାକୁ ଗଲେ ଇମ୍ରାନ ଖାନ ଏବଂ ଅବନ୍ତିକା ମଲିକ ୨୦୧୧ ମସିହାରେ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ଝିଅ ଅଛି। ଯାହାର ନାମ ଇମାରା ମଲିକ ଖାନ। ସେମାନଙ୍କ ଝିଅ ଇମାରା ଜୁନ୍ ୨୦୧୪ରେ ଜନ୍ମ ହୋଇଥିଲେ। ବିବାହର ପ୍ରାୟ ୮ବର୍ଷ ପରେ, ଦୁହିଁଙ୍କ ମଧ ଝଗଡା ଆରମ୍ଭ ହୋଇଥିଲା। ଯାହା ପରେ ଖବର ଆସିବାକୁ ଲାଗିଲା କି ପରସ୍ପରଙ୍କ ମଧ ଫାଟ ସୃଷ୍ଟି ହେବା ସହ ଦୂରତା ବଢିଗଲାଣି। ଜୁନ୍ ୨୦୧୯ରେ ଅବନ୍ତିକା ଇମ୍ରାନ ଖାନଙ୍କୁଛାଡି ନିଜ ଘରକୁ ଚାଲି ଆସିଥିଲେ। ସେବେଠାରୁ ଅବନ୍ତିକା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଇମ୍ରାନ ଖାନ ତାଙ୍କ ପତ୍ନୀଙ୍କ ସହ ଆଗକୁ ବଢାଇବାକୁ ଚାହୁଁନାହାଁନ୍ତି କିନ୍ତୁ ଅବନ୍ତିକା ମଲିକ ଏହି ସମ୍ପର୍କକୁ ଆଉ ଏକ ସୁଯୋଗ ଦେବାକୁ ଚାହୁଁଛନ୍ତି। ସେ ଗତ ଦୁଇ ବର୍ଷ ଧରି ଇମ୍ରାନଙ୍କ ସହ ସବୁକିଛି ଠିକ୍ କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ତାଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ଏବେ ଅବନ୍ତିକା ସହିତ ଇମ୍ରାନ ଖାନଙ୍କ ସମ୍ପର୍କ ବୋଧ ହୁଏ ଅଟକି ଯିବ।



# କ୍ଷୀର-ପାଳଙ୍ଗ ଖାଇ ଦୀର୍ଘାୟୁ

## ପାଳିଲେ ୧୨୮ ତମ ଜନ୍ମଦିନ

ଦକ୍ଷିଣ ଆଫ୍ରିକାର ୧୨୮ ବର୍ଷୀୟା ମହିଳା କ୍ଷୀର ଓ ପାଳଙ୍ଗ ଶାଗ ତାଙ୍କର ଆହାର କରି ଦୀର୍ଘାୟୁ ହୋଇପାରିଛନ୍ତି। ଆଶ୍ଚର୍ଯ୍ୟ, ଅବିଶ୍ୱସନୀୟ କିନ୍ତୁ ଏହା ସତ। ଦକ୍ଷିଣ ଆଫ୍ରିକାର ଏହି ମହିଳା ହେଲେ ଜୋହାନା ମାଜିବୁକୋ। ମେ ୧୧ ତାରିଖ ଦିନ ସେ ତାଙ୍କର ୧୨୮ ତମ ଜନ୍ମଦିନ ପାଳନ କରିଛନ୍ତି। ଜୋହାନା ମାଇଜେଙ୍କର ୧୨ ଭଉଣୀ। ସେମାନଙ୍କ ମଧ୍ୟରେ ଏବେବି ୩ ଜଣ ଜୀବିତ ଅଛନ୍ତି। ଜୋହାନାଙ୍କୁ ଜୀବିତ ଥିବା ସବୁଠୁ ବୟସ୍କ ମହିଳା ବୋଲି କୁହାଯାଉଛି। ପିଲାଦିନୁ ଜୋହାନା କୃଷି ଫାର୍ମରେ କାମ କରନ୍ତି। ତାହାହିଁ ତାଙ୍କ ଶ୍ରମ ଓ ରୋଜଗାର। ଖୁବ୍ କମ୍ ବୟସରେ ତାଙ୍କର ବିବାହ ହୋଇଗଲା। ଷ୍ଟାଓ୍ୱାନା ମାଜିବୁକୋଙ୍କୁ ବିବାହ କରିଛନ୍ତି ଜୋହାନା। ଷ୍ଟାଓ୍ୱାନାଙ୍କ ପ୍ରଥମ ପତ୍ନୀଙ୍କ ଦେହାନ୍ତ ପରେ ସେ ଜୋହାନାଙ୍କ ସହ ଦ୍ୱିତୀୟ ବିବାହ କରିଥିଲେ। ଷ୍ଟାଓ୍ୱାନାଙ୍କର ଘୋଡା ଏବଂ ଗାଇ ଫାର୍ମ ଥିଲା। ଏହି ଫାର୍ମରେ କାମ କରୁଥିଲେ ଜୋହାନା। ସେଠାରୁ ତାଙ୍କୁ ତାଜା କ୍ଷୀର ମିଳୁଥିଲା। ଏଥିସହ ସେ ପାଳଙ୍ଗ ଶାଗ ଚାଷ କରୁଥିଲେ। ବହୁଳ ମାତ୍ରାରେ କ୍ଷୀର ଏବଂ ପାଳଙ୍ଗ ଶାଗ ଜାତୀୟ ଖାଦ୍ୟ ଖାଇ ଦୀର୍ଘାୟୁ ହୋଇପାରିଥିବା କହିଛନ୍ତି। ଜୋହାନାଙ୍କର ନିଜର ଏବଂ ସମ୍ପର୍କୀୟଙ୍କୁ ମିଶାଇ ୫୦ଜଣ ନାତି ନାତୁଣୀ ଅଛନ୍ତି। କ୍ଷୀର ଏବଂ ପାଳଙ୍ଗ ଶାଗ ବ୍ୟତୀତ ଏବେ ଅନ୍ୟାନ୍ୟ ଖାଦ୍ୟ ଖାଉଛନ୍ତି ଜୋହାନା। ବୟସର ସାୟାହ୍ନରେ ବି ସେ ଏବେ ଚଲାବୁଲା କରିପାରୁଛନ୍ତି। ଜୋହାନାଙ୍କୁ ଏବେ ସଠିକ ଭାବେ ଶୁଣା ଯାଉନଥିଲେ ବି ସେ ପରିଷ୍କାର ଦେଖିପାରୁଛନ୍ତି। ମଣିଷ ଆୟୁଷ କେତେ ହୋଇପାରେ କାହା ନାମରେ ଅଧିକ ଦିନ ବଞ୍ଚିବାର ରେକର୍ଡ କିଏ ସବୁ ଜୀବିତ ବୟସ୍କ ନା ବୟସ୍କା ଏ ପ୍ରଶ୍ନ ଓ ଖବର ସାଧାରଣ, କିନ୍ତୁ ଦୀର୍ଘ ଜୀବନରେ ମନ୍ତ୍ରକୁ ସମସ୍ତଙ୍କର ଆଗ୍ରହ। ସେଥିଲାଗି ଜୋହାନାଙ୍କ ଜୀବନ ମନ୍ତ୍ର ପାଇଁ ସବୁରି ଆଗ୍ରହ। ଏହା ଆଶ୍ଚର୍ଯ୍ୟ ହୋଇପାରେ କିନ୍ତୁ ପ୍ରମାଣିତ।



# ହୃଦ୍‌ଘାତ ହେବା ପୂର୍ବରୁ ଦେଖା ଦେଇଥାଏ ଏହି ଲକ୍ଷଣ

**ପରିବର୍ତ୍ତିତ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ପେୟ ଯୋଗୁଁ ଲୋକଙ୍କ ଜୀବନ କ୍ରମାଗତ ଭାବରେ ବଦଳୁଛି। ଏହି କାରଣରୁ ଅଧିକାଂଶ ଲୋକ ହୃଦଘାତର ଶିକାର ହେଉଛନ୍ତି। କିଛି ଲୋକ ହୃଦଘାତ ପୂର୍ବରୁ ଲକ୍ଷଣକୁ ଏତେ ହାଲୁକା ଭାବରେ ନିଅନ୍ତି ଯେ ସେମାନଙ୍କର ସମସ୍ୟା ବଢିଯାଏ।**

- ହୃଦଘାତର ସମସ୍ୟା ସେତେବେଳେ ହୋଇଥାଏ ଯେତେବେଳେ ହୃଦୟର କୌଣସି ଅଂଶରେ ରକ୍ତ ଯୋଗାଣ ବନ୍ଦ ହୋଇଯାଏ।
- ଯେତେବେଳେ ଦୀର୍ଘ ସମୟ ଧରି ରକ୍ତ ପ୍ରବାହ ବାଧାପ୍ରାପ୍ତ ହୁଏ, ସେତେବେଳେ ହୃଦୟ ମାଂସପେଶୀ ଖରାପ ହେବାକୁ ଲାଗେ। ତେଣୁ ହୃଦଘାତ ହେବାର ସମ୍ଭାବନା ଅଧିକ ରହିଥାଏ।

ହୃଦଘାତ ହେବା ପୂର୍ବରୁ ଏହି ଲକ୍ଷଣ ଦେଖା ଦେଇଥାଏ :

- ହୃଦଘାତ ପୂର୍ବରୁ ଛାତିରେ ଯନ୍ତ୍ରଣା ଏବଂ ବିଚଳିତ ଲାଗିଥାଏ। ତେଣୁ, ବିଳମ୍ବ ନକରି ଆପଣ ତୁରନ୍ତ ଡାକ୍ତରଙ୍କ ପାଖକୁ ଯିବା ଉଚିତ୍।
- କିଛି ଲୋକ ଦୁର୍ବଳତା ଅନୁଭବ କରିବା ସହିତ ମୁଣ୍ଡ ବୁଲାଇବା ମଧ ଅନୁଭବ କରିଥାନ୍ତି। ଏଥିପାଇଁ ଆପଣଙ୍କୁ ସତର୍କ ରହିବା ଆବଶ୍ୟକ।
- ବିନା କାରଣରେ ଅତ୍ୟଧିକ କ୍ଳାନ୍ତ ଅନୁଭବ କରିବା, ଏବଂ ବାନ୍ତି ଲାଗିବା ମଧ ହୃଦଘାତ ପୂର୍ବରୁ ଲକ୍ଷଣ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ଅଧିକାଂଶ ମହିଳାଙ୍କଠାରେ ଦେଖାଯାଏ।

# ବର୍ଗରରୁ ବାହାରିଲା ବେଙ୍ଗ

ଯଦି ଆପଣ ରେଷ୍ଟୁରାଣ୍ଟରେ ଖାଇବାକୁ ଯାଇ ନିଜର ପ୍ରିୟ ଖାଦ୍ୟ ଅର୍ଡର କରନ୍ତି, ଏବଂ ଖାଦ୍ୟ ଭିତରୁ କିଛି ଖରାପ ଜିନିଷ ବାହାରେ ତେବେ ଆପଣଙ୍କୁ କିପରି ଲାଗିବ। ଆପଣ ବହୁତ ରାଗିଯିବେ। ଦକ୍ଷିଣ ଆଫ୍ରିକାରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ବେଜୁଇଡେନହାଉଟ୍ ନାମକ ଜଣେ ବ୍ୟକ୍ତି ଦାବି କରିଛନ୍ତି, ସେ ତାଙ୍କ ଝିଅର ବର୍ଗର ଭିତରେ ଏକ ମୃତ ବେଙ୍ଗ ପାଇଛନ୍ତି। ସେ ଦକ୍ଷିଣ ଆଫ୍ରିକାର ମପୁମାଲାଙ୍ଗା ପ୍ରଦେଶର ସିକୁଣ୍ଡା ସହରରେ ଅବସ୍ଥିତ ଏକ ବିଶ୍ୱ ପ୍ରସିଦ୍ଧ ରେଷ୍ଟୁରାଣ୍ଟକୁ ଯାଇଥିଲେ, ଯେଉଁଠାରେ ସେ ଖାଦ୍ୟରେ ଏହି ଘୃଣ୍ୟ ଜିନିଷ ପାଇଛନ୍ତି। ବେଜୁଇଡେନହାଉଟ୍ କହିଛନ୍ତି, ତାଙ୍କ ଝିଅ ପାଇଁ ସେ ଏକ ଚିକେନ୍ ବର୍ଗର୍ କିଣିଥିଲେ ଏବଂ ତାହାକୁ କାମୁଡିବା ମାତ୍ରେ ଏକ ମୃତ ବେଙ୍ଗ ପାଇଥିଲେ। ଏହି ଘଟଣା ଏକ ଫିଲ୍ମ ପରି ବୋଲି ସେ କହିଛନ୍ତି। ସେ ବର୍ଗକୁ ମ୍ୟାକଫ୍ରୋଗି ବୋଲି କହିଛନ୍ତି। ବେଜୁଇଡେନହାଉଟ୍ ସୋସିଆଲ ମିଡିଆରେ ଏହି ବର୍ଗରର ଫଟୋ ସେୟାର କରିଛନ୍ତି। ଏହା ସହିତ ସେ ଏକ ମେସେଜ୍ ବି ଲେଖିଛନ୍ତି ଯେ ମୋ ଝିଅ ପାଇଁ କିଣାଯାଇଥିବା ଖାଦ୍ୟର କୌଣସି ପ୍ରତିକ୍ରିୟା ଦେଇନଥିବାରୁ ରେଷ୍ଟୁରାଣ୍ଟକୁ ଧନ୍ୟବାଦ। ସେ ଆହୁରି ଲେଖିଛନ୍ତି, ମୁଁ ସର୍ବଦା ଭାବୁଥିଲି ଯେ ଏଭଳି ଘଟଣା କେବଳ ଫିଲ୍ମରେ ଘଟେ, କିନ୍ତୁ ବର୍ତ୍ତମାନ ଆମ ସହିତ ଘଟିଛି। ତାଙ୍କ ଦ୍ୱାରା ସେୟାର ହୋଇଥିବା ପୋଷ୍ଟରେ ୧ ହଜାରରୁ ଅଧିକ କମେଣ୍ଟ ଦିଆଯାଇଛି ଏବଂ ଅନେକ ଲୋକ ଏହାକୁ ମଧ ସେୟାର କରିଛନ୍ତି। ତାଙ୍କ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରେଷ୍ଟୁରାଣ୍ଟର ମୁଖପାତ୍ରଙ୍କ ବିବୃତ୍ତି ସାମ୍ନାକୁ ଆସିଛି। ସେ କହିଛନ୍ତି ସେମାନେ ଏହି ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଷ୍ଟୋରର ମଧ ଯାଞ୍ଚ କରିବେ।



# ମିସେସ୍ ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିଲେ ପ୍ରିୟଙ୍କା

ହରିୟାଣା ପାନିପାତର ଝିଅ ପ୍ରିୟଙ୍କା ଜୁନେଜା ଦେଶ ତଥା ରାଜ୍ୟର ନାମକୁ ସାରା ବିଶ୍ୱରେ ଆଲୋକିତ କରିଛନ୍ତି। ମେ ୧ ରୁ ୭ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ଏମ୍‌ଏସ୍ ୟୁନାଇଟେଡ୍ ନେସନ୍ସ ୱାର୍ଲ୍ଡ ୨୦୨୨ ରେ ପ୍ରିୟଙ୍କା ବିଶ୍ୱ ସୁନ୍ଦରୀର ଆଖ୍ୟା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୬୨ ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, କିନ୍ତୁ ଭାରତର ପ୍ରିୟଙ୍କା ସମସ୍ତଙ୍କୁ ପଛରେ ପକାଇ ମିସେସ୍ ବିଶ୍ୱସୁନ୍ଦରୀ ଟାଇଟେଲ୍ ନିଜ ନାମରେ କରିଛନ୍ତି। ଏହି ପ୍ରତିଯୋଗିତା ପାଇଁ ୭ ରାଉଣ୍ଡ ହୋଇଥିଲା। ଯେଉଁଥିରେ ପ୍ରତିଯୋଗୀମାନଙ୍କୁ ସ୍ପୋର୍ଟ୍ସ, ଟ୍ୟାଲେଣ୍ଟ, ହାଇ ଫ୍ୟାଶନ୍, ରାମ୍ପ ୱାକ୍, ପର୍ସନାଲ୍ ଇଣ୍ଟରଭ୍ୟୁ, ସାମାଜିକ ଏବଂ ସ୍ୱେଚ୍ଛାସେବୀ କାର୍ଯ୍ୟ ପୋର୍ଟଫୋଲିଓ ଏବଂ ଇଭିନିଂ ଗାଉନ୍ ରାଉଣ୍ଡ ଦେଇ ଯିବାକୁ ପଡିଥିଲା। ଏହା ସହିତ, ଏକ ଇଣ୍ଟରଭ୍ୟୁ ସେସନ୍ ମଧ ହୋଇଥିଲା ଯେଉଁଥିରେ ପ୍ରିୟଙ୍କାଙ୍କୁ ୪୦ ମିନିଟ୍ ପାଇଁ ଜଜ୍‌ମାନେ ପ୍ରଶ୍ନ କରିଥିଲେ। ଇଣ୍ଟରଭ୍ୟୁ ସେସନ୍‌ରେ ପଚରାଯାଇଥିବା ଅନେକ ପ୍ରଶ୍ନର ପ୍ରିୟଙ୍କାଙ୍କ ଉତ୍ତରରେ ଜଜ୍‌ମାନେ ବହୁତ ଖୁସି ହୋଇଥିଲେ। ଜଜ୍ ପଚାରିଥିଲେ, ୟୁକ୍ରେନ-ରୁଷିଆ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆପଣ କାହାକୁ ସମର୍ଥନ କରିବେ। ଏହି ପ୍ରଶ୍ନର ଉତ୍ତରରେ ପ୍ରିୟଙ୍କା କହିଥିଲେ ଏହି ଯୁଦ୍ଧରେ କୌଣସି ଦେଶର ନୁହେଁ ବରଂ ମାନବିକତାର ପକ୍ଷ ନେବେ। ଏହା ସହିତ ପ୍ରିୟଙ୍କାଙ୍କୁ ଆଉ ଏକ ପ୍ରଶ୍ନ ପଚରାଯାଇଥିଲା ଯେ ଦୁନିଆରେ ବଢୁଥିବା ଗ୍ଲୋବାଲ ୱାର୍ମିଂ ବିଷୟରେ ଆପଣ କ'ଣ ଭାବୁଛନ୍ତି ଏବଂ ଏହାକୁ କିପରି ସମାପ୍ତ କରାଯାଇପାରିବ। ପ୍ରିୟଙ୍କା କହିଥିଲେ, ଏଥିପାଇଁ ନିଜଠାରୁ ଆରମ୍ଭ କରିବା ଉଚିତ୍, କାରଣ ପ୍ରତ୍ୟେକ ପ୍ରଥମ ପଦକ୍ଷେପ ନିଜର ଉଠିଲେ, ରେଜଲ୍ଟ ବହୁତ ଭଲ ହେବ।



# ବଡ଼କୁଲେଇବିରା ଉପ୍ରା ବିଦ୍ୟାଳୟ ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସିଲା, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ



ମୟୁରଭଞ୍ଜ ୭/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିଛି । ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳିବାର ବାସ୍ତବ ଚିତ୍ରସାମ୍ନାକୁ ଆସିଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ୨ ବର୍ଷ ପୂର୍ବରୁ ନିର୍ମିତ ହୋଇଥିବା ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସିଛି। ପାଠପଢା ଚାଲୁଥିବା ବେଳେ ସ୍କୁଲ ଛାତରୁ ପ୍ଲାଷ୍ଟର ଖସିଥିବା କୁହାଯାଉଛି। ତେବେ ଅଳ୍ପକେ ଛାତ୍ରଛାତ୍ରୀ ବର୍ତ୍ତି ଯାଇଛନ୍ତି ।ନିମ୍ନମାନର କାର୍ଯ୍ୟ କରି ଠିକାଦାର ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହୋଇଥିବା ସନ୍ଦେହ କରାଯାଉଛି ।ବିଦ୍ୟାଳୟରେ ରହିଥିା ସମସ୍ତ ଶ୍ରେଣୀଗୃହକୁ ବିପଦ ଶଙ୍କୁଳ ଘୋଷଣା ପରେ ପ୍ରତ୍ୟକଟି ଶ୍ରେଣୀ ଗୃହରେ ଏବେ ତାଲା ପଡିଛି ।ହେଲେ ନୂତନ ଭାବରେ ଓମ୍ୟାଡିସି ପକ୍ଷରୁ ନିର୍ମାଣ ହୋଇଥିବା ଲକ୍ଷାଧିକ ଟଙ୍କାର ଶ୍ରେଣୀ କକ୍ଷ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଛାତ ଢଳାଇରେ ବ୍ୟବହୃତ ପଲିଥିନ ନ ଉପାଡ଼ି ସମ୍ପୂର୍ଣ୍ଣ ବିଲଡିଂର ଛାତକୁ ଠିକାଦାର ପ୍ଲାଷ୍ଟର କରିଥିବା ଅଭିଯୋଗ ହୋଇଛି। ହେଲେ ବିଭାଗୀୟ ଅଧିକାରୀ କଣ କରୁଥିଲେ ସେନେଇ ପ୍ରଶ୍ନ ଉଠୁଛି। ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀ ବାରଣ୍ଡାରେ ପାଠ ପଢୁଛନ୍ତି ।ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧୁଷିତ ଜାମଦା ଗୋଷ୍ଠୀ ଶିକ୍ଷା ଅଧୀନ ଉପାନ୍ତ ବଡ଼କୁଲେଇବିରା ଉ.ପ୍ରା ବିଦ୍ୟାଳୟରେ । ତେବେ ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷକ ତଥା ବଡ଼କୁଲେଇବିରା ପଞ୍ଚାୟତ ସମିତି ସଭ୍ୟଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ଯୋଗୁ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ବିଦ୍ୟାଳୟର ତିନୋଟି ଶ୍ରେଣୀରେ ୭୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଜେଡି ସରକାର ଉକ୍ତ ବିଦ୍ୟାଳୟକୁ ୫ -ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ପ୍ରୋଜେକ୍ଟର ଓ ଫ୍ୟାନ୍ ଲଗାଇ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ହୋଇନାହିଁ । ପୂର୍ବ ସରକାର ୫-ଟି ଯୋଜନାରେ ଶ୍ରେଣୀଗୃହ କଷ୍ଟ ଦୂର କରିବା ପାଇଁ ଲକ୍ଷାଧିକ ଟଙ୍କାରେ ଦୁଇଟି ଶ୍ରେଣୀଗୃହ ନିର୍ମାଣ କରିଥିଲେ। କିନ୍ତୁ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି ।ପ୍ଲାଷ୍ଟର ଖସିବା ପରେ ଦେଖିବାକୁ ମିଳିଛି ଯେ, ଢ଼ଳାଇ ହୋଇଥିବା ପଲିଥିନ ଉପରେ ପ୍ଲାଷ୍ଟର କରାଯାଇଛି । ଯାହା ଫଳରେ ଅଧିକାଂଶ ସମୟରେ ଛାତର ପ୍ଲାଷ୍ଟର ଖସି ପଡୁଛି । ତେବେ ଗତକାଲି ମଧ୍ୟ ପ୍ଲାଷ୍ଟର ଖସିଥିଲା। ସେଥିରେ ଜଣେ ଛାତ୍ର ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି ।ଏନେଇ ଜାମଦା ଏବିଇଓ ପ୍ରତାପ ଚନ୍ଦ୍ର ନାଏକଙ୍କ ପାଖରୁ ପ୍ରତିକ୍ରିୟା ନେବାରୁ ସେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ବିଦ୍ୟାଳୟ ପରିସରରେ ଏଭଳି ନିମ୍ନମାନର କାର୍ଯ୍ୟକୁ ନିନ୍ଦା କରିବା ସହିତ ଠିକାଦାର ଓ ଅଧିକାରୀଙ୍କ ଉପରେ କାର୍ଯାନୁଷ୍ଠାନ ଗ୍ରହଣ କରିବା ସହିତ ବିଦ୍ୟାଳୟର ସମସ୍ତ ଭିତ୍ତିଭୂମି ଉପରେ ସରକାର ଦୃଷ୍ଟି ଆକର୍ଷଣ କରନ୍ତୁ ବୋଲି ଦାବି ଉପସ୍ଥାପନ କରିଛନ୍ତି। ନିମ୍ନମାନର କାର୍ଯକୁ ନେଇ ଜାମଦା ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇ ପାରି ନଥିଲା ।

## ଆଜି ଆଇଏନଏସ ଚିଲିକାରେ ପଞ୍ଚମ ବ୍ୟାଚ୍ ଅଗ୍ନିବୀର ପାସିଙ୍ଗ ଆଉଟ ସମାରୋହ

ବାଲୁଗାଁ ୭/୩(ନି.ପ୍ର): ଆଜି ଅପରାହ୍ନରେ ଆଇଏନଏସ ଚିଲିକାରେ ପଞ୍ଚମ ବ୍ୟାଚ୍ ଅଗ୍ନିବୀର ପାସିଙ୍ଗ ଆଉଟ ସମାରୋହ ଅନୁଷ୍ଠିତ ହେବ ।ପ୍ରଥମ ବ୍ୟାଚରେ ଉଭୟ ମହିଳା ଓ ପୁରୁଷ ୨୫୮୫ ଜଣ ଆଗ୍ନିଭର୍ସ,ଦ୍ୱିତୀୟ ବ୍ୟାଚରେ ୨୮୯୫ ଜଣ,ତୃତୀୟ ବ୍ୟାଚରେ ୨୬୩୦ ଜଣ ଆଗ୍ନିଭର୍ସ ଓ ଚତୁର୍ଥ ବ୍ୟାଚରେ ୨୧୬ଜଣ ମହିଳା ଅଗ୍ନିବୀରଙ୍କ ସମେତ ୧୩୯୦ ଜଣ ଆଗ୍ନିଭର୍ସ ଦୀର୍ଘ ୧୬ ସପ୍ତାହ ସଫଳତାର ସହ ପ୍ରଶିକ୍ଷଣ ନେଇ ଭାରତୀୟ ନୌସେନାରେ ଯୋଗ ଦେଇଥିବା ବେଳେ ପଞ୍ଚମ ବ୍ୟାଚରେ ମହିଳା ଅଗ୍ନିବୀରଙ୍କ ସମେତ ୨୯୭୨ ଜଣ ଅଗ୍ନିବୀର ପ୍ରଶିକ୍ଷଣ ନେଇଥିବା ଆଇଏନଏସ ଚିଲିକା ପକ୍ଷରୁ ସୂଚନା ମିଳିଛି ।ଉକ୍ତ ପ୍ୟାରେଡକୁ ଦକ୍ଷିଣ ନୌସେନା କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ ଇନ ଚିଫ ଭାଇସ ଆଡମିରାଲ ଭି ଶ୍ରୀନିବାସ ପରିଚାଳନା କରିବାକୁ ଥିବାବେଳେ ପିଭିଏସଏମ, ଏଭିଏସଏମ, ଭିଏସଏମ, ଏଡିସି, ଏନଏମ,ବରିଷ୍ଠ ନୌସେନା ଅଧିକାରୀ,କ୍ରୀଡା ବ୍ୟକ୍ତି ବିଶେଷ,ଅଗ୍ନିବୀର ଅଭିଭାବକ ପ୍ରମୁଖ ଯୋଗଦେଇ ଆଗ୍ନିଭର୍ସ ମାନଙ୍କୁ ଉତ୍ସାହିତ କରିବା ସହ ପ୍ରେରଣା ଦେବେ। ଏହି ଅବସରରେ ଚିଲିକା ନୋସେନା ମୁଖ୍ୟ ବି ଦୀପକ ଅନୀଲ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଆଗ୍ନିଭର୍ସଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମ ରହିଛି।

## ଚ଼ିଲିକା ପଞ୍ଚାୟତ ସମିତି ଅଧିବେଶନରେ ଯୋଗଦେଲେ ଆଇନ ମନ୍ତ୍ରୀ



ବାଲୁଗାଁ ୭/୩(ନି.ପ୍ର): ଗୁରୁବାର ପୂର୍ବାହ୍ନରେ ଚ଼ିଲିକା ବ୍ଲକ ସଭାଗୃହରେ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରାଙ୍କ ଅଧ୍ୟକ୍ଷତାରେ ଚ଼ିଲିକା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଅଧିବେଶନରେ ରାଜ୍ୟ ଆଇନ,ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ଓ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର ଯୋଗଦେଇ ଶିକ୍ଷା ବିଭାଗ,ସ୍ୱାସ୍ଥ୍ୟ ବିଭାଗ,କୃଷି ବିଭାଗ,ଜଳ ଯୋଗାଣ ଓ ପରିମଳ ବିଭାଗ,ମହିଳା ଓ ଶିଶୁ ବିକାଶ କଲ୍ୟାଣ ବିଭାଗ,ମନରେଗା,ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ? ସଫଳ ରୂପାୟନ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ରାସନ କାର୍ଡ ଓ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଗ୍ରାମୀଣ ଓଡ଼ିଶାର ଜୀବନଧାରଣ ଓ ମାନବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ନିହାତି ଆବଶ୍ୟକ ବୋଲି ସାଂସଦ ଡ଼ାଃ ପାତ୍ର କହିଥିଲେ ।ବ୍ଲକ ଉନ୍ନୟନ ଅଧିକାରିଣୀ ପୁନମ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହି ବୈଠକରେ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ,ତହସିଲଦାର ? କାହ୍ନୁ ଚରଣ ଘଡ଼ାଇ,ଜିଲ୍ଲା ପରିଷଦ ସଦସ୍ୟା,ସରପଞ୍ଚ,ସମିତି ସଭ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ, ପୁରୀ ସାଂସଦ

ବାଲୁଗାଁ ୭/୩(ନି.ପ୍ର): ବାଲୁଗାଁ ମହାବିଦ୍ୟାଳୟର ୪୪ ତମ ବାର୍ଷିକ ଉତ୍ସବ ଗୁରୁବାର ଦିନ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ମୁଖ୍ୟ ବକ୍ତା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ସମ୍ମାନିତ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ମଞ୍ଚ ଉଦଘୋଷକ ଡକ୍ଟର ମୃତ୍ୟୁଞ୍ଜୟ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୪୪ତମ ବାର୍ଷିକ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବାଲୁଗାଁ ଅଂଚଳର ବିଶିଷ୍ଟ ମଞ୍ଚ କଳାକାର ଓ ଚଳଚିତ୍ର ଅଭିନେତା ରବି ନନ୍ଦଙ୍କୁ ଚଳିତବର୍ଷର ଶାନ୍ତନୁ ଦାଶ ସ୍ମାରକୀ ନାଟ୍ୟ ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଡକ୍ଟର କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଯୁକ୍ତଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ । ଅଧ୍ୟାପିକା ଡକ୍ଟର ମୋନାଲିସା ମାନସିଂହ, ବିଦ୍ୟାଧର ଜୁଝାରସିଂହ, ସୁବ୍ରତ ତ୍ରିପାଠୀ,ରୀନା ରାଉତ, ମନସ୍ୱିନୀ ପଟ୍ଟନାୟକ, ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ହିମାଂଶୁ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ପ୍ରକଳ୍ପର ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା




ତେନ୍ତୁଳି ଖୁଣ୍ଟି ୭/୩(ନି.ପ୍ର): ନବରଙ୍ଗପୁର ଜିଲ୍ଲା ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷ ଠାରେ ଭାରତୀୟ ପ୍ରାକୃତି କୃଷି ପଦ୍ଧତି ପ୍ରକଳ୍ପର ଏକ ଦିନିକିଆ ରାଜ୍ୟ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନବରଙ୍ଗପୁର ସହାୟତାରେ କାର୍ଯ୍ୟକାରୀ ସଂସ୍ଥା ଅଗ୍ରଗାମୀ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପି.ଭି ରମଣ ରାଓ (CDAO), CDO cum EO ଜିଲ୍ଲାପରିଷଦ, DDH, ଗୋବିନ୍ଦ କୁମାର (DPM-ITDA), ନେତ୍ରନନ୍ଦ ଲେଙ୍କା, ଜୈବିକ ଚାଷୀ ପ୍ରମୁଖ ଯୋଗ ଦେଇ ସଭାକୁ ପରିଚାଳନା କରିଥିଲେ। ଜୈବିକ ପଦ୍ଧତିରେ କୃଷିକୁ କିପରି ଆଗକୁ ବଢାଯାଇ ପାରିବ ସେ ନେଇ ନେତ୍ରନନ୍ଦ ଲେଙ୍କା ସମସ୍ତ ଚାଷୀଙ୍କୁ ବୁଝାଇଥିଲେ । ସରକାରଙ୍କ ତରଫରୁ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ସହାୟତାକୁ ଚାଷୀ କିପରି ସହଜରେ ପାଇ ପାରିବେ ସେ ନେଇ ଗୋବିନ୍ଦ କୁମାର ଚାଷୀଙ୍କୁ ବୁଝାଇଥିଲେ । ଏହା ବ୍ୟତୀତ ଏହି ସଫଳ ଜୈବିକ ଚାଷୀମାନେ ନିଜ ନିଜର ଅନୁଭୂତିକୁ ପରିପ୍ରକାଶ କରିଥିଲେ ।ଉକ୍ତ କାର୍ଯ୍ୟଶାଳା ନିମନ୍ତେ ଅଗ୍ରଗାମୀ ତରଫରୁ ୨ଟି ଷ୍ଟଲର ମଧ୍ୟ ଆୟୋଜନ କରାଯାଇଥିଲା । ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ରାଜ୍ୟସଭା ସାଂସଦ ମୁନା ଖାନ, ଏମପି ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ମ୍ୟୁନିସିପାଲଟି ଚେୟାରମେନ ଆଦି ଆୟୋଜିତ ହୋଇଥିବା କର୍ମଶାଳରେ ଯୋଗ ଦେଇଥିଲେ । ଏହି ୨ଟି ଷ୍ଟଲରେ ବିକ୍ରି ହେଉଥିବା ଜୈବିକ ଖତ (ହାଣ୍ଡି ଖତ, ବିଜାମୃତ, ଜୀବମୃତ) ଦେଶୀ ଧାନ ବିହନ, ଦେଶୀ ମାଣ୍ଡିଆ, କଙ୍ଗୁ, ସୁଆଁ, ଅଳସୀ ଓ ମାଣ୍ଡିଆରେ ତିଆରି ହୋଇଥିବା ଖାଦ୍ୟ ସାମଗ୍ରୀ ଆଦି ବାବଦରେ ପଚାରି ବୁଝିବା ସହ ନିଜର ଆବଶ୍ୟକୀୟ ଜିନିଷ କିଣିଥିଲେ। ଭାରତୀୟ ପ୍ରାକୃତି କୃଷି ପଦ୍ଧତି ପ୍ରକଳ୍ପ ତେନ୍ତୁଳିଖୁଣ୍ଟି ବ୍ଲକରେ କାମ କରୁଛି । ଏହି ପ୍ରକଳ୍ପରେ ପ୍ରାକୃତିକ ପଦ୍ଧତିରେ କିପରି ଚାଷ କରାଯାଇପାରିବ ସେନେଇ ୧୦୧୪ ଚାଷୀ ଙ୍କୁ ତାଲିମ ଦିଆଯାଇଛି। ଏହି କର୍ମଶାଳାରେ ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ସର୍ବମୋଟ ୧୨୦ ଜଣ ଜୈବିକ ଚାଷୀ ଅଂଶଗ୍ରହଣ କରିଥିଲେ । ଅଗ୍ରଗାମୀ ତରଫରୁ ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା ଙ୍କ ସମେତ ନିଶାନ୍ତ କୁମାର ବିଷୋୟୀ, ଗୁଲା ଭୋଇ, ସୋମାଇ ମାଝୀ, ନିରୋଦ ପଣ୍ଡା, ହିମାଂଶୁ ଦଳେଇ, ଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ସାହାରପଡା ରେ ବିଜେଡି ର ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା , ପ୍ରଧାନମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ଙ୍କ କୁଶପୁତ୍ତଳିକା ଦାହ

ପାଟଣା ୭/୩(ନି.ପ୍ର): ଆଜି ସାହାରପଡା ବ୍ଲକ ମୁଖ୍ୟାଳୟ ରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ଙ୍କ ନେତୃତ୍ୱ ରେ ବିଜେଡି କର୍ମୀ ମାନଙ୍କୁ ନେଇ ଏକ ପ୍ରତିବାଦ ସଭା ଶାନ୍ତି ର ସହ ଅନୁଷ୍ଠିତ ହୋଇଛି। ପ୍ରକାଶ ଥାଉକି ମାର୍ଚ୍ଚ ମାସ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ଜନ୍ମ ଦିନ କୁ ଦୀର୍ଘ ବର୍ଷ ହେବ ପଞ୍ଚାୟତିରାଜ ଦିବସ ଭାବେ ସାରା ଓଡିଶା ରେ ପାଳନ ହୋଇ ଆସୁଥିଲା । କାରଣ ବିଜୁ ବାବୁ ଙ୍କ ର ପଞ୍ଚାୟତିରାଜ ବ୍ୟବସ୍ଥା କୁ ସୁଦୃଢ କରିବାରେ ଅବଦାନ ଅତୁଳନିୟ ଥିଲା । କିନ୍ତୁ ବିଜେପି ସରକାର ଓଡିଶା ରେ ରାଜୁତି କରିବା ପରେ ମାର୍ଚ୍ଚ ୫ କୁ ବିଜୁ ଜୟନ୍ତୀ ଭାବେ ପାଳନ କରି ଏପ୍ରିଲ ୨୪ କୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବା ନିଷ୍ପତିନେଇଛନ୍ତି ଏବଂ ଗତକାଲି ପ୍ରତି ପଞ୍ଚାୟତ ରେ ପଞ୍ଚାୟତିରାଜ ଦିବସ ପାଳନ ନ କରି ସୁଭଦ୍ରା ସଚେତନତା ଶୋଭାଯାତ୍ରା କରାଯାଇଥିଲା ଏହା କୁ ବିଜେଡି ତରଫରୁ ପ୍ରବଳ ବିରୋଧ କରି ଆଜି ରାଜ୍ୟ ର ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିବାଦ ସଭା ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିବାଦ ସଭା ସାହାରପଡା ବ୍ଲକ ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇ ଥିଲା । ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ ଙ୍କ ନେତୃତ୍ୱ ରେ ୧୫୦ରୁ ଅଧିକ ବିଜେଡି କର୍ମୀ ଏଥିରେ ଯୋଗଦାନ କରିଥିଲେ । କୃଷକ ନେତା ଦୀପକ ରାଜ,ବରିଷ୍ଠ ନେତା ସତ୍ୟବ୍ରତ ନାଏକ, କୃଷ୍ଣ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ ରାଜ, ବ୍ଲକ ସଭାପତି ଦିଲୀପ କୁମାର ସାହୁ, ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧ ଦେବ ମହାକୁଡ଼, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ ,ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଙ୍କ ସମେତ ବହୁ ଯୁବ ଛାତ୍ର ନେତା ଉପସ୍ଥିତ ରହି ବିଜେପି ବିରୋଧ ରେ ସ୍ଲୋଗାନ ମାନ ଦେଇଥିଲେ । ପ୍ରତିବାଦ ସଭା ଶେଷରେ ବିଜେଡି ପକ୍ଷରୁ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ କୁଶ ପୁତ୍ତଳିକ ଦାହ କରାଯାଇଥିଲା ।

## ମାହାଙ୍ଗା ବିଜେପିର ବନ୍ଧୁ ମିଳନ-ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଏବେଠୁ ସଜ




ନିଶ୍ଚିନ୍ତକୋଇଲି ୭/୩(ନି.ପ୍ର): ତା. ୫.୩.୨୦୨୫ ରିଖ ବୁଧବାର ନିଶ୍ଚିନ୍ତକୋଇଲି ବଜାରସ୍ଥିତ ବନ୍ଧନ ମଣ୍ଡପ ପରିସରରେ ମାହାଙ୍ଗା ଭାରତୀୟ ଜନତା ପାର୍ଟି ବିଧାନସଭା କ୍ଷେତ୍ର ସ୍ତରୀୟ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । ମାହାଙ୍ଗା ବିଜେପି ନେତା ତଥା ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଜେପି ସାଂଗଠନିକ କଟକ ସଦର ଜିଲ୍ଲା ସଭାପତି ଶ୍ରୀ ରାମନାରାୟଣ ମହାନ୍ତି, ବିଜେପି ସାଂଗଠନିକ କଟକ ନଗର ଜିଲ୍ଲା ସଭାପତିଶ୍ରୀ ସୁକାନ୍ତ ବିଶ୍ୱାଳ, କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କଟକ ସଦର ବିଜେପି ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ନିଆଳୀ ବିଧାୟକ ଛବି ମଲ୍ଲିକ ଓ ବଡମ୍ବା ସ୍ୱାଧୀନ ବିଧାୟକ ବିଜୟ ଦଳବେହେରା, ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ବିଜେପି ନେତା ପ୍ରକାଶ ବଳବନ୍ତରାୟଙ୍କ ସମେତ ଅନେକ ବିଜେପି ଛାମୁଆ ନେତା ଓ କର୍ମୀମାନେ ଯୋଗଦେଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ଅଧିକ ହାରରେ ଭୋଟ ମିଳିଥିବାରୁ କେନ୍ଦ୍ରାପଡା ଜିଲ୍ଲା ସଭାପତି ମାହାଙ୍ଗାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଜେପି ସାଂଗଠନିକ କଟକ ସଦର ଜିଲ୍ଲା ସଭାପତି ଶ୍ରୀ ରାମନାରାୟଣ ମହାନ୍ତି ତାଙ୍କ ବକ୍ତବ୍ୟ ରଖିଥିଲେ କି ମାହାଙ୍ଗା ବିଜେପି ନେତା ହେଉଛନ୍ତି ସୁମନ୍ତ ଘଡେଇ , ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମର ସେ ହେଉଛନ୍ତି ମାଲିକ । କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ତାଙ୍କ ବକ୍ତବ୍ୟ ରଖିଲେ କି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ସାଧାରଣ ଜନତାଙ୍କ ପାଇଁ ଯେଉଁ ଯୋଜନା ଗୁଡିକ କରୁଛନ୍ତି ସେଗୁଡିକର ସଫଳ ରୂପାୟନ କିପରି ହୋଇ ପାରିବ । ଯୋଗ୍ୟ ହିତାଧିକାରୀ କିପରି ଏହାର ସୁଯୋଗ ନେଇ ପାରିବେ ସେ ନେଇ ବିଜେପି କାର୍ଯ୍ୟକର୍ତ୍ତାମାନେ ବୁଥ୍‌ସରରେ ପହ□ି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିଆଳୀ ବିଧାୟକ ଛବି ମଲିକ ମଧ୍ୟ ଅନୁରୂପ ଭାବେ ତାଙ୍କର ବକ୍ତବ୍ୟ ରଖିଥିଲେ । ଡବଲ ଇଂଜିନ୍ ସରକାରରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାକୁ ଗ୍ରାମାଂଚଳର ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଂଚି ପାରିଲେ ଦଳୀୟ ସଂଗଠନ ମଜଭୁତ ହୋଇ ପାରିବ । ବଡମ୍ବା ବିଧାୟକ ସୁମନ୍ତଙ୍କ ସାଂଗଠନିକ ଦକ୍ଷତାକୁ ପ୍ରଶଂସା କରିଥିଲେ । ମଂଚଉପରୁ ମାହାଙ୍ଗା ସ୍ୱାଧୀନ ବିଧାୟକଙ୍କୁ ଭସ୍ମାସୁରର ଆଖ୍ୟା ଦେଇ ସମାଲୋଚନା କରିଥିଲେ ମାହାଙ୍ଗା ବିଜେପି ନେତା ସୁମନ୍ତ । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲାପରିଷଦ ଜୋନ୍‌ରେ ବିଜେପି ଦଳୀୟ ପ୍ରାର୍ଥୀ ଦେବା ସହ ପ୍ରତ୍ୟେକ ପଂଚାୟତରେ ସରପଂଚ ଓ ସମିତିସଭ୍ୟ ସଭ୍ୟା ପାଇଁ ବିଜେପି ସମର୍ଥୀତ ପ୍ରାର୍ଥୀ ଦିଆଯିବା ସହିତ ସଂଗଠନକୁ ଦୃଢ କରାଯାଇ ଦୁଇଗୋଟି ବ୍ଲକ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିର ପଂଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ କିଭଳି ନିଜ ଅକ୍ତିଆରକୁ ଅଣାଯାଇ ପାରିବ ସେ ନେଇ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶ୍ରୀ ଘଡେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଜେପି କାର୍ଯ୍ୟକର୍ତ୍ତାମାନେ କୁଳିଆ ରଘୁନାଥଜୀଉ ମନ୍ଦିର ପାଖରୁ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ ।

## ରାସ୍ତାସାରା ଖାଲ ଖମା ମରାମତି ହେବ କେବେ ?



ନିଶ୍ଚିନ୍ତକୋଇଲି ୭/୩(ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ତେନ୍ତଲପୁର-ରାଣୀପଡା କେନାଲ ବନ୍ଧ ରାସ୍ତା ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ବଡ ବଡ ଖାଲ ଖମା ସୃଷ୍ଟି ହୋଇଛି । ଉକ୍ତ ରାସ୍ତାରେ ଯାତାୟାତରେ ନିର୍ଭର କରୁଥିବା ବାଲିଆପଦା, କଟରପଡା, ସୁକରପଡା ପଂଚାୟତର ଜନସାଧାରଣମାନେ ଯିବା ଆସିବାରେ ନାହିଁ ନଥିବା ଅସୁବିଧା ଭୋଗକରୁଛନ୍ତି । ଉକ୍ତ ରାସ୍ତା କାର୍ଯ୍ୟର ମରାମତି ଅବଧି ଥିଲେ ମଧ୍ୟ ପ୍ରାୟ ୩ ମାସ ପୂର୍ବରୁ ରାସ୍ତାର ଯେଉଁଠି ଯେଉଁଠି ଖାଲ ଖମା ସୃଷ୍ଟି ହୋଇଛି ସେଠାରେ ଠିକାଦାର କେବଳ ଗୋଡି ଠୁଳ କରି ରଖିଛି । ହେଲେ ମରାମତି କାର୍ଯ୍ୟ ହେଉନାହିଁ । ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବାକୁ ରାସ୍ତାରେ ଯାତାୟାତ ଉପରେ ନିର୍ଭର କରୁଥିବା ଜନସାଧାରଣମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି ।

## ଏସ ଏଚ ଜି ଉତ୍ପାଦିତ ସାମଗ୍ରୀ ପାଇଁ ଓରମାସ ର ସମୟ ନାହିଁ

ପାଟଣା ୭/୩(ନି.ପ୍ର): ମହିଳା ମାନଙ୍କୁ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ କରିବା ପାଇଁ ଯେତେ ଯେତେ ବ୍ୟବସ୍ଥା ରହିଛି ସେଥିମଧ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ଏକ ମୁଖ୍ୟ ମାଧ୍ୟମ ହୋଇଥିବାବେଳେ ଗ୍ରାମାଞ୍ଚଳ ର ମହିଳା ମାନଙ୍କ ପାଇଁ ଏହାର ଆବଶ୍ୟକତା ଏବେ ଯଥେଷ୍ଟ ବଢ଼ି ଯାଇଛି ।ଏସ ଏଚ ଜି ମାନଙ୍କୁ ବ୍ୟାଙ୍କ ଜରିଆରେ କୋଟି କୋଟି ଟଙ୍କା ଋଣ ଓ ସବସିଡି ଦିଆଯାଉଥିଲେ ମଧ୍ୟ ସଂଖ୍ୟାଧିକ ଏସ ଏଚ ଜି ଅର୍ଥର ସଦୁପଯୋଗ ପାଇଁ ଆଗ୍ରହ ପ୍ରକାଶ ନକରି ଟଙ୍କା ସୁଧ ଲଗାଇବାକୁ ଏକ ବ୍ୟବସାୟରେ ପରିଣତ କରି ଦେଲେଣି ।ଅପର ପକ୍ଷରେ ଯେଉଁ ନାମ ମାତ୍ର କେତେକ ଏସ ଏଚ ଜି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରି ସ୍ୱାବଲମ୍ବୀ ହେବାପାଇଁ ଆଗ୍ରହୀ ସେମାନଙ୍କୁ ଉପଯୁକ୍ତ ବଜାର ବ୍ୟବସ୍ଥା ଯୋଗାଇବାରେ ମିଶନ ଶକ୍ତି ବିଫଳ ହେଉଛି ।ଓରମାସ ଏହି ଦ୍ରବ୍ୟ ସଂଗ୍ରହ ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରୁନଥିବାରୁ ଏସ ଏଚ ଜି ମାନେ ଅଧିକ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ।ଏଭଳି ଘଟଣା ଦେଖିବାକୁ ମିଳିଛି ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ କଟରାବେଡା ଗ୍ରାମରେ। ଏହି ଗ୍ରାମର ଗୀତା ଗାୟତ୍ରୀ ଏସ ଏଚ ଜି ର ସଭାନେତ୍ରୀ ଡଲି ନାୟକ ଓ ସମ୍ପାଦିକା ସୁଷମା ଦଣ୍ଡପାଟ ଙ୍କ ପ୍ରତ୍ୟକ୍ଷ ତତତ୍ୱାବଧାନରେ ଗୋଷ୍ଠି ର ୧୦ ଜଣ ମହିଳା ଦୀର୍ଘ ୩ ବର୍ଷ ହେଲା ଧଳା ଫିନାଇଲ , ୱାସିଂ ପାଉଡର ଏବଂ ବାସନ ମଜା ଲିକୁଇଡ ତିଆରି କରୁଥିଲେ ମଧ୍ୟ ସେମାନେ କୌଣସି ମେଳା ମହୋତ୍ସବ ରେ ବିକ୍ରି କରିବାର ସୁଯୋଗ ପାଇ ନାହାଁନ୍ତି କିମ୍ବା ଓରମାସ ପକ୍ଷରୁ ଥିବା ବ୍ୟବସ୍ଥା ଅନୁଯାୟୀ ସେମାନେ ଓରମାସ କୁ ମଧ୍ୟ ସାମଗ୍ରୀ ଦେଇ ପାରୁନାହାନ୍ତି।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଡ଼ିଓ ଓ ଇଓ ଙ୍କ ପୁଷ୍ପମାଲ୍ୟ ଅର୍ପଣ

ପୋଲସରା ୭/୩(ନି.ପ୍ର): ଓଡିଶା ସରକାରଙ୍କ ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ସମସ୍ତ ବିଭାଗକୁ ପତ୍ର ଦିଆଯାଇଥିବା ବେଳେ ପୋଲସରାରେ ସରକାରୀ ଭାବେ ବିଜୁ ଜୟନ୍ତୀମାର୍ଚ୍ଚ ୫ ତାରିଖ ଦିନ ପାଳନ ହୋଇଯାଇଛି। ପୋଲସରା ବିଡ଼ିଓ ଶଶୀଭୂଷଣ ମହାପାତ୍ର ଓ ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ପୋଲସରା ବସଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୋଲସରା ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରାଙ୍କ ସମେତ ବହୁ ବିଜୁପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଡ଼ିଓ ଶ୍ରୀ ମହାପାତ୍ର ଓ ଇଓ ଶ୍ରୀ ଜେନା ବିଜୁବାବୁଙ୍କ ଗୁଣଗାନ କରିବା ସହ ତାଙ୍କର ସହାସିକ କାର୍ଯ୍ୟକଳାପ ସର୍ବଦା ଜନସାଧାରଣଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ।

## ବିଜେପି ରେ ମିଶିଲେ ପିପିଳିଆ ସମିତି ସଭ୍ୟ

ପାଟଣା ୭/୩(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ର ସମିତି ସଭ୍ୟ ବାପୁଜୀ ନାଏକ ,ସରପଞ୍ଚ ଦାଶରଥି ନାଏକ,ୱାର୍ଡ ସଦସ୍ୟା ରଞ୍ଜୁଲତା ମହାନ୍ତ, ସଞ୍ଜୁଲତା ନାଏକ,ରମ୍ଭାବତୀ ନାଏକ,ଭବାନୀ ପାତ୍ର ,ୱାର୍ଡ଼ ସଦସ୍ୟ ସଞ୍ଜୟ ନାଏକ,କୁଳମଣି ମହାନ୍ତ ପ୍ରମୁଖ ବିଜେପି ରେ ଯୋଗ ଦେଇଛନ୍ତି ।କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ଲଙ୍ଗଳକଣ୍ଟି ବାସଭବନ କାର୍ଯ୍ୟାଳୟ ପରିସରରେ ସାଂସଦ ଶ୍ରୀ ନାୟକ ଉପରୋକ୍ତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଦଳୀୟ ଟୋପିଓ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ କରିଛନ୍ତି ।ମିଶ୍ରଣ ପର୍ବରେ ସାଂସଦ ଙ୍କ ପ୍ରତିନିଧି ଅଖିଳ ପାତ୍ର ଙ୍କ ସହ ଦଳୀୟ ନେତା ଅମର ସିଂ ,ଇନ୍ଦ୍ରମଣି ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘଟଗାଁ ବ୍ଲକ ଅଞ୍ଚଳରେ ୱାଟର ସେଡ ଯାତ୍ରା , ଜଳ ଓ ଜଙ୍ଗଲ ସଂରକ୍ଷଣ ଉପରେ ସାଂସଦଙ୍କ ଗୁରୁତ୍ୱ

ପାଟଣା ୭/୩(ନି.ପ୍ର): ପ୍ରଧାନମନ୍ତ୍ରୀ ଙ୍କ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ କେନ୍ଦୁଝର ଙ୍କ ପକ୍ଷରୁ ଆଜି ଘଟଗାଁ ବ୍ଲକ ରେ ୱାଟର ସେଡ଼୍ ଯାତ୍ରା ଏହି ବ୍ଲକ ଅନ୍ତର୍ଗତ ଭୋଲବେଡା ଖେଳ ପଡିଆ ଓ କଟରାବେଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଭୋଲବେଡ଼ା ଠାରେ ଏହି କାର୍ଯ୍ୟକ୍ରମ କୁ ସାଂସଦ ଅନନ୍ତ ନାୟକ ଉଦଘାଟନ କରିବା ସହ ତାଙ୍କ ଉଦଘାଟନୀ ଭାଷଣ ରେ ପ୍ରଧାନମନ୍ତ୍ରୀ ଙ୍କ ବିକଶିତ ଗ୍ରାମ ଲକ୍ଷ୍ୟ ଓ ଗରିବ ଙ୍କ ଉନ୍ନତି ପାଇଁ ସରକାର ଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଓ ଆଦିବାସୀ ଗରିବଙ୍କ ପାଇଁ ଜମି ,ଜଳ ଓ ଜଙ୍ଗଲ ର ଗୁରୁତ୍ୱ ଥିବାରୁ ଜଳ ସଂରକ୍ଷଣ ଆମ ଅଞ୍ଚଳ ପାଇଁ ଜରୁରୀ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ଓ ୱାଟର ସେଡ ଯୋଦ୍ଧା ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ପୁରସ୍କୃତ କରିଥିଲେ । ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଘଟଗାଁ ବିଡ଼ିଓ ଖଗେଶ୍ୱର ବରାଳ , ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ , ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ , ସାଂସଦ ପ୍ରତିନିଧି ଅଖିଳ ପାତ୍ର, ଭୋଲବେଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ନାୟକ , ସରାସପଶି ସରପଞ୍ଚ ଗଣେଶ୍ୱର ନାଏକ , ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ ,ଘଟଗାଁ ବ୍ଲକ ସହ କୃଷି ଅଧିକାରୀ ଅମ୍ବିକା ପ୍ରସାଦ ଦାସ , ସହକାରୀ କୃଷି ଯନ୍ତ୍ରୀ ଶିବାନୀ ମହାରଣା ,ମିଲେଟ ମିଶନ ବ୍ଲକ ସଂଯୋଜୀକା ସୁବାସିନି ମହାନ୍ତ , ବିଜେପି ନେତା ସର୍ବଶ୍ରୀ ଅମର ସିଂହ,ଜିତେନ୍ଦ୍ର ପଲେଇ , ରାମଚନ୍ଦ୍ର ସାହୁ , ଇନ୍ଦ୍ରମଣି ମହାନ୍ତ ଓ ସଞ୍ଜୟ ସାହୁ ପ୍ରମୁଖ ମାନ୍ୟଗଣ୍ୟ ଅତିଥି ଓ ବିଭାଗୀୟ ପଦାଧିକାରୀ କାର୍ଯ୍ୟକ୍ରମ ରେ ସାମିଲ ଥିଲେ। ଜଳ ବିଭାଜିକା ସହ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ ଓ ବନମାଳୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଉଦ୍ୟାନ ବିଭାଗ , କୃଷି ବିଭାଗ ଓ ମିଲେଟ୍ ମିଶନ ପକ୍ଷରୁ ଖାଦ୍ୟ ମେଳା ଷ୍ଟଲ ଖୋଲା ଯାଇଥିଲା। ଭ୍ୟାନ ରେ ଜଳ ସଂରକ୍ଷଣ ବାର୍ତ୍ତା ଦିଆଯିବା ସହ କଟକର ନବଶକ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ର କଳାକାର ମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଓ ସଚେତନତା ନୃତ୍ୟ ପରିବେଷଣ କରାଯାଇଥିଲା।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ବିମାରାଶି ପ୍ରଦାନ

ସିମୁଳିଆ ୭/୩(ନି.ପ୍ର): ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ କରାଯାଇଛି । ସୁଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଜାମ୍ବୁଝାଡ଼ି ପଞ୍ଚାୟତର ଜାମ୍ବୁଝାଡ଼ି ଗ୍ରାମର ଅଚ୍ୟୁତ ପ୍ରଧାନ ୨୦୨୪ମସିହା ଜୁଲାଇ ୨୪ତାରିଖରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୟୁନିୟନ ବ୍ୟାଙ୍କ ଜାମ୍ବୁଝାଡ଼ି ଶାଖା ବ୍ୟାଙ୍କରେ ବାର୍ଷିକ ୨୨୮ଟଙ୍କା ବିମାରାଶି ଦେଇ ବୀମା କରିଥିଲେ । ଚିକିତ୍ସିତ ଅବସ୍ଥାରେ ସେହି ବର୍ଷ ନଭେମ୍ବର ମାସରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ସ୍ତ୍ରୀ ଶାନ୍ତିଲତା ପ୍ରଧାନଙ୍କୁ ରଖିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ୟୁନିୟନ ବ୍ୟାଙ୍କ ପକ୍ଷରୁ ଜାମ୍ବୁଝାଡ଼ି ଶାଖା ବ୍ୟାଙ୍କ ପରିସରରେ ମାର୍କୋଣା ଶାଖା ପରିଚାଳକ ରାଜୀବ ମୁନିସ ଦୁଇ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହି ଅବସରରେ ଆର.ଏମ ସଂଜୟ କୁମାର ନାୟକ, ବିସି ପଏଣ୍ଟ କର୍ମଚାରୀ ଭୋଲାନାଥ ପାଡି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ଅଭିଯୋଗ

ସିମୁଳିଆ ୭/୩(ନି.ପ୍ର): ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକଳ୍ପ ଆସିଥିବା ବେଳେ, ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିବା ଜଣାଯାଇଛି । ସୁଚନାରୁ ପ୍ରକାଶ ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତର ରିଆ ଗ୍ରାମର ମାର୍କୋଣା ବସଷ୍ଟାଣ୍ଡ ଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ୮ ଓ ୧୦ନଂ ୱାର୍ଡରେ ଦୀର୍ଘବର୍ଷ ହେବ ଗୋପବନ୍ଧୁ ନଗର ନାମରେ ନାମିତ କରି ବହୁ ପରିବାର ରହି ଆସୁଛନ୍ତି। ମାତ୍ର ସରକାରଙ୍କ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ ହୋଇ ପଡିଛି । ଖାଲୁଆ ଜାଗା ହୋଇଥିବା ଯୋଗୁଁ ଜଳ ନିଷ୍କାସନ ସୁବିଧା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବନ୍ୟା ପ୍ଲାବିତ ହୋଇଥାଏ । ଏଥି ସହିତ ମୁଖ୍ୟ ରାସ୍ତାଠାରୁ ଶାଖା ରାସ୍ତା ଓସାରିଆ, ଆଲୋକ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ଗୋପବନ୍ଧୁ ନଗରକୁ ଆଦର୍ଶ ଗ୍ରାମ ଅନୁମୋଦନ, ଏକ ଉଦ୍ୟାନନିମନ୍ତେ ଦାବି ସହ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ । ରାଜ୍ୟ ସରକାରଙ୍କ ବିକଶିତ ଯୋଜନାରେ ଏହି ପ୍ରକଳ୍ପକୁ ସ୍ଥାନିତ କରିବାକୁ ନିବେଦନ କରିଛନ୍ତି । ସରପଞ୍ଚ କମଳାକାନ୍ତ ନାୟକ ସେ ସ୍ଥାନ ପରିଦର୍ଶନ କରି ତୁରନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି ।

## ରାମଣ୍ଡା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୁଗୁଡା ୭/୩(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ରାମଣ୍ଡକ୍ଷ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମାର୍ଚ୍ଚ ୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପେନ୍ଦ୍ର ନାହାକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋରଂଜନ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକରାବାଡି ଉ. ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଗୌଡ଼ ଯୋଗ ଦେଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ କାଳୀଚରଣ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ମିଳିଥିବାରୁପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷୟତ୍ରୀ ରଶ୍ମିତା କୁମାରୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ଦାସ କାର୍ଯକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

## ମୋଷ୍ଟ ୱାଣ୍ଟେଡ ହାତୀ ଦାନ୍ତ ବେପାରୀ ଗିରଫ, ଜଣେ ଫେରାର

ମଦନପୁର ରାମପୁର ୭/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବନ ବିଭାଗ ଜଣେ ହାତୀ ଦାନ୍ତ ବେପାରୀ ତଥା ମୋଷ୍ଟ ୱାଣ୍ଟେଡ କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା କଟକ ଜିଲ୍ଲା ଦୁର୍ଗା ପ୍ରସାଦ ଗାଁର ଗୋପବନ୍ଧୁ ମହାଲିକ ଓରଫ୍ ବାବୁଲି ବୋଲି ଜଣାପଡିଛି। ବାବୁଲି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ନିକଟସ୍ଥ ମଟୋଗଣ୍ଡା ଗାଁରେ ଥିବା ଏକ କାବାଡି ଗୋଦାମରେ ରହୁଥିବା ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ବାବୁଲିକୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ତାର ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ବାବୁଲି ଜଣେ ମୋଷ୍ଟ ୱାଣ୍ଟେଡ ଥିଲା। ତା ନାଁରେ ରାଜ୍ୟର ବିଭିନ୍ନ ରେଞ୍ଜ ରେ ଏକାଧିକ ମାମଲା ରହିଛି । ସେ ବିଭିନ୍ନ ସମୟରେ ହାତୀ ଶିକାର ସହିତ ହାତୀ ଦାନ୍ତ ବେପାରରେ ସାମିଲ ରହୁଥିଲା। ୨୦୨୧ ମସିହାରେ ଆଠଗଡ ବନ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ ରୁ ଫେରି ପୁଣି ବେପାର କରୁଥିବା ବନ ବିଭାଗ ସୂଚନା ଦେଇଛି । ସେ ୫ବର୍ଷ ହେଲା ବନ ବିଭାଗ ସ୍କାନରରେ ଥିବା ବେଳେ ଚତୁରତାର ସହ ଚକମା ଦେଖେଇ ଫେରାର ହେବାରେ ସଫଳ ହେଉଥିଲା । ହେଲେ ଆଜି ମଦନପୁର ରାମପୁର ବନ ବିଭାଗ ତାକୁ ଗିରଫ କରିଛି।

# ଦେଉକୁଣ୍ଡି ଓ କାଣ୍ଡସରରେ ସାଗୁନ ବାହା ପାରାବ୍ ଅନୁଷ୍ଠିତ



ଜାମଦା ୭/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ସାନ୍ତାଳୀ ସମାଜ ଗାଁ ଗୁଡ଼ିକରେ ମହା ଆଡମ୍ବରରେ ବାହା ପର୍ବ ପାଳିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସାନ୍ତାଳୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ। ପ୍ରାଚୀନ କାଳରୁ ପ୍ରଚଳିତ ଏହି ପୂଜା ତଥା ଉତ୍ସବରେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ରୀତିନୀତିରେ ଶାଳ ଫୁଲ, ମହୁଲ ଫୁଲ ଆଦିକୁ ବିଭିନ୍ନ ଦେବୀ ଓ ଦେବତାଙ୍କ ଜାହିରାପୀଠରେ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ସୁଖ, ଶାନ୍ତି ଓ ଯଶପ୍ରାପ୍ତି ହୋଇଥାଏ ବୋଲି ଏମାନଙ୍କ ମଧ୍ୟରେ ବହୁ ବିଶ୍ୱାସ ରହିଛି। ପୂଜା ଶେଷରେ ନାୟକେ ବାବାଙ୍କଠାରୁ ଦେବୀ ଦେବତାଙ୍କ ଠାରେ ଅର୍ପଣ କରାଯାଇଥିବା ଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି। ପୂଜା ପରେ ଏଠାରେ ଭୋଜି ଭାତ ସହ ନାଚ, ଗୀତର ଆସର ଜମିଥାଏ। ଏଥିରେ ଆଦିବାସୀ ସମ୍ପ୍ରଦାୟର ସମସ୍ତ ଜନସାଧାରଣ, ବହୁ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଶୀର୍ବାଦ ସ୍ୱରୂପ ମହୁଲ ଓ ଶାଳ ଫୁଲ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜାମଦା ବ୍ଲକ ଦେଉକୁଣ୍ଡି ଗାଁ ର ଦିଶମ ଜାହେର ଗାଳର ନାୟକେ ବାବା ବୁଧୁରାଏ ହାଁସଦାଃ,ସହଯୋଗୀ ପୂଜକ ଜଗନାଏକ ସିଂଗ୍ରାଏ ହାଁସଦାଃ,ମାଝୀ ବାବା ରାମଚନ୍ଦ୍ର ମାର୍ଣ୍ଡି,ସହଯୋଗୀ ବାବା ଦୁଲାରାମ୍ ହାଁସଦାଃ ଏବଂ କାଣ୍ଡସର ଗାଁ ର ନାଏକ ବାବା ଦାସମାତ୍ ଟୁଡୁ,ମାଝୀବାବା ଅନନ୍ତ ଚରଣ ସୋରେନ୍,ଜଗବାବା ଛୋଟୁ ଟୁଡୁ,ଭୀମ ସୋରେନ୍,ରାଜେନ୍ଦ୍ର ଟୁଡୁ,ପପିନ ଟୁଡୁ,ବଙ୍ଗାଳୀ ଟୁଡୁ ପ୍ରମୁଖ ଉପସ୍ଥିତ ରହିଥିଲେ ।ଉକ୍ତ ଦୁଇ ଗାଁ ର ସାଗୁନ ବାହା ପାରାବ୍ କାର୍ଯ୍ୟକ୍ରମରେ ଓଡ଼ିଶା ୟୁଏସ୍ଆଇ ସଂଗଠକ ପିକେ ଶତପଥୀ ଉପସ୍ଥିତ ରହି ତାଙ୍କ ନାଚ ପ୍ରଦର୍ଶନ କରି ପରମ୍ପରାକୁ ଉଜ୍ଜୀବୀତ କରି ରଖିଥିବାରୁ ଅପ୍ରମିତ ସାଧୁବାଦ ଅର୍ପଣ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଗାଁ ର ମହିଳାମାନେ ଦାଣ୍ଡଦୁଆର,ଘର କାନ୍ଥ ଗୁଡ଼ିକକୁ ସ୍ୱଚ୍ଛ କରି ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରିଥିଲେ ଏବଂ ଜାହିରା ଓ ଗାଁ ଦାଣ୍ଡରେ ନାଚ ପ୍ରଦର୍ଶନ କରିଥିଲେ ।

## ଗ୍ରାମୀଣ ଯୁବ ଚାଷୀ ଙ୍କୁ ନେଇ ସାତ ଦିନିଆ ଦକ୍ଷତା ବିକାଶ ଶିବିର ଅନୁଷ୍ଠିତ



ଗୁଣପୁର ୭/୩(ନି.ପ୍ର): ରାୟଗଡ଼ା ଜିଲ୍ଲାର ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ଠାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୫ ଜଣ ଯୁବକ ଓ ଯୁବତୀ ଙ୍କୁ ନେଇ ୭ ଦିନିଆ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ସମନ୍ୱିତ ଉପାୟରେ ରୋଗ ପୋକ ନିୟନ୍ତ୍ରଣ କରି ଚାଷୀର ଖର୍ଚ୍ଚ କମ କରିବା ଏହି ପ୍ରଶିକ୍ଷଣ ଶିବିର ର ମୁଖ୍ୟ ଲକ୍ଷ ଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାଜୀବ ଟୁଡୁ ଚାଷି ମାନଙ୍କୁ ସମନ୍ୱିତ ଉପାୟରେ ରୋଗ ପୋକ ନିୟନ୍ତ୍ରଣ , ଅନ୍ତ ଫସଲ , ଯନ୍ତା ଫସଲ ଚାଷ , ରୋଗ ଓ ପୋକ ଚିହ୍ନଟ ଏଂ ତାର ପରିଚାଳନା ଆଦି ବିଷୟରେ ବିସ୍ତୃତ ଭାବରେ ଶିକ୍ଷା ଦେଇଥିଲେ । ବୈଜ୍ଞାନିକ ନାରାମ ରାମୁ ଚାଷୀ ମାନଙ୍କୁ ଜୈବିକ ଉପାୟରେ ରୋଗ ପୋକ ନିୟନ୍ତ୍ରଣ , ହାଣ୍ଡି ଖତ , ଜିବାମୃତ , ନିମାସ୍ତ୍ର , ବ୍ରହ୍ମାସ୍ତ୍ର , ଆଗ୍ନେୟାସ୍ତ୍ର ଆଦି ପ୍ରସ୍ତୁତି ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିଥିଲେ । ଉଦ୍ୟାନ କୃଷି ବୈଜ୍ଞାନିକା ଡ଼ଃ ଅନନ୍ଦିତା ରାୟ ରୋଗପୋକ ସହନଶୀଳ ନୂଆ କିସମ ଓ ତାର ଚାଷ ପଦ୍ଧତି ବିଷୟରେ ଶିକ୍ଷା ଦେଇଥିଲେ । ଗୋଟିଏ ଦିନ ଚାଷିମାନଙ୍କୁ କ୍ଷେତ୍ର ପରିଦର୍ଶନରେ ନିଆଯାଇଥିଲା । ସେଠାରେ ସେମାନେ ଯନ୍ତା ଫସଲ ଚାଷ ସହ ଜୈବିକ ଉପାୟରେ କିପରି ରୋଗ ପୋକ ପରିଚାଳନା କରାଯାଇଛି ଦେଖିଥିଲେ । ଅନ୍ତିମ ଦିବସରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକା ସୁସ୍ମିତା ମହାନ୍ତି ପରିବର୍ତ୍ତନଶିଳ ଜଳବାୟୁରେ ସମନ୍ୱିତ ଉପାୟରେ କିପରି ରୋଗ ପୋକ ପରିଚାଳନା କରାଯାଇପାରିବ ସେ ବିଷୟରେ ଚାଷିଙ୍କୁ ବୁଝାଇବା ସହ ସମସ୍ତ ଯୁବ ଚାଷୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଚାଷିମାନେ କମ୍ ଖର୍ଚ୍ଚରେ କିପରି ରୋଗ ପୋକ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରି, ନିଜ କ୍ଷେତରେ ତାହା ପ୍ରୟୋଗ କରିବା ସହ ଗ୍ରାମର ଅନ୍ୟ ଚାଷିମାନଙ୍କୁ ମଧ୍ୟ ଏ ବିଷୟରେ ବୁଝାଇବୁ ବୋଲି କହିଥିଲେ ?। ତେବେ ସାତଦିନବ୍ୟାପି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିର ଯୁ ଚାଷୀ ମାନଙ୍କୁ କେତେ ସହାୟକ ହେବ ଦେଖିବାକୁ ବାକି ରହିଲା ।

## କେଶରାପଲ୍ଲୀରେ ବିଶ୍ୱଶାନ୍ତି ପଞ୍ଚ ମହା ଯଜ୍ଞ ଉଦଯାପିତ



ବେଲଗୁଣ୍ଠା ୭/୩(ନି.ପ୍ର): ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ ଗ୍ରାମରେ ମାଆ ଦଣ୍ଡକାଳୀଙ୍କ ନୂତନ ବିଗ୍ରହ ସହିତ ମନ୍ଦିର ପ୍ରତିଷ୍ଠା ଏବଂ ଶ୍ରୀ ରଘୁନାଥଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ତିନିଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି ଓ ଏହି ଅବସରରେ ଗ୍ରାମରେ ଅଖଣ୍ଡ ନାମଯଜ୍ଞ,ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଗୋ ଯଜ୍ଞ ଅନୁଷ୍ଠିତ ହୋଇଥିଲା ଓ ଏହି ପଞ୍ଚ ମହା ଯଜ୍ଞ ଦେଖିବା ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗୁଥିବା ବେଳେ ପ୍ରସାଦ ସେବନ ପାଇଁ ଆନନ୍ଦ ବଜାରରେ ଏବଂ ବିଭିନ୍ନ ଦୋଳିର ମଜା ଉଠାଇବା ପାଇଁ ମୀନା ବଜାରରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା ଓ ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାଙ୍ଗପୁର ପୋଲିସ୍ ବାହିନୀ ଭିଡ଼ ନିୟନ୍ତ୍ରଣ କରିବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ ଓଗ୍ରାମ୍ୟ ସଭାପତି ଅଭିମନ୍ୟୁ ପ୍ରଧାନ, ଯୁଗଳ କିଶୋର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଗୌଡ଼, ସୀମାଞ୍ଚଳ ବିଷୋୟୀ, ସୁଦାମା ଖଟାଇ, ବୃନ୍ଦାବନ ବିଷୋୟୀ, ଲଡୁ କିଶୋର ବିଷୋୟୀ, ବାଳକୃଷ୍ଣ ବିଷୋୟୀ, ଦିଲ୍ଲିପ୍ ବିଷୋୟୀ, ଜୟରାମ ବିଷୋୟୀ, ଶଙ୍କର ସ୍ୱାଇଁ, ମାନସ କୁମାର ବିଷୋୟୀ,ସୁଦର୍ଶନ ଗୌଡ଼, ମନୋଜ ଗୌଡ଼, ଅଶୋକା ଗୌଡ଼, ଭଗବାନ ଗୌଡ଼ ପ୍ରମୁଖଙ୍କ ସମେତ କେଶରପଲୀ ଗ୍ରାମବାସୀ ସହଯୋଗ କରିଥିଲେ।

## ସ୍ୱର୍ଗତ ବନମାଳୀ ନାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର ଅନୁଷ୍ଠିତ

ନିମାପଡା,୭/୩(ନି.ପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ଗହ୍ମାରିପଦା ନାୟକ ସାହିର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବନମାଳୀ ନାୟକଙ୍କ ଏକାଦଶାହ ଅବସରରେ ଆଜି ଏକ ରକ୍ତଦାନ ଶିବିର, ବୃକ୍ଷ ଚାରା ବଂଟନ ଏବଂ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ନାୟକଙ୍କ ପରିବାର ଏବଂ ଆତ୍ମୀୟସ୍ୱଜନମାନେ ଏହି ରକ୍ତଦାନ ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। କଟକସ୍ଥିତ ଓଡିଶା ରକ୍ତ ଭଣ୍ଡାରର କର୍ମଚାରୀମାନେ ଏଥିରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ସେହିପରି ପ୍ରତ୍ୟେକ ରକ୍ତଦାତାମାନଙ୍କୁ ପରିବାର ପକ୍ଷରୁ ଏକ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ସଂଧ୍ୟା ସମୟରେ ସ୍ୱର୍ଗତ ବନମାଳୀ ନାୟକଙ୍କ ସ୍ମୃତିରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜିବୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ନାୟକଙ୍କ ପରିବାର ପକ୍ଷରୁ ରାଜ କିଶୋର ନାୟକ, ବିକ୍ରମ ନାୟକ, ବ୍ରଜବଂଧୁ ନାୟକ, ସଂଗ୍ରାମ ନାୟକ, ସଂଯୁକ୍ତା ନାୟକ, ପୁରୀ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାଉପସଭାନେତ୍ରୀ ବାସଛି ନାୟକ, ମାୟାଧର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଫାଇନାନ୍ସ କମ୍ପାନି କର୍ମଚାରୀଙ୍କୁ ଅପହରଣ ମାମଲାରେ ଫେରାର୍ ରାଜାକୁ ଗିରଫ କଲା ଗାଙ୍ଗପୁର ପୋଲିସ୍

ବେଲଗୁଣ୍ଠା ୭/୩(ନି.ପ୍ର): ଗତ ଜାନୁୟାରୀ ମାସରେ ଜଣେ ଚମଡ଼ା ବ୍ୟବସାୟୀ ଏବଂ ତିନିଜଣ ଫାଇନାନ୍ସ କମ୍ପାନି କର୍ମଚାରୀଙ୍କୁ ଅପହରଣ କରି ସେମାନଙ୍କୁ ଅକଥନୀୟ ଅତ୍ୟାଚାର ସହିତ ମୁଣ୍ଡ ଜାମିନ୍ ମାମଲାରେ ପୋଲିସ୍ ହେପାଜତରୁ ଫେରାର୍ ରାଜାକୁ ଆଜି ଗିରଫ କରିଛି ଗାଙ୍ଗପୁର ପୋଲିସ୍ ଓ ସୂଚନା ପ୍ରକାରେ ଗତ ଜାନୁୟାରି ମାସରେ ଚିକିଟି ସବ୍ଡିଭିଜନ୍ କେ.ନୂଆଁ ଗାଁ ଥାନା ଅଞ୍ଚଳରେ କଟକ ଗୋବିନ୍ଦ ପୁରର ବ୍ରହ୍ମାନନ୍ଦ ପାତ୍ର, ତୁଳସୀ ପୁର ଅଞ୍ଚଳର ଅହମ୍ମଦ ଖାନ୍, ଭୁବନେଶ୍ୱର ଗଡ଼ ନହରକଣ୍ଟାର ଅମରଜିତ୍ ସାମନ୍ତ ଦିଲ୍ଲୀର ରବୀନ୍ଦ୍ର କୁମାରଙ୍କୁ ଅପହରଣ କରି ନିର୍ଯ୍ୟାତନା ଦେବା ସହିତ ଦୁଇକୋଟି ଟଙ୍କାର ମୁଣ୍ଡ ଜାମିନ୍ ରଖିଥିଲେ ଦୁର୍ବୃତ୍ତ ଓ ଏହି ମାମଲାରେ କେ ନୂଆଁ ଗାଁ ଥାନାରେ ୪୧/୨୫ ରେ ମାମଲା ରୁଜୁ କରାଯାଇ ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମର ଭରତ ଗୌଡ଼ଙ୍କ ପୁଅ ରାଜେଶ୍ ଗୌଡ଼ ଓରଫ ରାଜା (୨୪) ଙ୍କ ସମେତ ଅନ୍ୟ ଆସାମୀ ମାନଙ୍କୁ ଗିରଫ କରିଥିଲା ଗାଙ୍ଗପୁର ପୋଲିସ୍ ଓ କିନ୍ତୁ ରାଜେଶ୍ କୌଶଳ କ୍ରମେ ପୋଲିସ୍ ହେପାଜତରୁ ଫେରାର୍ ହୋଇଯାଇଥିଲା ଓ ପୋଲିସ୍ ଲଗାତାର୍ ରାଜେଶ୍ ର ଗତିବିଧି ଉପରେ ନଜ଼ର ରଖିବା ସହିତ ତାର ସମ୍ପର୍କୀୟ ମାନଙ୍କ ମୋବାଇଲ୍ କୁ ଟ୍ରାକ୍ କରି ରାଜେଶ୍ ସମ୍ପର୍କରେ ଖବର ସଂଗ୍ରହ କରିଥିଲା ଓ ଆଜି ଗାଙ୍ଗପୁର ଥାନା ଅନ୍ତର୍ଗତ ପର୍ଶୁଲୁଣ୍ଡା ନିକଟରେ ରାଜେଶ୍ ବୁଲୁଥିବା ବେଳେ ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି ଗାଙ୍ଗପୁର ପୋଲିସ୍ ବାହିନୀ ରାଜେଶ୍ କୁ କାବୁ କରି ଗିରଫ କରିବା ସହିତ ତା ନିକଟରୁ ଏକ ମୋବାଇଲ୍ ଏବଂ ନଗଦ ସାତ ହଜାର ଟଙ୍କା ଜବତ କରିଥିବା ସୂଚନା ଦେଇଛନ୍ତି ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ।

## ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟର ୫୦୦୦ ଟଙ୍କା ପ୍ରଦାନ

ବରଗଡ଼ ୭/୩(ନି.ପ୍ର): ମହିଳା ସଶକ୍ତି କରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆଜି ଏକ କୋଟି ସୁଭଦ୍ରା ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟର ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମଧ୍ୟମରେ ଉଦଘାଟନ କରିବା ସହ ରାଜ୍ୟ ମୁଖ୍ୟାଳୟ ରୁ ପାଣ୍ଠି ବଣ୍ଟନ ପାଇଁ ବଟନ୍ ଦବାଇଥିଲେ ।ଏହି କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲାରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମଧୁଛନ୍ଦା ସାହୁ ଏବଂ ଡିଏସ୍ଡବ୍ଲୁଓ ସନ୍ଧ୍ୟା ରାଣୀ ନେପାକଙ୍କ ସମେତ ଅନେକ ସୁଭଦ୍ରା ହିତାଧିକାରୀ,ସମାଜସେବୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଜିଲ୍ଲା ମୁଖ୍ୟାଳୟର ଓସଓ୍ୱାନ୍ ହଲ୍ରୁ ଏହି ସମାରୋହକୁ ଆଭାସୀ ମଧ୍ୟମରେ ଯୋଗ ଦେଇଥିଲେ ।ସୂଚନାଯୋଗ୍ୟକି, ବର୍ତ୍ତମାନ ସୁଦ୍ଧା ବରଗଡ଼ ଜିଲ୍ଲାରୁ ମୋଟ ୩,୯୫, ୩୫୨ ଜଣ ଆବେଦନକାରୀଙ୍କ ମଧ୍ୟରୁ ୩,୫୧, ୫୪୨ ଜଣ ହିତାଧିକାରୀ ପ୍ରଥମ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇ ସାରିଛନ୍ତି।

## ଦାଣ୍ଡ ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଓ ସାଂସ୍କୃତିକ ଉତ୍ସବ



ସିମୁଳିଆ ୭/୩(ନି.ପ୍ର): ମାର୍କୋଣା ପଂଚାୟତର ଦାଣ୍ଡ ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଓ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ଜଗନ୍ନାଥ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସିମୁଳିଆ ବ୍ଲକ ଅଧିନସ୍ଥ ମାର୍କୋଣା ପଂଚାୟତ ର ଦାଣ୍ଡ ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଓ ସାଂସ୍କୃତିକ ଉତ୍ସବ କୁସୁନଖାର୍ଜୀ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପଣ୍ଡା ଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ସିମୁଳିଆ ପଂଚାୟତ ସମିତି ଅଧକ୍ଷ ବାବାଜୀ ଚରଣ ମଲ୍ଲିକ,ସମ୍ମାନିତ ଅତିଥି ଭାବେ ମାର୍କୋଣା ପଂଚାୟତର ସରପଞ୍ଚ କମଳାକାନ୍ତ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ବେହେରା,ଶ୍ରୀନିବାସ ଧଳ, ସିଆରସିସି ରତ୍ନାକର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଧାନାଥ ପତି,ଉପସଭାପତି ଗୀତାଞ୍ଜଳି ଭୋଇ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ.। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠିତ ହୋଇଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟତ୍ରୀ ଦୀପିକା ସ୍ୱାଇଁ ଅତିଥି ପରିଚୟଦେଇଥିବା ବେଳେ ଧନ୍ୟବାଦ ଦେଇଥିଲେ ପ୍ରଭାତୀ ନାୟକ । ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବୁଗୁଡା ୭/୩(ନି.ପ୍ର):ଶ୍ରୀ ଶ୍ରୀ ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ(ସୁନାରି) ସମାଜ,ଘୁମୁସର ତାଲୁକା ସଭାପତି କେ.ମନୋଜ ଅଚାରୀ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରାଝୋଳ ର ମିଳିତ ଆନୁକୂଲ୍ୟରେ, ସାଇଟସେଭରସ ଇଣ୍ଡିଆ ସହଯୋଗ ରେ ଗାଡି ଚାଳକ(ଡ୍ରାଇଭର)ମାନଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୁଗୁଡା ବ୍ଲକର ବାଲିପଦର ସୁନାରି ସମାଜ କୋଠାଘର ଠାରେ,ମୋଟ ୬୦ ଜଣଙ୍କ ଆଖି ପରୀକ୍ଷା କରାଯାଇ ୩୫ ଜଣଙ୍କୁ ମାଗଣା ରେ ଚଷମା ପ୍ରଦାନ କରାଯାଇଥିଲା। ଏଥିସହ ବୁଗୁଡା ବ୍ଲକର ଶଙ୍କୁରୁ ଓ କାନକୁଟୁରୁ ଗ୍ରାମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ୪୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ୧୩ ଜଣଙ୍କ ଅପରେସନ ପାଇଁ ଚିହ୍ନଟ କରାଯାଇଥିଲା। ଶିବିର ପରିଚାଳକ ଚିତ୍ରସେନ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ହସପିଟାଲର କର୍ମଚାରୀଙ୍କ ସହଯୋଗରେ ଏହି ତିନି ସ୍ଥାନରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

## ଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିବ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟର 'ସମର୍ଥ' ଛାତ୍ରୀବୃତ୍ତି



ଭବାନୀପାଟଣା ୭/୩(ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ନାରୀ ଶିକ୍ଷାର ବିକାଶ ପାଇଁ କଲ୍ୟାଣୀ ଟ୍ରଷ୍ଟ, ଭବାନୀପାଟଣାସ୍ଥିତ ଶିକ୍ଷାନୁଷ୍ଠାନ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ମାଧ୍ୟମରେ କାର୍ଯ୍ୟ କରି ଆସୁଛି। କିଛିଲୋକଙ୍କ ନାରୀ ଶିକ୍ଷା ପ୍ରତି ପାତରଅନ୍ତର ନୀତି ତଥା ଅର୍ଥବାଧକ ଯୋଗୁଁ କିଛି ଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ନାରୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅନୁଷ୍ଠାନର ଜନସମ୍ପର୍କ ଅଧିକାରୀ (ଚଜଙ) ମାନେ ଘର ଘର ଯାଇ ବୁଝାଇଥାନ୍ତି। ଛାତ୍ରୀଙ୍କ ଶିକ୍ଷାରେ ଆର୍ଥିକ ସମସ୍ୟା ଦୂର କରିବା ପାଇଁ 'ସମର୍ଥ' ଛାତ୍ରୀବୃତ୍ତି, ମେଧାବୀ ଛାତ୍ରୀଙ୍କୁ ଦେଇ ଆସୁଛୁ ବୋଲି ଅନୁଷ୍ଠାନର ପରିଚାଳନା କମିଟି ଅଧକ୍ଷା ଶ୍ରୀମତୀ ନମିତା ସାହୁ ମହାବିଦ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। +୨ ଅଧକ୍ଷା ଶ୍ରୀମତୀ ଦୀପା ସାହୁଙ୍କ ଆହ୍ୱାନରେ ଆୟୋଜିତ ଏହି ସଭାରେ 'ସମର୍ଥ' ସଂଯୋଜିକା ଅଧ୍ୟାପିକା ଜ୍ୟୋର୍ତିମୟୀ ବେହେରା ଏହି ବିଷୟରେ ଅଧିକ ସୂଚନା ଦେଇ କହିଛନ୍ତି ଯେ :- ଏହି ମାସର ୯ ତାରିଖ ରବିବାର ସକାଳ ୯ଟାରେ ମହାବିଦ୍ୟାଳୟ ପରିସରରେ ଏକ ୫୦ମାର୍କର ଲିଖିତ ଓ ୩୦ମାର୍କର ମୌଖିକ ପରୀକ୍ଷା ଆୟୋଜିତ ହେବ। ଏଥିରେ ଯୋଗ୍ୟ ବିବେଚିତ ଛାତ୍ରୀମାନଙ୍କୁ ବର୍ଷକୁ ୯୯,୦୦୦ ଟଙ୍କା, ଦୁଇବର୍ଷକୁ ମୋଟ ୧,୯୮,୦୦୦ ଟଙ୍କାର ଛାତ୍ରୀବୃତ୍ତି ପ୍ରଦାନ କରାଯିବ ଯାହାଫଳରେ ଛାତ୍ରୀମାନେ ମାଗଣାରେ ରହିବା, ଖାଇବା ସହ ପାଠପଢି ପାରିବେ। ସାମ୍ବାଦିକ ସମ୍ମିଳନୀକୁ ଅଧ୍ୟାପିକା ହିମାଦ୍ରୀ ମହାରଣା ସହଯୋଗ କରିଥିଲେ।

## ନିଗମାନନ୍ଦ ପରମହଂଶ କଦମ୍ବପାଟଣା ଶାଖା ସଂଘ ର ବାର୍ଷିକୋତ୍ସବ ଅନୁଷ୍ଠିତ

ନିମାପଡା ୭/୩(ନି.ପ୍ର): ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ସରସ୍ୱତୀ ଦେବ ଙ୍କ ଭାବଧାରା ରେ ପ୍ରତିଷ୍ଠିତ କଦମ୍ବ ପାଟଣା ଶାଖା ସଂଘ ର ୬ଷ୍ଠ ବାର୍ଷିକୋତ୍ସବ ଏକ ଭାବମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବ ରେ କେନ୍ଦ୍ର ପ୍ରତିନିଧି ଡ଼କ୍ଟର କୁଳମଣୀ ପରିଡ଼ା ସଭାପତିତ୍ୱ କରିଥିଲେ। ଶ୍ରୀ ଶ୍ରୀ ଠାକୁର ଙ୍କ ଭାବଧାରା ରେ ଯଥାରୀତି ପ୍ରତୀକ୍ଷା, ଆବାହନୀ,ମଙ୍ଗଳ ଆଳତୀ, ସ୍ତୋତ୍ର ବନ୍ଦନା, ଶାସ୍ତ୍ର ପାଠ ସହିତ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଆସାମ ବଙ୍ଗୀୟ ସାରସ୍ୱତ ମଠ ର ଟ୍ରଷ୍ଟି ମହେଶ୍ୱର ସ୍ୱାଇଁ, ବଣହରା ଶାଖା ସଂଘ ର ନଳିନୀ ଭାଇ, ସିରେଇ ଶାଖା ସଂଘ ର ବିଜୟ ଭାଇ, ନିମାପଡ଼ା ଶାଖା ସଂଘ ର ବିବେକ ବାବା, ଛବିନ୍ଦ୍ର ଭାଇ ପ୍ରମୁଖ ଶ୍ରୀ ଶ୍ରୀ ଠାକୁର ଙ୍କ ଭାବଧାରା ସମ୍ପର୍କ ରେ ଆଲୋକପାତ କରିଥିଲେ। ରତ୍ନାକର ଭାଇ, ତ୍ରିଲୋଚନ ଭାଇ, ମଙ୍ଗୁ ଭାଇ,ମିନତୀ ମା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଭାବମୟ ଉତ୍ସବ ରେ କଦମ୍ବପାଟଣା ଶାଖା ସଂଘ ର ସଭାପତି ହରି ଭାଇ,ସଂପାଦକ ଜୟରାମ ଭାଇ,ପୂଜକ ଚିନ୍ମୟ ଭାଇନା, ରବୀନ୍ଦ୍ର ଭାଇ, ପ୍ରଭାକର ଭାଇ, ଉଷା ମା,ମଞ୍ଜୁ ମା, ରୀନା ମା, ତିଳୋତ୍ତମା ମା,ଜ୍ୟୋତି ମା, ଜ୍ୟୋସ୍ନା ମା ପ୍ରମୁଖ ସହଯୋଗ କରିଥିଲେ।

# ସମବାୟ କ୍ଷେତ୍ର ଉପରେ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୭/୩: ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ୩ୟ ରାଜ୍ୟସ୍ତରୀୟ ସମବାୟ ଉନ୍ନୟନ (ଏସସିଡିସି) କମିଟି ବୈଠକ ଆଜି ଅପରାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ପ୍ରସ୍ତୁତି ସଂପର୍କିତ ଆଲୋଚନା କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ମିଳିତ ଜାତିସଂଘ ସାଧାରଣ ସଭାରେ ୨୦୨୫କୁ ଆନ୍ତର୍ଜାତିକ ସମବାୟ ବର୍ଷ (ଆଇଓ୍ୱାଇସି) ଭାବେ ଘୋଷଣା କରାଯାଇଛି । "ଉତ୍ତମ ବିଶ୍ୱ ଗଠନରେ ସମବାୟ" ଶୀର୍ଷକ ଆଧାରରେ ଏହି ବର୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କାର୍ଯ୍ୟକାରିତାରେ ବୈଶ୍ୱିକ ଆହ୍ୱାନର ସମାଧାନରେ ସମବାୟ ମଡେଲର ଗୁରୁତ୍ୱ ରହିଛି । ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ ଦେଶରେ ଆଇଓ୍ୱାଇସି – ୨୦୨୫ ର ଶୁଭାରମ୍ଭ କରିସାରିଛନ୍ତି । ଭାରତ ସରକାରଙ୍କ ସମବାୟ ମନ୍ତ୍ରାଳୟ ବର୍ଷ ସାରା ବିଭିନ୍ନ ରାଜ୍ୟରେ ଏହା କିପରି ପାଳନ କରାଯିବ, ସେଥିପାଇଁ ରାଜ୍ୟମାନଙ୍କୁ ମାର୍ଗଦର୍ଶିକା ଜାରି କରିଛନ୍ତି । ବୈଠକରେ ଓଡ଼ିଶାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ପରିପ୍ରେକ୍ଷୀରେ ରାଜ୍ୟ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଚଳିତ ମାର୍ଚ୍ଚ ୨୦୨୫ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଗ୍ରାମ୍ୟ ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, କୃଷି ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । କୃଷି ଓ କୃଷକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମବାୟ କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ଓ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ୨୦୨୫ ବର୍ଷରେ ପ୍ରତି ମାସରେ ରାଜ୍ୟ, ଜିଲ୍ଲା ଓ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ କାର୍ଯ୍ୟ ଯୋଜନା ଉପସ୍ଥାପନ କରାଯାଇଥିଲା ।



ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସର୍ବୋଚ୍ଚ କମିଟିର ମୁଖ୍ୟ ରହିଛନ୍ତି । ଓଡ଼ିଶାରେ ଉତ୍ସବ ପାଳନ ପାଇଁ ଏକ ଆକ୍ସନ ପ୍ଲାନ୍ ଉପସ୍ଥାପିତ ହୋଇଛି । ଏହି ସର୍ବୋଚ୍ଚ କମିଟି ରାଜ୍ୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ, ଏବଂ ମାର୍ଗଦର୍ଶନ କରିବ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମବାୟ ଉନ୍ନୟନ ସମିତି (ଏସସିଡିସି) ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟକାରିତା ତଦାରଖ କରିବ । ଗଠିତ ଜିଲ୍ଲାସ୍ତରୀୟ ସମବାୟ ଉନ୍ନୟନ କମିଟି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକର ତଦାରଖ, ସହଯୋଗ ଏବଂ ମାର୍ଗଦର୍ଶନ କରିବ । ଯୋଜନା କାର୍ଯ୍ୟକଳାପଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ବ୍ୟାପକ ଗଣମାଧ୍ୟମ ଯୋଜନା ପ୍ରସ୍ତୁତ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ବର୍ଷସାରା ବିଭିନ୍ନ ମାସରେ ସମବାୟର ବିକାଶ ଉପରେ ଆଲୋଚନା ଚକ୍ର, କର୍ମଶାଳା, ବୈଠକ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା ଆୟୋଜନ କରାଯିବ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ, ବିତର୍କ, କୁଇଜ୍ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମଗୁଡ଼ିକରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଆୟୋଜନ, ସମବାୟ ସମ୍ବନ୍ଧିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ, ଗ୍ରାମ ପଂଚାୟତ ଓ ଗ୍ରାମ ସ୍ତରରେ ପଥପ୍ରାନ୍ତ ନାଟକ ଆଦି ଆୟୋଜନ, ସମବାୟ ସମ୍ପର୍କରେ ସୂଚନା , ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ସମବାୟ ସମିତି ଦ୍ୱାରା ":ସମବାୟ ରଥ" ପରିଭ୍ରମଣ ,ସମବାୟ କାର୍ଯ୍ୟକ୍ରମ ବୃଦ୍ଧି ଏବଂ ସଦସ୍ୟତା ବୃଦ୍ଧି ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କୃଷକ ଶିବିର ଆୟୋଜନ କରାଯିବ । ସମବାୟ ସମିତିଗୁଡ଼ିକୁ ବହୁମୁଖୀ ସଂଗଠନରେ ପରିଣତ କରିବା ପାଇଁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ । ଉତ୍ତମ ପ୍ରଦର୍ଶନ କାରୀ ସମବାୟ ସମିତିକୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା, ମଡେଲ ପ୍ୟାକ୍ସ ଉଦଘାଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ବର୍ଷସାରା ଅନୁଷ୍ଠିତ ହେବା ସଂପର୍କରେ ସମବାୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା ।

## ଲୁଚାଉଛନ୍ତି ମଦ୍ୟପାନ ଜନିତ ଦୁର୍ଘଟଣା



ଭୁବନେଶ୍ୱର,୭/୩: ଦୁର୍ଘଟଣା ଘଟାଉଥିବା ମଦୁଆ ଗାଡିଚାଳକମାନେ ଅଧିକାଂଶ ସ୍ଥାନରେ ଖସିଯାଉଛନ୍ତି । ଗତବର୍ଷ ରାଜ୍ୟରେ ୬ହଜାରରୁ ଅଧିକ ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ମଦୁଆ ଗାଡିଚାଳକଙ୍କ ଯୋଗୁଁ ମାତ୍ର ୪୬ଟି ଦୁର୍ଘଟଣା ଘଟିଥିବା ଦର୍ଶାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଅର୍ଥାତ୍ ୨୦୨୫ରେ ରାଜ୍ୟରେ ମୋଟ୍ ୬୩୨୭ଟି ସଡକ ଦୁର୍ଘଟଣା ଘଟିଛି । ଏହିଦୁର୍ଘଟଣା ମଧ୍ୟରୁ ୯୧୮ଟି ଦ୍ରୁତ ଗାଡିଚାଳନା ଯୋଗୁଁ ଘଟିଥିବାବେଳେ ୧୦୫୨ଟି ବେପରୁଆ ଗାଡି ଚାଳନା ଓ ୪୬୭୭ଟି ଦୁର୍ଘଟଣା ଅନ୍ୟାନ୍ୟ କାରଣ ଯୋଗୁଁ ହୋଇଛି । ତେବେ ଏହି ଦୁର୍ଘଟଣା ମଧ୍ୟରେ ମାତ୍ର ୪୬ଟି ମଦ୍ୟପାନ ଯୋଗୁଁ ହୋଇଥିବା ଦର୍ଶାଯାଇଛି । ବିଶେଷଜ୍ଞମାନଙ୍କ ମତରେ ଅନ୍ୟାନ୍ୟ ଦୁର୍ଘଟଣା ଦର୍ଶାଯାଉଥିବା ଅନେକ ଦୁର୍ଘଟଣା ମଦ୍ୟପାନ ଯୋଗୁଁ ଘଟୁଛି । ତେବେ ବୀମା ରାଶି ପାଇବାପାଇଁ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ନିଶାସେବନ ଜନିତ ଦୁର୍ଘଟଣାକୁ ଲୁଚାଇ ଦିଆଯାଉଛି । କାରଣ ଯଦି ଦୁର୍ଘଟଣାର କାରଣ ମଦ୍ୟ କିମ୍ବା ଅନ୍ୟାନ୍ୟ ନିଶା ସେବନ ବୋଲି ଉଲ୍ଲେଖ କରାଯିବ ତେବେ ଗାଡି ମାଲିକଙ୍କୁ ବୀମାରାଶି ମିଳିବ ନାହିଁ । ତେଣୁ ମଦୁଆ ଗାଡିଚାଳକମାନେ ସହଜରେ ଖସିଯାଉଛନ୍ତି କିମ୍ବା କୌଣସି ପ୍ରକାରେ ଏମାନେ ଘଟାଉଥିବା ଦୁର୍ଘଟଣାକୁ ଲୁଚାଇ ଦିଆଯାଉଛି । ଉଲ୍ଲେଖନୀୟ ଯେ ମଦୁଆ ଚାଳକଙ୍କ ଯୋଗୁଁ ଗାଡି ଦୁର୍ଘଟଣାକୁ ନେଇ ଚିନ୍ତିତ ପ୍ରଶାସନ ବହୁ ସମୟରେ ରାସ୍ତାଘାଟରେ ମଦୁଆ ଚାଳକ ଧରା ଅଭିଯାନ ଚଳାଉଛନ୍ତି । ଗାଡି ଅଟକାଯାଇ ବ୍ରିଥ୍ ?ଆନାଲାଇଜର ଜରିଆରେ ଚାଳକଙ୍କ ନିଶାସେବନ ପରୀକ୍ଷା କରାଯିବା ସହିତ ମୋଟା ଅଙ୍କର ଜୋରିମାନା ବି ଆଦାୟ ହେଉଛି । ଏଥି ସହିତ ନିଶା ସେବନ କରି ଗାଡି ନଚଳାଇବାପାଇଁ ଲୋକଙ୍କୁ ସଚେତନ କରିବାପାଇଁ ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି । ଚାଳକମାନେ ମଦ୍ୟପାନ କରି ଗାଡି ଚଳାଇବା ଦୃଷ୍ଟିକୁ ଆସିବାପରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ରାଜପଥ ନିକଟରୁ ମଦ ଦୋକାନଗୁଡିକୁ ଦୂରକୁ ଉଠାଇ ନେବାପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଅନେକ ମଦ ଦୋକାନ ରାଜପଥ ପାଶ୍ୱର୍ରୁ ଦୂରକୁ ଉଠିଯାଇଥିବାବେଳେ ରାଜଧାନୀ ଭଳି କେତେକ ସ୍ଥାନରେ ରାଜପଥର କିସମ ବଦଳାଇ ଦିଆଯାଇଛି । ଦୁର୍ଘଟଣାର ଅନ୍ୟତମ କାରଣ ନିଶା ସେବନ ବୋଲି ସଡକ ସୁରକ୍ଷା ବିଶେଷଜ୍ଞଙ୍କ ମତ ଠାରୁ ଆରମ୍ଭକରି ନିଶା ନିବାରଣ କର୍ମୀମାନେ ଖୋଲାଖୋଲି ମତ ଦେଉଛନ୍ତି । ସଭା ସମିତିରେ ମଧ୍ୟ ଏ ନେଇ ମତପ୍ରକାଶ ପାଉଛି । ଏତେ ସବୁ ସତ୍ତ୍ୱେ ୬ହଜାରରୁ ଅଧିକ ଦୁର୍ଘଟଣା ମଧ୍ୟରେ ମଦ୍ୟପାନ ଜନିତ ଦୁର୍ଘଟଣା କିଭଳି ଭାବେ ୪୬ ରହିଲା ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ମଦୁଆ ଡ୍ରାଇଭର ଓ ଗାଡି ମାଲିକଙ୍କୁ ସୁରକ୍ଷା ଦେବାପାଇଁ ଯେଉଳି ଭାବେ ତଥ୍ୟରେ ହେରଫେର କରାଯାଉଛି ତାହା ଆଗାମୀ ଦିନପାଇଁ ସଡକରେ ବଡ ବିପଦକୁ ନିମନ୍ତ୍ରଣ କରୁଛି ବୋଲି ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି ।

# ମୃତ୍ୟୁ ଅପେକ୍ଷାରେ 'ଅଳକା': ବ୍ରିଟିସ୍ ଅମଳରେ ଚାଲୁଥିଲା ବୋଟ୍, ଖର୍ଚ୍ଚ ହୋଇଥିଲା ୧୩ କୋଟି

ଜଗତସିଂହପୁର,୭/୩: ଯେଉଁ ନଈରେ ଦିନେ ବ୍ରିଟିସ୍ ଶାସକଙ୍କ ବୋଟ୍ ଚାଲୁଥିଲା, ନଈ କୂଳରେ ୧୦୩ ବର୍ଷ ତଳେ ଦେଶର ଦ୍ୱିତୀୟ ସାବରମତୀ ଆଶ୍ରମ କୁହାଯାଉଥିବା 'ଅଳକାଶ୍ରମ' ଗଢ଼ି ଉଠିଥିଲା, ସେହି ଐତିହାସିକ ଅଳକା ନଦୀ ଏବେ ମୃତ୍ୟୁକୁ ଅପେକ୍ଷା କରିଛି । ମୁହାଣ ବନ୍ଦ ହୋଇଯିବା ପରେ ମୃତ ଅବସ୍ଥାକୁ ଚାଲି ଆସିଥିବା ଅଳକା ଏବେ ଅନେକ ସ୍ଥାନରେ ଖୋଜିଲେ ବି ମିଳୁନି । ଏହି ଐତିହାସିକ ନଦୀର ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ପୂର୍ବାପେକ୍ଷା ଆହୁରି ଦୟନୀୟ ଅବସ୍ଥାକୁ ଚାଲି ଆସିଛି । ଏକ ନିର୍ଦ୍ଦିଷ୍ଟ ବନ୍ଧ କରାଯାଇଥିବା ବେଳେ ୫୦ରୁ ଅଧିକ ସ୍ଥାନରେ ଜବରଦଖଲ କରାଯାଇ ନିର୍ମାଣ ମଧ୍ୟ ହେଲାଣି । ପୁନରୁଦ୍ଧାର ମହାଦୁର୍ନୀତିକୁ ନେଇ ବିଧାୟକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅଭିଯୋଗ ଉଠିଥିଲେ ବି ଏଯାଏଁ ତାହାର ତଦନ୍ତ ବି ଆରମ୍ଭ ହେଉନାହିଁ । ତଥ୍ୟ ଅନୁଯାୟୀ ୧୬୩୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଜଗତସିଂହପୁରକୁ ଆସିଥିଲେ । ମରିଚିକୋଟ ଦେଇ ବାଲିକୁଦାରେ ପହଞ୍ଚିବା ପରେ ଅଳକା ନଦୀ ବାଟେ ଜଗତସିଂହପୁର ସହରରେ ପହଞ୍ଚିଥିଲେ । ଏଠାରେ ସୂତାକଳ ବସାଇ ୭ ବର୍ଷ ପର୍ଯ୍ୟନ୍ତ ବ୍ୟବସାୟ କରିଥିଲେ । ଅଳକା ନଦୀ ଦେଇ କଞ୍ଚାମାଲ,ସୂତା, ପୋଷାକ ବୋଟ୍ ମାଧ୍ୟମରେ ସମୁଦ୍ର ପର୍ଯ୍ୟନ୍ତ ଯାଉଥିଲା ବୋଲି ବ୍ରିଟିସ୍ ନାବିକ ବ୍ରୁଟନ୍ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ୧୦୩ ବର୍ଷ ପୂର୍ବେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନ୍ତୁଡ଼ିଶାଳ କୁହାଯାଉଥିବା ଅଳକାଶ୍ରମ ଏହି ନଦୀ କୂଳରେ ଗଢ଼ା ଯାଇଥିଲା । ବିଶ୍ୱ ଇତିହାସରେ ଅଳକା ନଦୀର ସ୍ୱତନ୍ତ୍ର ପରିଚୟ ରହିଛି । ଜିଲ୍ଲାର ସର୍ବ ପୁରାତନ ଏସ୍‌ଭିଏମ୍ କଲେଜ ଓ ଅଳକା କଲେଜ ଏହି ନଦୀ କୂଳରେ ଗଢ଼ି ଉଠିଥିଲା । ଏହି ନଈକୂଳରେ ଜଗତସିଂହପୁର ସହର ଗଢ଼ି ଉଠିଥିଲା । ଜଗତସିଂହପୁର ବ୍ଲକର ଅର୍ଦ୍ଧାଧିକ ଅଞ୍ଚଳ, ନାଉଗାଁ, ବାଲିକୁଦାର ଜୀବନରେଖା ପାଲଟିଥିଲା ଅଳକା ନଈ । ଚାଷ ସହ ମତ୍ସ୍ୟଜୀବୀମାନେ ଏହା ଉପରେ



ନିର୍ଭର କରି ଗୁଜରାଣ ମେଣ୍ଟାଉଥିଲେ । କିନ୍ତୁ ନଅଙ୍କ ଦୁର୍ଭିକ୍ଷ ପରେ ପରେ ଯେତେବେଳେ ତାଳଦଣ୍ଡା ଓ ଏହାର ଶାଖା ମାଛଗାଁ କେନାଲ ଖୋଳା ଯାଇଥିଲା ସେତେବେଳେ ଅଳକା ନଦୀର ଉତ୍ପତ୍ତିସ୍ଥଳ ମୁହଁ ବନ୍ଦ ହୋଇ ଯାଇଥିଲା । ଜଳପ୍ରବାହ କମିବା ପରେ ଜବରଦଖଲ ଆରମ୍ଭ ହୋଇଥିଲା । ଏପରକି ନଈର ବିଭିନ୍ନ ସ୍ଥାନରେ ଲୋକ ଜବରଦଖଲ କରି ନିଜ ନାଁରେ ପଟ୍ଟା କରାଇ ନେଇଥିଲେ । ଏବେ ଅଳକା ନଦୀଗର୍ଭରେ ଗାଲୁପଡ଼ା ପୋଲ ଠାରୁ କଣ୍ଟାପଡ଼ା ପର୍ଯ୍ୟନ୍ତ ଶହ ଶହ କୋଠା ତିଆରି ହୋଇ ସାରିଲାଣି । ଅଳକା ପୁନରୁଦ୍ଧାର ପାଇଁ ଖନନ ବେଳେ ଏହା ସ୍ପଷ୍ଟ ହୋଇଥିଲେ ବି ତହସିଲ ଓ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇପାରି ନଥିଲେ । ଏଭଳି ସ୍ଥିତିରେ ଅଳକା ନଦୀ ଜୀବନ ପାଇବ କଣ ମୂଳରୁ ମରିଗଲା । ମାଟି ତଳେ ପୋତି ହୋଇଗଲା କୋଟି କୋଟି ଟଙ୍କା । ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇଥିଲେ । ନକ୍ସା ଅନୁସାରେ ଖନନ ହୋଇ ନ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମାନିଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ଏଯାଏଁ ନିରବ ରହିବା ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି କରିଛି । ୨୦୨୧ରୁ ଅଳକା ଖନନ ଆରମ୍ଭ ହୋଇଥିଲା । ଅଶିଲୋରୁ ବାଲିକୁଦା ମେଡିକାଲ ପର୍ଯ୍ୟନ୍ତ, ବାଲିକୁଦା ମେଡିକାଲ ପାଖରୁ ଓଡ଼ିଶୋ ଓ ତୃତୀୟ ପର୍ଯ୍ୟାୟ ଓଡ଼ିଶୋରୁ ଉତ୍ପତ୍ତିସ୍ଥଳ ବୀରବରପାଟଣା ପର୍ଯ୍ୟନ୍ତ ଖୋଳାଯାଇଥିଲା । ନଦୀର ପ୍ରସ୍ଥକୁ ଅତି କମରେ ୩୨ ଫୁଟ ପର୍ଯ୍ୟନ୍ତ ଖୋଳିବାକୁ ଯୋଜନା ଥିଲା । କିନ୍ତୁ କେତେକ ସ୍ଥାନରେ ଆଦୌ ଖୋଳାଯାଇ ନାହିଁ । କେବଳ ନଦୀଗର୍ଭରେ ଥିବା ବାଲିକୁ ପକାଇ ବନ୍ଧ କରାଯାଇଛି । ଯେଉଁଠି ଜବରଦଖଲ ହୋଇଛି ସେଠାରେ ନଦୀ ଗତିପଥକୁ ବଦଳାଇ ଦିଆଯାଇଛି । କିନ୍ତୁ ଅଳକା ମହାଦୁର୍ନୀତିକୁ ମିଳିମିଶି ଚାପି ଦିଆଯାଇଛି ।

## ଲଘୁ ଖଣିଜ ପଦାର୍ଥ ବେଆଇନ କାରବାରକୁ ରୋକ

ଭୁବନେଶ୍ୱର , ୭/୩: ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନଫରେନ୍ସିଂ ଯୋଗେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରିଥିଲେ । ଆଲୋଚିତ ଅନ୍ୟାନ୍ୟ ବିଷୟ ମଧ୍ୟରେ ଲଘୁ ଖଣିଜ ପଦାର୍ଥର ବେଆଇନ ଖନନ ମାମଲା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । ରାଜ୍ୟରେ ସମସ୍ତ ବେଆଇନ ଖଣି ଖନନ ଓ ପରିବହନକୁ ରୋକିବା ପାଇଁ ପ୍ରବର୍ତ୍ତନ ଅଭିଯାନକୁ ବ୍ୟାପକ କରିବାକୁ ସମସ୍ତ ଜିଲ୍ଲା କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବେଆଇନ୍ ? ବାଲି ଓ ପଥର ଖାଦାନରେ ଚଢ଼ାଉ କରିବା, ଉତ୍ସସ୍ଥଳରେ ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥି ?ସହିତ ଇ-ଟ୍ରାନଜିଟ୍ ପାସ୍ ବିନା, ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠି ବେଆଇନ ଖଣିଜ ପରିବହନରେ କୌଣସି ଗାଡ଼ି ସମ୍ପୃକ୍ତ ବୋଲି ପ୍ରାଥମିକ ସ୍ତରରେ ପ୍ରମାଣିତ ହୁଏ, ସେଠାରେ ସେହି ବାହନକୁ ଆଇନ ଅନୁଯାୟୀ ତୁରନ୍ତ ଜବତ କରାଯିବ । ଜିଲ୍ଲାପାଳ ଓ ଏସପି ମିଳିତ ଭାବେ ପ୍ରବର୍ତ୍ତନ ଅଭିଯାନ ପାଇଁ ରଣନୀତି ସ୍ଥିର କରିବେ । ଉପଖଣ୍ଡ ସ୍ତରୀୟ ଟିମ୍ ଏବଂ ରାଜସ୍ୱ, ଖଣି, ପୋଲିସ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଗଠିତ ତହସିଲସ୍ତରୀୟ ଟିମ୍ ପ୍ରବର୍ତ୍ତନ କାର୍ଯ୍ୟ କରିବେ । ବାଲି, କଳାପଥର ଆଦିର ନୂତନ ଉତ୍ସ ଗୁଡ଼ିକର ସର୍ଭେ କରି ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କର ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂତନ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି । ଏହି ନୂତନ ଉତ୍ସଗୁଡିକ ପାଇଁ ଜିଲ୍ଲା ସର୍ଭେ ରିପୋର୍ଟ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ପ୍ରସ୍ତୁତ କରାଯିବ ଏବଂ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଉତ୍ସଗୁଡିକ ନିଲାମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ସଇରାତ ଉତ୍ସ ସଂଖ୍ୟା ବୃଦ୍ଧି କରିବା, ଯାହା ଫଳରେ ଲଘୁ ଖଣିଜ ପଦାର୍ଥର ଉପଲବ୍ଧତାକୁ ସହଜ କରିବ । ଏହାଦ୍ୱାରା ବେଆଇନ ଖଣି ଖନନକୁ ରୋକିବାରେ ସାହାଯ୍ୟ ହେବ ଏବଂ ଲଘୁ ଖଣିଜ ପଦାର୍ଥର ମୂଲ୍ୟକୁ କମା ଯାଇପାରିବ ।

## ଚାକିରି ବିକ୍ରି ରୋକିବା ଦାବିରେ ଯୁବ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ



ଭୁବନେଶ୍ୱର,୭/୩: ଚଳିତମାସ ୮ ଓ ୯ ତାରିଖରେ ଓଡ଼ିଶା ପୁଲିସ ଏସ୍‌ଆଇ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ନିଯୁକ୍ତି ପାଇଁ ପରୀକ୍ଷା ହେବ । ଆଇଟିଆଇ ସଂସ୍ଥା ଜରିଆରେ ରିଚ୍‌ମାଇଣ୍ଡ ଡିଜିଟାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହି କମ୍ପାନିର କଳା କାରନାମା ସଂପର୍କରେ ଦେଶବାସୀ ଜାଣିଥିବାରୁ ଅଧିକାଂଶ ପଦବି ବିକ୍ରି ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ସରକାରୀ ଚାକିରି ବିକ୍ରି ଉପରେ ରୋକ ଲଗାଇବା ଦାବିରେ ଆଜି ଯୁବ କଂଗ୍ରେସ ପକ୍ଷରୁ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଛି । ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଓଡ଼ିଶା ପୁଲିସର ଏହି ନିଯୁକ୍ତି ପାଇଁ ଟେଣ୍ଡର ହାସଲ କରିଥିଲା । ଗତବର୍ଷ ଏହି ସଂସ୍ଥା ପ୍ରତି ଆବେଦନକାରୀ ପିଛା ୨୬୬ ଟଙ୍କାରେ ଟେଣ୍ଡର ଚୂଡ଼ାନ୍ତ ହୋଇଥିବା ବେଳେ ଏବର୍ଷ କିଭଳି ୨୪୭ ଟଙ୍କା କମ୍‌ରେ ରାଜ୍ୟ ସରକାରଙ୍କଠାରୁ ଟେଣ୍ଡର ପାଇଲା ଦରଦାମ୍ ୭% ହାରରେ ବଢୁଥିବା ବେଳେ ଆଇଟିଆଇ କମ୍ପାନି ୬.୪% କମ୍ ହାରରେ ଟେଣ୍ଡର ପାଇଛି । ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହାସହ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା ପାଇଁ ରିଚ୍‌ମାଇଣ୍ଡ ଡିଜିଟାଲ ଲିମିଟେଡ୍ ଭଳି କମ୍ପାନିକୁ ସବ୍ କଣ୍ଟ୍ରାକ୍ଟ ଦେଇଛି । ଏହା ଗୁଜରାଟର ଏକ ଦୁର୍ନୀତିଖୋର ଓ ଅସାଧୁ ସଂସ୍ଥା । କାରଣ ରିଚ୍‌ମାଇଣ୍ଡ ଡିଜିଟାଲ ଓଡ଼ିଶାରେ ପୂର୍ବରୁ ଯେଉଁସବୁ ପରୀକ୍ଷା କରିଥିଲା ସେଥିରେ କୋଟି କୋଟିର ଦୁର୍ନୀତି ହୋଇଥିବାର ଅଭିଯୋଗ ରହିଛି । ତେଣୁ ଓଡ଼ିଶାରେ ପରୀକ୍ଷା ଆୟୋଜନ ପୂର୍ବରୁ ଅଧିକାଂଶ ପଦବି ବିକ୍ରି ହେବା ପାଇଁ ଷଡ଼୍‌ଯନ୍ତ୍ର ହୋଇସାରିଥିବା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ବିକ୍ଷୋଭରେ ୟାସିର ନୱାଜ, ମହମ୍ମଦ ଇନଦାଦ, ନିହାର ବେହେରା, ସୁଦୀପ ସାମଲ, ଗୋପନ ମାର୍ଥା, ଉଦିତ ପ୍ରଧାନ, ସ୍ୱାଗତ କର, ମହମ୍ମଦ ପରଭେଜ, ସ୍ପନ୍ଦନ ସ୍ୱାଇଁ ଓ ବାଦଲ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

ସୁନ୍ଦରଗଡ଼,୭/୩: ପରକୀୟା ପ୍ରୀତି ସନ୍ଦେହ କରି ସ୍ତ୍ରୀକୁ ହତ୍ୟା ଅଭିଯୋଗ ହୋଇଛି । ନୃଶଂସ ସ୍ୱାମୀ ଇଟାରେ ଛେଚି ସ୍ତ୍ରୀକୁ ହତ୍ୟା କରିଥିବା ଜଣାଯାଇଛି । ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ମଙ୍ଗଳ ଓରାମ ଓ ମୃତା ତାର ସ୍ତ୍ରୀ ଏମେନ ଓରାମ । ସୁନ୍ଦରଗଡ଼ ଟାଉନ ଥାନା ଭବାନୀପୁର ରଜାମୁଣ୍ଡାରେ ଘଟିଛି ଏଭଳି ଅଭାବନୀୟ ଘଟଣା । ନୃଶଂସ ସ୍ୱାମୀ ଇଟାରେ ଛେଚି ସ୍ତ୍ରୀକୁ ହତ୍ୟା କରିଥିବା ଜଣାଯାଇଛି । ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ମଙ୍ଗଳ ଓରାମ ଓ ମୃତା ତାର ସ୍ତ୍ରୀ ଏମେନ ଓରାମ । ପର ପୁରୁଷ ସହ ସ୍ତ୍ରୀର ସମ୍ପର୍କ ରହିଥିବା ସନ୍ଦେହ କରି ହତ୍ୟା ହୋଇଥିବା ସ୍ପଷ୍ଟ ହୋଇଛି ।

# ସୁନ୍ଦରଗଡ଼ରେ ବେଫିକର ବାଲି ମାଫିଆ: ଦିନ ଦିପହରେ ଲୁଟୁଛନ୍ତି ବାଲି

ସୁନ୍ଦରଗଡ଼,୭/୩: ବାଲି ଚାଲାଣକୁ ନେଇ ରାଉରକେଲାରେ ଗୁଳି ଫୁଟିବା ପରେ ଚେତିଛନ୍ତି ସରକାର । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ ବାଲି ଓ ପଥର ଚୋରି ରୋକିବାକୁ ତତ୍ପରତା ଦେଖାଇ ଗଠନ କରିଛି ପାନପୋଷ ଉପଖଣ୍ଡସ୍ତରୀୟ ଏନ୍‌ଫୋର୍ସମେଣ୍ଟ ଟିମ୍ । କେବଳ ୪ଟି ବ୍ଲକ୍‌ରେ ଏହି ଟିମ୍ ବେଆଇନ ଖାଦାନ ଓ ବାଲିଘାଟ ଉପରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏଭଳି ସ୍ଥିତିରେ ସୁନ୍ଦରଗଡ଼ରେ ବେଫିକର ବାଲି ମାଫିଆଙ୍କୁ ସାବାଡ଼ କରିବାକୁ କେବେ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ ହେବ, ତାକୁ ନେଇ ପ୍ରଶ୍ନ ଉଠିଛି । କାରଣ ରାଉରକେଲା ପରେ ସୁନ୍ଦରଗଡ଼ରେ ବାଲି ଚୋରି ସର୍ବାଧିକ । ପ୍ରତିଦିନ ସୁନ୍ଦରଗଡ଼ର ଇବ୍ ଓ ସଫେଇ ନଦୀରୁ ଅନଧିକୃତ ବାଲି ପରିବହନ ପାଇଁ ଜେସିବି, ପୋକ୍‌ଲେନ୍, ହାଇୱା, ଟ୍ରକ୍, ଟ୍ରାକ୍ଟରର ମେଳା ଲାଗୁଛି । ଦିନ ଦ୍ୱିପ୍ରହରରେ ନଦୀଶଯ୍ୟାରୁ ଟନ୍ ଟନ୍ ବାଲି ବୋହି ନିଆଯାଉଛି । ଇବ୍ ନଦୀର ଉପରମୁଣ୍ଡରୁ ତଳମୁଣ୍ଡ ଯାଏଁ ୨୫ରୁ ଅଧିକ ବେଆଇନ ବାଲିଘାଟରୁ ବାଲି ଚାଲାଣ ହେଉଛି । ଖଣି ବିଭାଗକୁ ବାଲି ପରିଚାଳନା ଦାୟିତ୍ୱ ଆସିବା ପରେ ଗୋଟିଏ ବର୍ଷ ହେବ ଇବ୍‌ନଦୀ ବାଲିଘାଟକୁ ଲିଜ୍ ଦିଆଯାଇନାହିଁ । ଏହାର ଫାଇଦା ଉଠାଇ ବାଲି ମାଫିଆମାନେ ନଦୀପଠାରୁ ହଜାର ହଜାର ଘନଫୁଟ୍ ବାଲି ଉଠାଇ ନେଉଛନ୍ତି । ଛତିଶଗଡ଼ର କୁନକୁରିରୁ ବାହାରିଥିବା ଇବ୍‌ନଦୀ ସୁନ୍ଦରଗଡ଼ ଦେଇ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ନିକଟ ମହାନଦୀ ହୀରାକୁଦ ଜଳଭଣ୍ଡାରରେ ମିଶିଛି । ସୁନ୍ଦରଗଡ଼ ଉପରମୁଣ୍ଡ ତେଲିଯୋରଠାରୁ ଶେଷ ମୁଣ୍ଡ ଭଷ୍ମା ଯାଏଁ ୭୦ କିଲୋମିଟର ଦୈର୍ଘ୍ୟ ଇବ୍‌ନଦୀର ବାଲି ବହୁତ ସରୁ ଓ ଘର ତିଆରି ପାଇଁ ଏହାର ଚାହିଦା ଥିବାରୁ ମାଫିଆ ମାତିଛନ୍ତି । ନଦୀକୂଳ ନିକଟ ଘୋଘରର, ଗଇଲୋ, ଜାଏସର, ଡାଇଜମହୁଲ,



ଭୋଜପୁର, ଚିତାଭଙ୍ଗା, ଦରବାରଘାଟ, ଜପଙ୍ଗା, ଭଷ୍ମା, ବିଲେଇଗଡ଼, ମଙ୍ଗସପୁର ଆଦି ଅଞ୍ଚଳରେ ଥିବା ୨୫ରୁ ଅଧିକ ବେଆଇନ ବାଲିଘାଟରୁ ଦୈନିକ ଶହେରୁ ଅଧିକ ହାଇୱା ଓ ଟ୍ରକରେ ବାଲି ଚାଲାଣ ହେଉଛି । ବାଲିଘାଟ ନିଲାମ ନ ହେବା ଓ ସୁନ୍ଦରଗଡ଼ ଜିଲ୍ଲା ସଦରମହକୁମାରେ ଖଣି ବିଭାଗ କାର୍ଯ୍ୟାଳୟ ନଥିବାରୁ ବାଲିମାଫିଆ ବେଫିକର ହୋଇ ବାଲି ଉଠାଇ ଚାଲିଛନ୍ତି । ଏଥିରୁ ଟଙ୍କାଟିଏ ବି ରାଜସ୍ୱ ଜମା କରିବାକୁ ନଥିବାବେଳେ ମାଫିଆମାନେ ଏହି ବାଟରେ ବର୍ଷକୁ ଶହେ କୋଟିରୁ ଅଧିକ ଟଙ୍କା ଆୟ କରୁଥିବା କୁହାଯାଉଛି । କିଛି ମାସ ତଳେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଇବ୍‌ନଦୀରୁ ବାଲି ଚୋରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହା ସତ୍ତ୍ୱେ ବାଲି ଚୋରିରେ ଲଗାମ ଲାଗି ପାରିନାହିଁ । ଏହା ପଛର ସବୁଠାରୁ ବଡ଼ କାରଣ ହେଲା, ଜିଲ୍ଲାର ଜଣେ ପ୍ରଭାବଶାଳୀ ନେତାଙ୍କ ଖାସ୍ ସମର୍ଥକ ବାଲି ଚୋରିର ମୁଖ୍ୟ କାର୍ପଟଦାର ସାଜିଛନ୍ତି । ଯେଉଁଥି ପାଇଁ ଖଣି ବିଭାଗର ହାତ ପାଉ ନଥିବା ଅଭିଯୋଗ ହୋଇଛି । ସେପଟେ ଅନିୟନ୍ତ୍ରିତ ଭାବେ ବଢ଼ିଥିବା ବାଲି ଚୋରିକୁ ନେଇ ପୂର୍ବ ସରକାରଙ୍କ ମୁଣ୍ଡରେ ଦୋଷ ଲଦିଛନ୍ତି ନୂଆ ସରକାର । ବାଲି, ପଥର ଆଦି ଲଘୁ ଖଣିଜ ଦ୍ରବ୍ୟ ନିୟନ୍ତ୍ରଣ ବା ପରିଚାଳନା ଦାୟିତ୍ୱ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ହସ୍ତାନ୍ତର ପୂର୍ବ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଥିଲା ବୋଲି କହୁଛନ୍ତି । ତେବେ ଏ ବାବଦରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ପୂର୍ବାପେକ୍ଷା ବାଲି ଚୋରି ବହୁଗୁଣ ବଢ଼ି ଯାଇଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ